

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର, ୨୪ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 24 AUGUST 2022
Vol.No. 35 ■ No. 222 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# କେଜ୍ରିୱାଲଙ୍କ ସରକାରକୁ ଭାଙ୍ଗିବାକୁ ଚାହୁଁଛି ବିଜେପି ! ପ୍ରମାଣ ଥିବା କହିଲା ଆପ୍



ନୂଆଦିଲ୍ଲୀ, ୨୩/୦୮ : ବିଜେପି ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛି ଦିଲ୍ଲୀର କ୍ଷମତାସୀନ ଆମ୍ ଆଦମୀ ପାର୍ଟି(ଆପ୍)। ଦଲ୍ଲୀରେ ଆପ୍ ସରକାରକୁ ଭାଙ୍ଗିବା ପାଇଁ ବିଜେପି 'ଅପରେସନ ପଦ୍ମ' ଆରମ୍ଭ କରିଛି । ଏଥିପାଇଁ ଆପ୍ ?ର ବିଧାୟକମାନଙ୍କୁ ସରକାର ବିରୋଧରେ ବିଦ୍ରୋହ ଘୋଷଣା କରିବା ପାଇଁ ୫ କୋଟି ଟଙ୍କା ଲେଖାଏ ଅଫର ଦିଆଯାଉଛି। ଏହାର ପ୍ରମାଣ ଦଳ ପାଖରେ ଅଛି ଓ ଏନେଇ ଖୁବଶୀଘ୍ର ଆପ୍ ବଡ଼ ମଞ୍ଚରେ ଖୁଲାସା କରିବ ବୋଲି ଆଜି ଘୋଷଣା କରିଛି। ଦିନକ ପୂର୍ବରୁ ନୂଆ ଅବକାରୀ ନୀତୀ ଝାମେଲାରେ ଫସିଥିବା ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ବିଜେପି ବିରୋଧରେ ଗୁରୁତ୍ୱର ଅଭିଯୋଗ ଆଣିଥିଲେ। ଯଦି ସେ ଆପ୍ ଛାଡ଼ିବେ, ତା'ହେଲେ ତାଙ୍କ ନାଁରେ ସିବିଆଇ ଓ ଇଡି ରୁଜୁ କରିଥିବା ମାମଲା ପ୍ରତ୍ୟାହାର କରାଯିବ ଏବଂ ବିଜେପି ତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବ ବୋଲି ଅଫର ଦେଇଥିବା ସିସୋଦିଆ କହିଥିଲେ। ଏହାର ପ୍ରମାଣ ମଧ୍ୟ ଆପ୍ ନିଜ ପାଖରେ ରଖିଥିବା ଦାବି କରିଛି। ଏହାକୁ ନେଇ ବିବାଦ ଚାଲିଥିବା ବେଳେ ଆଜି ଆପ୍ ମୁଖପାତ୍ର ସୌରଭ ଭରଦ୍ୱାଜ କହିଛନ୍ତି, "ଆମ ବିଧାୟକମାନଙ୍କୁ ୫ କୋଟି ଟଙ୍କା ଲେଖାଏ ଅଫର ଦିଆଯାଉଛି। ହେଲେ ସରକାର ଭାଙ୍ଗିବା ପାଇଁ ବିଜେପି କରୁଥିବା ଯୋଜନାକୁ ଭଣ୍ଡୁର କରି ଦେଇଛୁ। ଏହାପୂର୍ବରୁ ମଧ୍ୟ ଥରେ ବିଜେପି ଏଠାରେ ଅପରେସନ ପଦ୍ମକୁ କାର୍ଯ୍ୟକାରୀ କରିବାକୁ ଚାହୁଁଥିଲା। କିନ୍ତୁ ଆପ୍ ଏହାକୁ କରାଇ ଦେଇ ନଥିଲା। ଏହାର ପ୍ରମାଣ ମଧ୍ୟ ରହିଛି। ଦଳ ଅନୁମତି ଦେଲେ ବଡ଼ ମଞ୍ଚରେ ବିଜେପିର ପର୍ଦ୍ଦାଫାସ କରାଯିବ। ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରୁ ତାଙ୍କ ସରକାରଙ୍କ ସଫଳତା କଥା କହୁଛନ୍ତି। ହେଲେ ବିଜେପିର ସବୁଠାରୁ ବଡ଼ ସଫଳତା ବିଷୟରେ ଏଯାଏ କହି ନାହାନ୍ତି। ଏହି ବଡ଼ ସଫଳତା ହେଲା ଅପରେସନ ଲୋଟସ ବା ଅପରେସନ ପଦ୍ମ। ଯେତେବେଳେ ରାଜ୍ୟଗୁଡ଼ିକରେ ନିର୍ବାଚନ ହୁଏ ସେତେବେଳେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ନିଜେ ପ୍ରଚାର କରନ୍ତି। ହେଲେ ନିର୍ବାଚନରେ ଲୋକମାନେ ଯେତେବେଳେ ଅନ୍ୟ କୌଣସି ଦଳକୁ ଚୟନ କରନ୍ତି ସେତେବେଳେ ଜନାଦେଶକୁ ପ୍ରଭାବିତ କରିବା ପାଇଁ ବିଜେପି ଅଫିସରେ ଷଡ଼ଯନ୍ତ୍ର କରାଯାଏ। ଅପରେସନ ଲୋଟସ ଆରମ୍ଭ ହୁଏ। ମଧ୍ୟପ୍ରଦେଶ, ଗୋଆ ଓ କର୍ଣ୍ଣାଟକାରେ ଅପରେସନ ଲୋଟସ ବେଶ ସହଜରେ କରାଯାଇଛି। ମହାରାଷ୍ଟ୍ରରେ ଅଜିତ ପାୱାରଙ୍କ ସହ ମେଣ୍ଟ କରି ବିଜେପି ବିଫଳ ହୋଇଥିଲା। ଏବେ କିନ୍ତୁ ଦଳ ସେଠାରେ ସରକାର ଭାଙ୍ଗିବାକୁ ସକ୍ଷମ ହୋଇଛି। ଦିଲ୍ଲୀରେ ସେମାନେ ଆପର ନମ୍ବର-୨ ନେତା ମନୀଷ ସିସୋଦିଆଙ୍କୁ ଟାର୍ଗେଟ କରି ଅପରେସନ୍ ଲୋଟସ୍ ଚଳାଇବାକୁ ଚେଷ୍ଟା କରିଥିଲେ। ପ୍ରଥମେ ଶିକ୍ଷା କ୍ଷେତ୍ରରେ କିଛି କରିପାରି ନଥିଲେ। ଏବେ ସେମାନେ ▶▶ପୃଷ୍ଠା ୭

# ଭିଏଲ-ଏସଆରଏସଏଏମର ସଫଳ ପରୀକ୍ଷଣ



ବାଲେଶ୍ୱର/ଭୁବନେଶ୍ୱର,୨୩/୦୮ (ନି.ପ୍ର): ଓଡ଼ିଶା ଉପକୂଳ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟି (ଆଇଟିଆର)ରୁ ମଙ୍ଗଳବାର ଭୂପୃଷ୍ଠରୁ ଆକାଶମାର୍ଗକୁ ଭୂଲମ୍ବ ମାରକ କ୍ଷମତା ବିଶିଷ୍ଟ ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର (ଭିଏଲ-ଏସଆରଏସଏଏମ)ର ସଫଳ ପରୀକ୍ଷଣ କରାଯାଇଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ନୌସେନା ଦ୍ୱାରା କ୍ଷେପଣାସ୍ତ୍ରର ଫ୍ଲାଇଟ୍ ଟେଷ୍ଟ ସଫଳତାପୂର୍ବକ ସମ୍ପନ୍ନ କରାଯାଇଥିଲା । ଫ୍ଲାଇଟ୍ ଟେଷ୍ଟ ବା ଆକାଶମାର୍ଗ ପରୀକ୍ଷଣ ସମୟରେ କ୍ଷେପଣାସ୍ତ୍ରର ଭୂଲମ୍ବ (ଭର୍ଟିକାଲ) ମାରକ କ୍ଷମତା ଜାଣିବା ଲାଗି ଚେଷ୍ଟା କରାଯାଇଥିଲା । ଆକାଶମାର୍ଗରେ ଥିବା ଏକ ଦ୍ରୁତଗାମୀ ମାନବବିହୀନ ଲକ୍ଷ୍ୟ ଉଦ୍ଦେଶ୍ୟରେ ଭାରତୀୟ ନୌସେନାର ଏକ ଜାହାଜରୁ କ୍ଷେପଣାସ୍ତ୍ରକୁ ନିକ୍ଷେପ କରାଯାଇଥିଲା । ଏହି କ୍ଷେପଣାସ୍ତ୍ରରେ ଲାଗିଥିବା ସମ୍ପୂର୍ଣ୍ଣ ସ୍ୱଦେଶୀ ରେଡିଓ ଫ୍ରିକ୍ୱେନ୍ସି (ଆରଏଫ) ସିକର ବା ଲକ୍ଷ୍ୟଭେଦ ପ୍ରଣାଳୀ ଉଚ୍ଚ ସଠିକତା ସହିତ ନିର୍ଦ୍ଧାରିତ ଲକ୍ଷ୍ୟକୁ ଧ୍ୱଂସ କରିବାରେ ସଫଳ ହୋଇଥିଲା । ଡିଆରଡିଓ ଦ୍ୱାରା ସମ୍ପୂର୍ଣ୍ଣ ସ୍ୱଦେଶୀ ପଦ୍ଧତିରେ ଭିଏଲ-ଏସଆରଏସଏଏମ ପ୍ରଣାଳୀକୁ ଡିଜାଇନ ଏବଂ ବିକଶିତ କରାଯାଇଛି। ପରୀକ୍ଷଣ ସମୟରେ, ଫ୍ଲାଇଟ୍ ଡେଟାକୁ ବ୍ୟବହାର କରି କ୍ଷେପଣାସ୍ତ୍ରର ଗତିପଥ ଏବଂ ପ୍ରଦର୍ଶନ ମାନକ ଅନୁଧ୍ୟାନ କରାଯାଇଥିଲା। ▶▶ପୃଷ୍ଠା ୭

# ଯୁକ୍ତ ୨ରେ ଏଥର ମଧ୍ୟ ହେବ ତ୍ରୈମାସିକ ପରୀକ୍ଷା



ଭୁବନେଶ୍ୱର,୨୩/୦୮ (ନି.ପ୍ର): ଯୁକ୍ତ ୨ରେ ଏଥର ମଧ୍ୟ ହେବ ତ୍ରୈମାସିକ ପରୀକ୍ଷା। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ସିଏଚ୍‌ଏସ୍‌ଇ ଅଧ୍ୟକ୍ଷଙ୍କୁ ଚିଠି ଅବଗତ କରିଛି ସ୍କୁଲ ଓ ଗଣଶିକ୍ଷା ବିଭାଗ। ୨୦୨୨-୨୩ ଶିକ୍ଷା ବର୍ଷରେ ତ୍ରୈମାସିକ ପରୀକ୍ଷା ପାଇଁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ନେଇ ଆବଶ୍ୟକୀୟ ପଦକ୍ଷେପ ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ସେପ୍ଟେମ୍ବର ୨ୟ କିମ୍ବା ୩ୟ ସପ୍ତାହରେ ଦ୍ୱାଦଶ ଶ୍ରେଣୀ ପ୍ରଥମ ତ୍ରୈମାସିକ ପରୀକ୍ଷା ହେବ। ନଭେମ୍ବରରେ ଦ୍ୱିତୀୟ ଓ ଜାନୁଆରୀରେ ତୃତୀୟ ତ୍ରୈମାସିକ ପରୀକ୍ଷା ହେବ। ଏକାଦଶ ଶ୍ରେଣୀର ତ୍ରୈମାସିକ ପରୀକ୍ଷାସୂଚୀ ପରେ ପ୍ରକାଶ ପାଇବ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ଚିଠି ପରେ ଛାତ୍ରଛାତ୍ରୀମାନେ ନିଜକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଜୁନ ୧୮ରୁ କଲେଜ୍ ଖୋଲିଥିଲେ ସୁଦ୍ଧା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତ୍ରୈମାସିକ ପରୀକ୍ଷା ହେବ ନା ନାହିଁ ସ୍ପଷ୍ଟ କରିନଥିଲା। ଫଳରେ ଛାତ୍ରଛାତ୍ରୀମାନେ ଚିନ୍ତାରେ ଥିଲେ। ଏନେଇ ଛାତ୍ରଛାତ୍ରୀମାନଙ୍କ ଅସନ୍ତୋଷ କ୍ରମେ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ତେଣୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ତ୍ରୈମାସିକ ପରୀକ୍ଷା କରାଯିବ ବୋଲି ସ୍ପଷ୍ଟ କରିଛି। ଏଥିରେ ଥିଓରୀ ପାଇଁ ୨୦ ଓ ପ୍ରାକ୍ଟିକାଲ ପାଇଁ ୧୦ ମାର୍କର ପରୀକ୍ଷା ହେବ। ଖୁବ୍ ଶୀଘ୍ର ସିଏଚ୍‌ଏସ୍‌ଇ ଏକାଦଶ ଶ୍ରେଣୀର ତ୍ରୈମାସିକ ପରୀକ୍ଷାସୂଚୀ ଡେଟ ଘୋଷଣା କରିବ ବୋଲି ସୂଚନା ମିଳିଛି।

# ୟୁରୋପକୁ ଦାଉ ସାଜିଛି ମରୁଡ଼ି : ଜଳୁଛି ଜଙ୍ଗଲ, ଶୁଖୁଛି ନଦୀ



ନୂଆଦିଲ୍ଲୀ, ୨୩/୦୮ : ୟୁରୋପରେ ଶୁଖୁଛି ନଦୀ । ୟୁରୋପ ମହାଦେଶର ବିଭିନ୍ନ ନଦୀର ଜଳସ୍ତର ଶୁଖିଯାଇଥିବା ବେଳେ ଅନେକ ଚିତ୍ର ସାମ୍ନାକୁ ଆସଛି ଯେଉଁଠି ଲାଗୁଛି ଏହା କେବଳ ମରୁଭୂମି । ଏହି ଚିତ୍ର ସବୁ ସ୍ପେନ, ଇଟାଲିର ବିଭିନ୍ନ ନଦୀର । ମରୁଡି କାରଣରୁ ଫ୍ରାନସର ବିଭିନ୍ନ ନଦୀ ଶୁଖିଲା ପଡିଛି । ଫ୍ରାନସର ବିଭିନ୍ନ ନଦୀରେ ବୁନ୍ଦାଏ ପାଣି ମଧ୍ୟ ଦେଖିବାକୁ ମିଳିନାହିଁ । ଏମିତିକି ୟୁରୋପର ସବୁଠାରୁ ବିଶାଳ ନଦୀ ଡେନ୍ୟୁବରେ ଜଳସ୍ତର ସବୁଠାରୁ ନିମ୍ନସ୍ତରରେ ପହଞ୍ଚିଛି । ଅନ୍ୟପଟେ ନଦୀ ଶୁଖିବା ପରେ ନଦୀ ଅବବାହିକାରୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ଯୁଦ୍ଧ ତୋପ ଦେଖିବାକୁ ମିଳିଛି । ଅନ୍ୟପଟେ କେଉଁ ନଦୀ କୂଳରୁ ପୁରୁଣା କାଳର ବୋମା ମିଳିଥିବା ବେଳେ ଆଉ କେଉଁଠୁ ପୁରୁଣା ଦିନର ପଥରଖଣ୍ଡ ମିଳିଛି । ଏମିତିକି ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟର ଯୁଦ୍ଧ ଜାହାଜ ମଧ୍ୟ ନଦୀର ଜଳସ୍ତର ଶୁଖିବା ପରେ ଦେଖିବାକୁ ମିଳିଛି । ୟୁରୋପର ୬୩ ପ୍ରତିଶତ ଭୂମି ମରୁଡିର ସାମନା କରୁଛି । କୁହାଯାଉଛି ଗତ ୫୦୦ ବର୍ଷରେ ସବୁଠାରୁ ବଡ ମରୁଡିକୁ ସାମନା କରୁଛି ୟୁରୋପ । ଗତ ୨ ମାସ ହେଲାଣି ୟୁରୋପରେ ବର୍ଷା ହେଉନି । ଯେଉଁଥିପାଇଁ ସ୍ଥିତି ସୁଧୁରିବାର ନାଁ ଧରୁନାହିଁ । ମରୁଡିର ଭୟାବହ ସ୍ଥିତିକୁ ସାମନା କରିଛନ୍ତି ଆମେରିକା, ଇଂଲଣ୍ଡ, ସମେତ ଅନେକ ଦେଶ । ନିକଟରେ ସାମାନ୍ୟ ବର୍ଷାରେ ବୁଡିଥିବା ବ୍ରିଟେନରେ ମଧ୍ୟ ମରୁଡିର ପ୍ରଭାବ ଦେଖିବାକୁ ମିଳିଛି । ଅନ୍ୟପଟେ ବିଭିନ୍ନ ଜଙ୍ଗଲ ମଧ୍ୟ ଜଳିବାର ସାଙ୍ଘାତିକ ଚିତ୍ର ସାମନାକୁ ଆସିଛି । ଫ୍ରାନସ ଓ ସ୍ପେନରେ ବର୍ଷା ଅଭାବରୁ ଜଙ୍ଗଲରେ ▶▶ପୃଷ୍ଠା ୭

# ଫି ଦେଇ ନଥିବାରୁ ଛାତ୍ରଛାତ୍ରୀଙ୍କୁ ବନ୍ଦୀ କଲା ଘରୋଇ ସ୍କୁଲ, ଅଭିଭାବକଙ୍କ ଧାରଣା

ଭୁବନେଶ୍ୱର,୨୩/୦୮ (ନି.ପ୍ର): ଭୁବନେଶ୍ୱରର ଘାଟିକିଆ ଅଂଚଳର ନାକା ଗେଟ୍ ନିକଟରେ ଅବସ୍ଥିତ ଥିବା ଏକ ଘରୋଇ ସ୍କୁଲରେ ମଙ୍ଗଳବାର ଦିନ ଫି' ଆଦାୟକୁ ନେଇ ସାଂଘାତିକ ଅଭିଯୋଗ ଆସିଛି। ବକେୟା ଫି' ଆଦାୟ ପାଇଁ ସ୍କୁଲ କର୍ତ୍ତୃପକ୍ଷ କିଛି ଛାତ୍ରଛାତ୍ରୀଙ୍କୁ ଲାଇବ୍ରେରୀ ରୁମରେ ବନ୍ଦ କରି ରଖିଥିବାର ଅଭିଯୋଗ ହୋଇଛି। ଘଟଣାର ପ୍ରତିବାଦରେ ଘାଟିକିଆ ସ୍ଥିତ ଘରୋଇ ସ୍କୁଲ ଆଗରେ ଅଭିଭାବକମାନେ ଧାରଣା ଦେଇଥିଲେ। ସ୍କୁଲ ଫି ନଦେବାରୁ ୩୪ ଜଣ ପିଲାଙ୍କୁ ପ୍ରାୟ ୫ ଘଂଟା ବନ୍ଦ କରି ରହିଥିବା ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି। ଭରତପୁର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ମାମଲାର ତଦନ୍ତ କରୁଥିବା ବେଳେ ସ୍କୁଲର ପ୍ରଶାସକକୁ ପୋଲିସ ଥାନାରେ ପଚରା ଉଚରା ପାଇଁ ଅଟକ ରଖିଥିବା ଜଣା ପଡ଼ିଛି। ଅଭିଭାବକଙ୍କ ଅନୁସାରେ କୋଭିଡ୍ ପରେ ସ୍କୁଲ ଖୋଲିବା ପରେ ପରେ ହଠାତ ସ୍କୁଲ ଫି' ବଢାଇ ଦିଆଯାଇଥିଲା । ଏନେଇ ଅଭିଭାବକ ଆପତି କରିବା ପରେ ସ୍କୁଲ ତରଫରୁ କୌଣସି ଉତର ଦିଆଯାଇନଥିଲା । ଛାତ୍ରଛାତ୍ରୀଙ୍କୁ ଅଟକ ରଖା ଯାଇଥିବା ଖବର ପାଇବା ପରେ ଭରତପୁର ଥାନା ପୋଲିସ ସ୍କୁଲରେ ପହଂଚିଥିଲା । ସ୍କୁଲ ଆଡମିନଙ୍କୁ ଥାନାରେ ପଚରା ଉଚରା କରାଯାଉଛି।

# କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ହାଇକୋର୍ଟକୁ ଗଲେ ପ୍ରକୃତି



ଭୁବନେଶ୍ୱର,୨୩/୦୮ (ନି.ପ୍ର): ତୃପ୍ତି- ବାବୁସାନ୍ - ପ୍ରକୃତି ବିବାଦ ମାମଲାରେ ଆଉ ଏକ ଟ୍ୱିଷ୍ଟ ଆସିଛି। ଅଭିନେତ୍ରୀ ପ୍ରକୃତି ମିଶ୍ର ତାଙ୍କ ଏତଲା ଉପରେ କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ହାଇକୋର୍ଟ ଯାଇଛନ୍ତି। ବାବୁସାନଙ୍କ ପତ୍ନୀ ତୃପ୍ତି ଓ ଶ୍ୱଶୁରଙ୍କ ନାଁରେ ଖାରବେଳ ନଗର ଥାନାରେ ଏତଲା କରିଥିଲେ ପ୍ରକୃତି । ଏ ମାମଲାରେ ପୋଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ହାଇକୋର୍ଟଙ୍କୁ ସେ ଜଣାଇଛନ୍ତି । ତୃପ୍ତି ଓ ତାଙ୍କ ବାପା ତାଙ୍କ ଉପରେ ଆକ୍ରମଣ କରିଥିବା ଏତଲାରେ ଦର୍ଶାଇଥିଲେ ପ୍ରକୃତି ମିଶ୍ର। ଏସମ୍ପର୍କରେ ପ୍ରତିକ୍ରିୟାରେ ପ୍ରକୃତି କହିଛନ୍ତି, 'ମୋ ସହ ଯାହା ହୋଇଛି ଆପଣମାନେ ସମସ୍ତେ ଜାଣନ୍ତି। ନ୍ୟାୟାଳୟ ଉପରେ ମୋର ପୂରା ଭରସା ରହିଛି। ମୋତେ ନ୍ୟାୟ ମିଳିବ ବୋଲି ମୋର ଆଶା।'

# ଶ୍ୱେତା ଆତ୍ମହତ୍ୟା ମାମଲାରେ ତାଙ୍କର ବୟଫ୍ରେଣ୍ଡ ସୌମ୍ୟଜିତ ନାଁରେ ଦଫା ୩୦୬ ଲାଗିଲା

ଭୁବନେଶ୍ୱର,୨୩/୦୮ (ନି.ପ୍ର): ବହୁଚର୍ଚ୍ଚିତ ସଫ୍ଟୱୟାର ଇଂଜିନିୟର ଶ୍ୱେତା ଆତ୍ମହତ୍ୟା ମାମଲାରେ ତାଙ୍କର ବୟଫ୍ରେଣ୍ଡ ସୌମ୍ୟଜିତଙ୍କ ନାଁରେ ଦଫା ୩୦୬ ଲଗାଯାଇଛି । ଶ୍ୱେତାଙ୍କ ବାପାଙ୍କ ଏତାଲା ଆଧାରରେ ପୋଲିସ ଏହି ମାମଲା କରିଥିବା ଜଣା ପଡିଛି । ସେ ଶ୍ୱେତାଙ୍କୁ ଆତ୍ମହତ୍ୟା କରିବାକୁ ବାଧ କରିବା ନେଇ ଦଫା ୩୦୬ ଲଗାଯାଇଛି । ପୋଲିସ - ୩୦୬ ଦଫା ଲଗାଇ ନୋଟିସ ଜାରୀ କରିଛି ।

# ଲାଂଚ ନେଇ ଢେଙ୍କାନାଳ ଲ' କଲେଜର ହେଡକ୍ଲର୍କ ଭିଜିଲାନ୍ସ ହାତରେ ଧରା ପଡିଲେ

ଭୁବନେଶ୍ୱର,୨୩/୦୮ (ନି.ପ୍ର): ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ହେଡକ୍ଲର୍କ ଉତମ କୁମାର ରାଉତ ମଙ୍ଗଳବାର ଦିନ ୮ ହଜାର ୫ ଶହ ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଜଣେ ପୂର୍ବତନ ଛାତ୍ର ଠାରୁ ସେ ଲ ଡିଗ୍ରୀ ସାର୍ଟିଫିକେଟ ପ୍ରଦାନ କରିବାକୁ ସେ ଏହି ଲାଂଚ ନେଉଥିଲେ । ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସେ ଏହି ସାର୍ଟିଫିକେଟ ଦେବାକୁ ଜଣେ ପୂର୍ବତନ ଛାତ୍ରଙ୍କ ଠାରୁ ଦଶ ହଜାର ଟଙ୍କା ଦାବି କରିଥିଲେ । ପରେ ସେ ୮ ହଜାର ୫ ଶହ ଟଙ୍କାରେ ରାଜି ହୋଇଯାଇଥିଲେ । ଏହା ପରେ ପୂର୍ବତନ ଛାତ୍ର ଭିଜିଲାନ୍ସରେ ଅଭିଯୋଗ କରିବା ପରେ ଆଜି ତାଙ୍କୁ ଧରିବାକୁ ଜାଲ ବିଛାଯାଇଥିଲା । ସେ ଲାଂଚ ନେବା ବେଳେ ଭିଜିଲାନ୍ସ ଅଧିକାରୀ ମାନେ ତାଙ୍କୁ ଧରି ନେଇଥିଲେ । ତାଙ୍କ ଠାରୁ ସବୁ ଟଙ୍କା ଜବତ କରାଯାଇଛି ।

# 'ଆପ' ଟାର୍ଗେଟରେ ବୈଜୟନ୍ତ ପଣ୍ଡା



ନୂଆଦିଲ୍ଲୀ, ୨୩/୦୮ : ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଶ ସିସୋଦିଆଙ୍କ ଘରେ ସିବିଆଇ ରେଡ୍ । ଆଉ ଏହାପରେ ଆରମ୍ଭ ହୋଇଯାଇଛି ଆପ୍ ଓ ବିଜେପି ମଧ୍ୟରେ ବିବାଦ । ବିଜେପି କିଭଳି ବିରୋଧୀଙ୍କ ମୁହଁ ଚୁପ୍ କରୁଛି ତାର ଉଦାହରଣ ଦେବାକୁ ଯାଇ ଆମ୍ ଆଦମୀ ପାର୍ଟି ଅନେକ ଗୁମର ଖୋଲିଛି । ଯେଉଁଥିରେ ଦିଲ୍ଲୀ ବିଜେପିର ପ୍ରଭାରୀ ତଥା କେନ୍ଦ୍ରାପଡାର ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡାଙ୍କ କଥା କହିଛି ଆମ୍ ଆଦମୀ ପାର୍ଟି । ପୂର୍ବରୁ ବୈଜୟନ୍ତ ପଣ୍ଡା ଅଲଗା ଦଳରେ ଥିଲେ । ପଣ୍ଡାଙ୍କ ବିରୋଧରେ ଟିକସ ଫାଙ୍କି ଏବଂ କଳାବଜାରୀ, ମନି ଲଣ୍ଡରିଂ ପରି ବିଭିନ୍ନ ମାମଲା ରହିଛି । ଆଉ ଏହି ସବୁ ମାମଲା ବନ୍ଦ କରିଦେବାର ପ୍ରତିଶ୍ରୁତି ଦେଇ ବିଜେପି ବୈଜୟନ୍ତ ପଣ୍ଡାଙ୍କୁ ବିଜେଡିରୁ ▶▶ପୃଷ୍ଠା ୭

# କମୁଛି ସୁବର୍ଣ୍ଣରେଖାର ଜଳସ୍ତର: ଗାଁରୁ ଛାଡୁନି ପାଣି, ନଈବନ୍ଧ ପାଲଟିଛି ସାହାରା

ଭୁବନେଶ୍ୱର,୨୩/୦୮ (ନି.ପ୍ର): ବାପାଙ୍କ କାନ୍ଧରେ କୁନି ଶିଶୁ । ଜଣକୁ କାନ୍ଧରେ, ଆଉ ଜଣକୁ ଛାତିରେ ଧରି ପାଣି ଘେର ଦେଇ ନଦୀବନ୍ଧକୁ ଆସୁଛି ବାପା । ଟ୍ୟୁବ ସହାୟତାରେ ଗାଁ ଦାଣ୍ଡ ପାରି ହେଉଛନ୍ତି କୁନି କୁନି ଝିଅ । ବାଲେଶ୍ୱର ଜିଲ୍ଲା ବନ୍ୟା ପ୍ରଭାବିତ ଭୋଗରାଇର ଏ ହେଉଛି ଦୃଶ୍ୟ । ଭୋଗରାଇର ବ୍ଲକର ୫୦ଟି ପଂଚାୟତ ମଧ୍ୟରୁ ୨୪ଟି ପଂଚାୟତରେ ବନ୍ୟା ପାଣି ପଶିଛି । ଘର ଅଛି ହେଲେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନାହିଁ । ଗାଁରେ, ଘରେ ଆଣ୍ଠୁଏ ଉଚ୍ଚର ପାଣି ବୋହୁଛି । ସ୍ଥିତିକୁ ଦେଖି ପରିବାର ସହ ନଦୀବନ୍ଧକୁ ଉଠି ଆସିଛନ୍ତି ଗ୍ରାମବାସୀ । ଜରିପାଲ ତଳେ ଓ ରିଲିଫ ଖାଦ୍ୟରେ ବିତୁଛି ବନ୍ୟା ବିପନ୍ନଙ୍କ ଜୀବନ । ସ୍ଥିତି ଏମିତି ହୋଇଛି ଯେ, ଜରିପାଲ ତଳେ ଗୃହପାଳିତ ପଶୁ ସହ ମଣିଷ ରହିବାକୁ ବାଧ୍ୟ ହେଉଛି । ସେପଟେ ବାଲେଶ୍ୱରର ବନ୍ୟା ପ୍ରଭାବିତ ଅଂଚଳ ବୁଲି ସ୍ଥାନୀୟ ଲୋକଙ୍କ ସମସ୍ୟା ପଚାରି ବୁଝିଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ । ଖୋର୍ଦ୍ଧା ଜିଲ୍ଲାରେ ବନ୍ୟା ସ୍ଥିତି ସଙ୍ଗୀନ ହେବାରେ ଲାଗିଛି । ଘରର ଛାତକୁ ଛୁଇଁ ପାଣି ବୋହୁଛି । ବାଧ ହୋଇ ଲୋକେ କିଏ ଛାତରେ, କିଏ ମନ୍ଦିର ଉପରେ ଆଶ୍ରୟ ନେଇଛନ୍ତି । ଓରବରସିଂ, ବ୍ରଜମୋହନପୁର, ନରଣଗଡ ପଂଚାୟତର ଅନେକ ପାଣିରେ ବୁଡି ରହିଛି । ଖାଦ୍ୟ, ପେୟଠୁ ଆରମ୍ଭ କରି ନିତ୍ୟକର୍ମ ପାଇଁ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି । ଡଙ୍ଗା ଓ ଟ୍ୟୁବ ଭେଳା ଜରିଆରେ ଲୋକେ ଯିବା ଆସିବା କରୁଛନ୍ତି । କଣାସ ବ୍ଲକର ବନ୍ୟା ପ୍ରଭାବିତଙ୍କୁ ରିଲଫ ବଂଟନକୁ ନେଇ ଉତେଜନା ଦେଖିବାକୁ ମିଳିଛି । ରେ ପକ୍ଷପାତିତା ଅଭିଯୋଗ ଆଣି ବ୍ଲକ ଆଗରେ ଧାରଣା ଦେଇଛନ୍ତି ବ୍ଲକ ଅଧ୍ୟକ୍ଷା ପ୍ରଭାତି ରାଉତ । ସେପଟେ କିଛି ଜନ ପ୍ରତିନିଧି କଣାସ ବିଡିଓଙ୍କୁ ଘେରିଯାଇ ହୋ ହଲ୍ଲା କରିଛନ୍ତି । ସେପଟେ ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି, ବନ୍ୟା ସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଫେରୁଛି । ମହାନଦୀ ସମେତ ଅନ୍ୟ ନଦୀର ସ୍ଥିତିରେ ସୁଧାର ଆସିଛି । ବିଭିନ୍ନ ନଦୀର ଜଳସ୍ତର କମୁଥିବା ବେଳେ କେବଳ ମହାନଦୀ ଅବବାହିକାର ସୃଷ୍ଟି ହୋଇଥିବା ଘାଇର ଅସ୍ଥାୟୀ ମରାମତି ଚାଲିଛି । ସୁବର୍ଣ୍ଣରେଖାରେ ଜଳସ୍ତର କମୁଥିଲେ ମଧ୍ୟ ଭୋଗରାଇ ବ୍ଲକର ତଳିଆ ଅଂଚଳରୁ ପାଣି କମୁ ନାହିଁ । ବନ୍ୟା ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନଥିବାରୁ ବନ୍ୟା ପରିସ୍ଥିତିରେ ସୁଧାର ଆସିବାରେ ଡେରି ହେବ ବୋଲି ଚର୍ଚ୍ଚା ହେଉଛି ।


ଦୈନିକ ନିରପେକ୍ଷ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

୩୩ଶ

ବାର୍ଷିକ ଉତ୍ସବ ସମାରୋହ-୨୦୨୨

ଅବଗଣନା

୪ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ସ୍ୱଚରିତ କବିତା ପାଠୋତ୍ସବ, ପ୍ରତିଭା ସମ୍ମାନ ପର୍ବ ଏବଂ ବହୁ ଆକାଂକ୍ଷିତ 'ଧ୍ୱନି ପ୍ରତିଧ୍ୱନି'ର ବାର୍ଷିକ ବିଶେଷାଙ୍କ ଉନ୍ମୋଚନ କରାଯିବ । ସମସ୍ତଙ୍କୁ ସାଦର ଆମନ୍ତ୍ରଣ ।

୨୮ ଅଗଷ୍ଟ, ୨୦୨୨, ରବିବାର @ପୂର୍ବାହ୍ନ- ୯ଟା
ସ୍ଥାନ : ଭେନିୟା ପାରାଡାଇଜ, ବାଲେଶ୍ୱର

# ଆତ୍ମସମର୍ପଣ କଲେ ୧୫୦ରୁ ଉର୍ଦ୍ଧ୍ୱ ମାଓ ସମର୍ଥକ

ମାଲକାନଗିରି,୨୩/୦୬ (ନି.ପ୍ର): ସଫଳ ହେଉଛି ସରକାରଙ୍କ ଆଂଟି ନକ୍ସଲ ଅପରେସନ । ଏକା ସାଙ୍ଗରେ ଆତ୍ମସମର୍ପଣ କଲେ ୧୫୦ ରୁ ଉର୍ଦ୍ଧ ମିଲିସିଆ ମାଓବାଦୀ । ଆତ୍ମସମର୍ପଣ ସହ ମାଓ ପୋଷାକ ଓ ପୁସ୍ତକ ପୋଡିଲେ ଖୋଦ ମାଓ ସମର୍ଥକ ।

କାମ କଲା ସରକାରଙ୍କ ଆଂଟି ନକ୍ସଲ ଅପରେସନ । ସମ୍ପୂର୍ଣ୍ଣ ଭୁଶୁଡିବାରେ ଲାଗିଛି ଲାଲ ଗଡ଼ । ମାଲକାନଗିରି ଜିଲ୍ଲାକୁ ବିଏସଏଫ ଯବାନ ଆସିବା ପରେ ଏବେ ଜିଲ୍ଲାରେ କମିବାରେ ଲାଗିଛି ମାଓ ଭୟ । ଏବେ ଏଠାକାର ଲୋକେ ଲାଲ ବାହିନୀର ହାତ ଛାଡି ସରକାରଙ୍କ ବିକାଶ ସ୍ରୋତରେ ସାମିଲ ହେଉଛନ୍ତି । ସୁରକ୍ଷା ବହିନୀଙ୍କ କୁମ୍ବିଙ୍ଗ ଯୋଗୁଁ ମାଓ ସମର୍ଥକ ମାନେ ମାଓ ସମର୍ଥନ ଛାଡି ଆତ୍ମସମର୍ପଣ କରିବାକୁ ଆରମ୍ଭ କଲେଣି । ତେବେ ଆଜି ପୁଣି ଆତ୍ମ ସମର୍ପଣ କରିଛନ୍ତି ୧୫୦ ରୁ ଉର୍ଦ୍ଧ ମାଓ ସମର୍ଥକ ।

ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଂଚଳ, ଗୁରୁପ୍ରିୟା ସେତୁ ହେବା ପରେ ପରିବର୍ତ୍ତନର ସ୍ୱାଦ ଚାଖୁଛନ୍ତି ସ୍ୱାଭିମାନି । ଦିନ ଥିଲା ଏଠି ଲାଲବାହିନୀର ଲାଲ ଆତଙ୍କରେ ପେଷି ହେଉଥିଲେ ସ୍ୱାଭିମାନି । ସେଠାରେ ଚାଲୁଥିଲା ଲାଲ ବାହିନୀଙ୍କ ନାଲି ଆଖି ଶାସନ ସହ ପ୍ରଜାକୋର୍ଟର ନିୟମ। ବିଏସଏଫ ଓ ରାଜ୍ୟ ପୋଲିସର ମିଳିତ ଉଦ୍ୟମରେ ସମ୍ପୂର୍ଣ୍ଣ ପଛଘୁଂଚା ଦେଲେଣି ଲାଲ ବାହିନୀ । କେବଳ ସ୍ୱାଭିମାନ ଅଂଚଳରେ ୭ ଟି ବିଏସଏଫ କ୍ୟାମ୍ପ ହୋଇଥିବା ବେଳେ ବିଏସଏଫ ଓ ଓଡିଶା ପୋଲିସର ଘନ ଘନ କୁମ୍ବିଙ୍ଗ ଅପରେସନ ଲାଲ ବାହିନୀର ମେରୁଦଣ୍ଡକୁ ଭାଙ୍ଗିଦେଇଛି । ତେଣୁ ଆଜି ଜାନବାଇ ଗ୍ରାମ ଠାରେ ରାଲେଗେଡା ଓ ଧୂଳିପୁଟ ପଂଚାୟତର ୧୫୦ ରୁ ଉର୍ଦ୍ଧ ମାଓ ସମର୍ଥକ ଆତ୍ମସମର୍ପଣ କରିଥିଲେ। ଯେଉଁ ପଡିଆରେ ଦିନେ ମାଓବାଦୀ ମାନେ ବସି ବୈଠକ ଓ ପ୍ରଜାକୋର୍ଟ କରୁଥିଲେ ସେହି ସ୍ଥାନରେ ଆତ୍ମ ସମର୍ପଣ କରିବା ସହ ମାଓ ମିଲିସିଆ ନିଜ ମାଓ ପୋଷାକ ପୋଡିଥିଲେ ଏବଂ ମାଓ ବିରୋଧୀ ନାରା ଦେଇଥିଲେ । ଆଉ କେବେ ମଧ ମାଓ କାର୍ଯ୍ୟକଳାପରେ ସାମିଲ ହେବେ ନାହିଁ କି ମାଓବାଦୀଙ୍କୁ ସାହାଯ୍ୟ କରିବେ ନାହିଁ ବୋଲି ଶପଥ ନେଇଥିଲେ ।

ମାଓ ସମର୍ଥନ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପରେ ସେହି ମାଓ ମିଲିସିଆ ମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜନ କରାଯିବ । ଏହା ବ୍ୟତୀତ ଗ୍ରାମବାସୀ ମାନଙ୍କ ସୁରକ୍ଷା ପାଇଁ ପୋଲିସ ପ୍ରଶାସନ ସଦା ସର୍ବଦା ରହି ଥିବା କଥା ବିଏସଏଫ ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା ପ୍ରକାଶ କରିଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆଂଟି ନକ୍ସଲ ଅପରେସନ ଯୋଗୁଁ ଧୀରେ ଧୀରେ ଭୁଷୁଡୁଛି ମାଓ ଗଡ଼ ଓ ସ୍ୱାବଲମ୍ବୀ ହେଉଛନ୍ତି ସ୍ୱାଭିମାନି ବୋଲି ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୀତିଶ ୱାଧୱାନୀ କହିଛନ୍ତି।

ଏହି ଅବସରରେ ଚିତ୍ରକୋଣ୍ଡା ତହସିଲଦାର ପଦ୍ମନାଭ ଦୋରା, ବିଏସଏଫ କମାଣ୍ଡେଣ୍ଟ ବିନୋଦ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ୟା ସ୍ଥିତିର ସମୀକ୍ଷା କଲେ ଜିଲାପାଳ: କ୍ଷୟକ୍ଷତି ରିପୋର୍ଟ ୭ ଦିନ ମଧ୍ୟରେ ଦେବାକୁ ନିର୍ଦ୍ଦେଶ

ଖୋର୍ଦ୍ଧା,୨୩/୦୬ (ନି.ପ୍ର): ସ୍ଥାନୀୟ ଓସୱାନ ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନରେ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଜିଲ୍ଲାରେ ବନ୍ୟାସ୍ଥିତିର ସମୀକ୍ଷା କରିଛନ୍ତି। ବଢି ପାଣି କ୍ରମଶଃ ହ୍ରାସ ପାଉଥିଲେ ମଧ ବର୍ତ୍ତମାନ ସୁଦ୍ଧା ପାଣି ଘେରରେ ଥିବା ଲୋକ ମାନଙ୍କୁ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରଦାନ ଅବ୍ୟାହତ ରଖିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବନ୍ୟାଜଳ ଛାଡିବା ପରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ସଡକ ପଥ, ବିଦ୍ୟୁତ ସଂଯୋଗ ପୁନଃ କାର୍ଯ୍ୟକ୍ଷମ କରିବା ସହ ସର୍ବନିମ୍ନ ସୁବିଧା ଉପଲବ୍ଧ କରାଇବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଅଧିକାରୀ ମାନଙ୍କୁ ପରାମର୍ଶ ଦିଆଯାଇଛି । ଜଳଉତ୍ସ ଏବଂ ନଳକୂପ ବିଶୋଧନ, ଜନସ୍ୱାସ୍ଥ୍ୟ, ପଶୁସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବା ନିମନ୍ତେ ବୈଠକରେ ଆଲୋଚନା ହୋଇଛି। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ହୋଇଥିବା ଅଂଚଳ ଗୁଡିକର କ୍ଷୟକ୍ଷତି ଆକଳନ ରିପୋର୍ଟ ଆସନ୍ତା ୭ ଦିନ ମଧ୍ୟରେ ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । କ୍ଷୟକ୍ଷତି ଆକଳନ ସମୟରେ ଯୋଗ୍ୟ ହିତାଧିକାରୀ ଯେପରି କ୍ଷତିପୂରଣ ପାଇବାରୁ ବଂଚିତ ନହୁଅନ୍ତି । ଏପରିକି ଅଯୋଗ୍ୟ ବ୍ୟକ୍ତି କ୍ଷତିପୂରଣ ପାଇବା ତାଲିକଭୁକ୍ତ ନହେବାକୁ ସୁନିର୍ଶ୍ଚିତ କରିବା ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳ କହିଛନ୍ତି। କୃଷି, ଉଦ୍ୟାନ କୃଷି, ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ବାସଗୃହ, ପ୍ରାଣୀଧନ, ମତ୍ସ୍ୟ, ସଡ଼କ ସମେତ ବିଭିନ୍ନ ବିଭାଗୀୟ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆକଳନ ନିମନ୍ତେ ପ୍ରତି ବ୍ଲକସ୍ତରରେ ଟିମ୍ ଗଠନ କରାଯିବ । ଉକ୍ତ ଟିମରେ ପଂଚାୟତିରାଜ, ରାଜସ୍ୱ ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ସାମିଲ ରହିବେ। ଏହି ଟିମ୍ କ୍ଷତିଗ୍ରସ୍ତ ଅଂଚଳ ବୁଲିବା ସହ ଆକଳନ ବେଳେ ସମ୍ପୃକ୍ତ ହିତାଧିକାରୀଙ୍କ କ୍ଷୟକ୍ଷତି ସ୍ଥାନର ଫଟୋ ଜିଓଟ୍ୟାଗିଂ କରିବେ । ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ, ଉପ ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର, ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଆପଦକାଳୀନ ଅଧିକାରୀ ଉର୍ମିପ୍ରଭା ମିଶ୍ର, ବିଭାଗୀୟ ଅଧିକାରୀ ଓ ବିଭିନ୍ନ ବ୍ଲକରେ ସଂପୃକ୍ତ ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରୀ ଚୁକ୍ତିଭିତିକ କର୍ମଚାରୀଙ୍କ କଳାବ୍ୟାଚ ପିନ୍ଧି ଆନ୍ଦୋଳନ ଷଷ୍ଠ ଦିନରେ

କନ୍ଧମାଳ,୨୩/୦୬ (ନି.ପ୍ର): ଓଡିଶାରୁ ଚୁକ୍ତିଭିତିକ ନିଯୁକ୍ତି ସମ୍ପୂର୍ଣ୍ଣ ଉଚ୍ଛେଦ ଓ ୬ ବର୍ଷ ଚୁକ୍ତିଭିତିକ ଚାକିରୀ ସମୟକୁ ପ୍ରମୋସନ, ଇନକ୍ରିମେଂଟ ଓ ସିନିୟରିଟିରେ ଗଣନା କରିବା ଦାବିରେ ଦିର୍ଘ ୬ ଦିନ ଧରି ସାରା ରାଜ୍ୟରେ କଳା ବ୍ୟାଚ ପିନ୍ଧି ସରକାରୀ ଚୁକ୍ତିଭିତିକ କର୍ମଚାରୀମାନେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଜାରି ରଖିଛନ୍ତି । ଚୁକ୍ତିଭିତିକ ନିଯୁକ୍ତି ଉଚ୍ଛେଦ ଦାବିରେ ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁଯାୟୀ ଓଡିଶା ସରକାରୀ ଚୁକ୍ତିଭିତିକ କର୍ମଚାରୀ ମହାସଂଘ (ଓଜିସିଇଏ) ପକ୍ଷରୁ ଅଗଷ୍ଟ ୧୬ ତାରିଖରୁ ସେପ୍ଟମ୍ବର ୧୦ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ସମସ୍ତ ଚୁକ୍ତିଭିତିକ ଗ୍ରୁପ ବି, ସି ଏବଂ ଡି କର୍ମଚାରୀମାନେ କଳାବ୍ୟାଚ ପରିଧାନ କରିବା ସହିତ ଶାନ୍ତିପୂର୍ଣ୍ଣ ଭାବେ ନିଜର ଯଥୋଚିତ ଦାବି ସରକାରଙ୍କ ନିକଟରେ ଉପସ୍ଥାପନା କରିଛନ୍ତି । ଏହି ବିକ୍ଷୋଭ ପ୍ରଦର୍ଶନରେ ଓଡିଶା ସରକାରଙ୍କ ସମସ୍ତ ବିଭାଗ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ, ପରିବହନ, ସାମାଜିକ ସୁରକ୍ଷା, କୃଷି ଏବଂ ପଶୁସମ୍ପଦ, ଜଙ୍ଗଲ ଏବଂ ପରିବେଶ, ଶ୍ରମ ଓ ପୁଲିସ ଆଦି ବିଭିନ୍ନ ବିଭାଗରୁ କାର୍ଯ୍ୟରତ କର୍ମଚାରୀ ମାନେ ପ୍ରତେକ ଜିଲ୍ଲାର ବ୍ଲକ ସ୍ତରରେ ଅବସ୍ଥାପିତ ମୁଖ୍ୟ ଦପ୍ତରଠାରୁ ଆରମ୍ଭ କରି ଭୁବନେଶ୍ୱର ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ସରକାରୀ ଚୁକ୍ତିଭିତିକ କର୍ମଚାରୀ ମାନେ କଳା ବ୍ୟାଚ ପରିଧାନ କରି କାର୍ଯ୍ୟ କରିବା ସହ ମଧାହ୍ନ ବିରତି ସମୟରେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହେଉଛନ୍ତି। ଚୁକ୍ତିଭିତିକ ନିଯୁକ୍ତି ଉଚ୍ଛେଦ ଏବଂ ଚୁକ୍ତିଭିତିକ ଚାକିରୀ ସମୟକୁ ମୂଳ ଚାକିରୀରେ ଯୋଗ ଦୁଇଟି ମୁଖ୍ୟ ଦାବି ସହ ଚୁକ୍ତିଭିତିକ ନିଯୁକ୍ତି ସମୟରେ ମହଙ୍ଗା ଭତା, ଘରଭଡା ଏବଂ ସମସ୍ତ ସରକାରୀ ଅନୁସଙ୍ଗିକ ସୁବିଧା ଇତ୍ୟାଦି ପ୍ରଦାନ ନେଇ କଳାବ୍ୟାଚ ପରିଧାନ ଏବଂ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ ସମାବେଶ ସାରା ରାଜ୍ୟରେ ଅଗଷ୍ଟ ୧୬ ତାରିଖରୁ ସେପ୍ଟମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମୟ ମଧ୍ୟରେ ରାଜ୍ୟ ସରକାର ଯଦି ସରକାରୀ ଚୁକ୍ତିଭିତିକ କର୍ମଚାରୀ ମହାସଂଘକୁ ଦେଇଥିବା ପ୍ରତିଶୃତି ଅନୁଯାୟୀ ସେମାନଙ୍କ ଦାବିଗୁଡିକୁ ପୂରଣ ନକରନ୍ତି ତେବେ ମହାସଂଘର ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ ଚୁକ୍ତିଭିତିକ କର୍ମଚାରୀମାନେ ସେପ୍ଟମ୍ବର ୧୧ରେ ଭୁବନେଶ୍ୱର ସ୍ଥିତ ଗାନ୍ଧୀମାର୍ଗ ଠାରେ ଏକ ବୃହତ ଆନ୍ଦୋଳନରେ ସାମିଲ ହେବେ ବୋଲି ମହାସଂଘର ଜିଲ୍ଲା ସଭାପତି ଅଶୋକ ଗୌଡ଼, ସଂପାଦକ ସିମାଂଚଳ ପଣ୍ଡା, ଉପ ସଭାପତି କ୍ଷିତୀଶ କୁମାର, ଫୁଲବାଣୀ ବ୍ଲକ ସଭାପତି ସୁଶାନ୍ତ ବେହେରା ପ୍ରମୁଖ ଗଣମାଧମକୁ ସୂଚନା ପ୍ରଦାନ କରିଛନ୍ତି ।

## ରାଜ୍ୟସ୍ତରୀୟ ସନ୍ତରଣ ଚମ୍ପିୟନସିପରେ ଭାଗନେବ ସୋନପୁର

ସୁବର୍ଣ୍ଣପୁର,୨୩/୦୬ (ନି.ପ୍ର): ୬୨ତମ ରାଜ୍ୟସ୍ତରୀୟ ବରିଷ୍ଠ ସନ୍ତରଣ ଚମ୍ପିୟନସିପରେ ସୁବର୍ଣ୍ଣପୁର ଜିଲ୍ଲା ଭାଗନେବାକୁ ଯାଉଛି। ଆଗାମୀ ୨୩ ଓ ୨୪ ଅଗଷ୍ଟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ସ୍ଥିତ ବିଜୁ ପଟ୍ଟନାୟକ ସନ୍ତରଣାଗାରରେ ଅନୁଷ୍ଠିତ ହେବାକୁ ଥିବା ଏହି ସନ୍ତରଣ ଚମ୍ପିୟନସିପରେ ଭାଗନେବା ପାଇଁ ଆଜି ସୁବର୍ଣ୍ଣପୁର ଜିଲ୍ଲା ଦଳ ଭୁବନେଶ୍ୱର ଗସ୍ତ କରିଛନ୍ତି ବୋଲି ଜିଲ୍ଲା ସନ୍ତରଣ ସଂଘର ସଂପାଦକ ଜୟ ନାରାୟଣ ମେଣ୍ଡେଲି ସୂଚନା ଦେଇଛନ୍ତି। ଟିମ୍ ମେନେଜର ଆକାଶ ସାହୁ, କୋଚ ସଞ୍ଜୟ ପାଣ୍ଡେଙ୍କ ସହ ସନ୍ତରଣକାରୀ ଆନନ୍ଦ ନାୟକ, ଅନନ୍ତରାମ ସେଠୀ, ବିନିତ ପ୍ରଧାନ, ବାଞ୍ଛାନିଧି ସାଗର, ହିମେଶ ସୁନା, ସୋମ ନାଗ, ଆଶୁତୋଷ ରଣା ଓ କୁନା ବାଘ ଆଜି ଭୁବନେଶ୍ୱର ଗସ୍ତ କରିଛନ୍ତି।

# ପୌରାଧକ୍ଷାଙ୍କ ଉଦ୍ୟମରେ ପୋଖରୀ ସଫେଇ ଓ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ

କନ୍ଧମାଳ,୨୩/୦୬ (ନି.ପ୍ର): ଫୁଲବାଣୀ ପୌରାଧକ୍ଷା ଶ୍ରୀମତୀ ସ୍ମିତା ମହାନ୍ତିଙ୍କ ନିର୍ଦ୍ଦେଶରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଦେବ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଫୁଲବାଣୀ ସହରର ବଜାରର ନିକଟରେ ଥିବା ପୋଖରୀ ଗୁଡିକର ଅଳିଆ ଆବର୍ଜନା ଓ ଦଳ ଆଦି ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ପୌରାଧକ୍ଷା ନିଜେ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରୁଥିବା ଦେଖିବାକୁ ମିଳିଛି। ଦୀର୍ଘ ବର୍ଷ ହେଲା ପୋଖରୀ ଗୁଡିକ ସଫେଇ ନ ହୋଇ ଅଳିଆ ଆବର୍ଜନା ସାଙ୍ଗକୁ ଦଳ ଭର୍ତି ହୋଇ ଅପରିଷ୍କାର ହୋଇ ପଡିଥିଲା। ଲୋକେ ପ୍ରାୟତଃ ବ୍ୟବହାର କରୁନଥିଲେ। ବର୍ତମାନ ପୌରାଧକ୍ଷା ସ୍ମିତାଙ୍କ ନିଷ୍ପାପର ଉଦ୍ୟମ, ଆଗ୍ରହ, ଆନ୍ତରିକତା ଓ କାର୍ଯ୍ୟଦକ୍ଷତା ଯୋଗୁଁ ଏହି ସବୁ ପୋଖରୀ ଗୁଡିକର ସଫେଇ ଓ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଏହା ଯେପରି ପୂର୍ବଭଳି ବ୍ୟବହାର ଯୋଗ୍ୟ ହୋଇପାରିବ ଓ ଖରା ଦିନେ ଜଳକଷ୍ଟ ଦୂର ହୋଇପାରିବ, ସେଥିପ୍ରତି ପୌରପରିଷଦ ବିଶେଷ ଦୃଷ୍ଟି ଦେଉଥିବା ପୌରାଧକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି କହିଛନ୍ତି। ଏଥିରେ ସହରବାସିଙ୍କ ସହଯୋଗ କାମନା କରିଛନ୍ତି ସ୍ମିତା । ସହରବାସୀଙ୍କ ସହଯୋଗ ରହିଲେ ଫୁଲବାଣୀ ସହର ସରସ, ସୁନ୍ଦର ଓ ଆକର୍ଷଣୀୟ ସହର ଭାବେ ପରିଗଣିତ ହୋଇପାରିବ ବୋଲି ସ୍ମିତା କହିଛନ୍ତି। ନଗର ବିଜେପି ସଭାପତି ସୁଶାନ୍ତ ମହାନ୍ତି ମଧ ସହରକୁ କ୍ଲିନ ଓ ଗ୍ରୀନ ସିଟିରେ ପରିଣତ କରିବାଲାଗି ଉଦ୍ୟମ କରାଯାଉଥିବା କହିଛନ୍ତି । ଦାୟୀତ୍ୱ ଗ୍ରହଣ କରିବାର ଖୁବ କମ ଦିନ ମଧ୍ୟରେ ସହରର ରାସ୍ତା, ଡ୍ରେନ, ଆଲୋକ ବ୍ୟବସ୍ଥା, ସଫେଇରେ ବ୍ୟାପକ ସୁଧାର ଆସିଥିବା ବିଜେପି ନଗର ସଭାପତି ସୁଶାନ୍ତ କହିଛନ୍ତି । ୧ ନମ୍ବର କାଉନ୍ସିଲର ମୃତ୍ୟୁଞ୍ଜୟ ପେରା, ବିକ୍ରମ ବେହେରା ମଧ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରୁଥିବା ଦେଖାଯାଇଥିଲା ।

## ସଂସ୍କୃତଭାରତୀ ଦ୍ୱାରା ଅଭ୍ୟାସ ବର୍ଗ ଆୟୋଜିତ

ବଲାଙ୍ଗିର ,୨୩/୦୬ (ନି.ପ୍ର): ବଲାଙ୍ଗୀର ର ବିଶ୍ୱାମ୍ ଶିଶୁ ବିଦ୍ୟା ମନ୍ଦିର,ଖୁଜେନପାଲି ଠାରେ ସଂସ୍କୃତ ଭାରତୀ ଦ୍ୱାରା ଦୁଇ ଦିନିଆ ଅଭ୍ୟାସ ବର୍ଗ ଆୟୋଜିତ ହୋଇଥିଲା। ଜାତି ଧର୍ମ ବର୍ଗ ଲିଙ୍ଗ ଭେଦ କୁ ଛାଡି ସଂସ୍କୃତ ଭାଷାର ସଂରକ୍ଷଣ, ବିକାଶ ଓ ପ୍ରଚାର ପ୍ରସାର , ଭାରତୀୟ ସଂସ୍କୃତି ର ପୁନରୁତ୍ଥାନ , ଭାରତର ପୁନଃ ନିର୍ମାଣ ପାଇଁ କାର୍ଯ୍ୟକର୍ତ୍ତା ମାନେ ଆଗେଇ ଆସିବାକୁ ଅଖିଳ ଭାରତୀୟ ସହ ସଂଗଠନ ମନ୍ତ୍ରୀ ଜୟପ୍ରକାଶ ଗୌତମ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଥିଲେ। ମୁଖ୍ୟ ଅତିଥି ଭାବେ ବିଶ୍ୱାମ୍ ଚେତନା ପରିଷଦ ର ପରିଚାଳକ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ ଏବଂ ବିଶିଷ୍ଟ ଅତିଥି ଭାବେ ମଗନଲାଲ ଅଗ୍ରୱାଲ ଯୋଗଦେଇଥିଲେ। ସଂସ୍କୃତ ଭାରତୀ ର ପ୍ରାନ୍ତ ଅଧକ୍ଷ ଆୟୁଷ୍ମନ୍ତ ଷଡ଼ଙ୍ଗୀ, ପ୍ରାନ୍ତ ସମ୍ପାଦକ ତଥା ସରକାରୀ ମହିଳା ମହା ବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଅଜିତ କୁମାର ପଣ୍ଡା, ପ୍ରାନ୍ତ ସମ୍ପର୍କ ପ୍ରମୁଖ ଦୟାନନ୍ଦ ସ୍ୱାଇଁ, ଶିକ୍ଷଣପ୍ରମୁଖ ମାନସ ରଞ୍ଜନ ସାହୁ, ପ୍ରାନ୍ତ ସାପ୍ତାହିକ ମେଳନ ପ୍ରମୁଖ ରମାକାନ୍ତ ସା ଆଦି କାର୍ଯ୍ୟକର୍ତ୍ତା ମାନଙ୍କ ମାର୍ଗଦର୍ଶନ ରେ ଏହି ଅଭ୍ୟାସ ବର୍ଗ ଆୟୋଜିତ ହୋଇଥିଲା। ଗତକାଲିର ଉଦ୍‌ଯାପନ ସମାରୋହରେ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଜିଲ୍ଲା ସଂଯୋଜକ ତଥା ଆଦର୍ଶ ବିଦ୍ୟାଳୟ ପଥରଚେପା ର ସଂସ୍କୃତ ଶିକ୍ଷକ ଶେଷଦେବ ମିଶ୍ର ଦେଇଥିଲେ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୟପୁରରେ ଶାନ୍ତିଶୃଙ୍ଖଳାରେ ଗଣେଶ ପୂଜା ନେଇ ପ୍ରଶାସନର ବୈଠକ

ଜୟପୁର,୨୩/୦୬ (ନି.ପ୍ର): ଜୟପୁରରେ ଶାନ୍ତିଶୃଙ୍ଖଳାରେ ଗଣେଶ ପୂଜା ନେଇ ପ୍ରଶାସନ ତରଫରୁ ପୌରପରିଷଦ ସଭାଗୃହରେ ଏକ ପ୍ରସ୍ତୁତି ବେଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଉପଜିଲ୍ଲାପାଳ ବେଦବର ପ୍ରଧାନ ,ଏସଡିପିଓ ଅରୁପ ଅଭିଷେକ ବେହେରା, ପୌର ଉପାଧକ୍ଷ ବି ସୁନିତା, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମା, କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଟାଉନ ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ, ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି , ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ଯୋଶଦା ଗାଦବା ଉପସ୍ଥିତ ରହିଥିଲେ। ଶାନ୍ତି ଶୃଙ୍ଖଳା ରେ ପୂଜା କରିବା ଓ ଗଣ୍ଡଗୋଳ ନକରିବା, ଜୋରଜବରଦସ୍ତ ଗାଡି ଅଟକାଇ ଚାନ୍ଦା ଆଦାୟ ବନ୍ଦ କରିବା, ରାତ୍ର ୧୦ ପରେ ମାଇକ ବାଜିବା ଓ ବସର୍ଜନ ଶୋଭାଯାତ୍ରା ବନ୍ଦ, ୬୫ ଡେସିମିଲରୁ ଅଧିକା ଡାକବାଜି ଯନ୍ତ୍ର ବାଜିଲେ ଦଣ୍ଡିତ, ପୂଜା ଦିନ ଠାରୁ ୩.୫ ଓ ୭ ଦିନ ପର୍ଯ୍ୟନ୍ତ ଭଷାଣି କରିବା , ବିସର୍ଜନ ସମୟରେ ଅଶ୍ଳିଳ ଗୀତ ବାଜିବା ବନ୍ଦ କରି ଭଜନ ଲଗାଇବା ଓ ମଦ ପିଇ ଗଣ୍ଡଗୋଳ ବନ୍ଦ କରିବା ସହ ରାତ୍ର ୧୦ ସୁଦ୍ଧା ବିସର୍ଜନ ସମାପ୍ତ କରିବା ପାଇଁ କଡା କଡି ନିଦ୍ଦେଷ ଦିଆଯାଇଛି । ଭଷାଣିରେ ବାଣ ଫୁଟାଇବା ଉପରେ କଟକଣା ,ମୁର୍ତ୍ତି ବିସର୍ଜନ ପ୍ରଶାସନର ଚିହ୍ନଟ ସ୍ଥାନରେ ବିସର୍ଜନ କରିବା ପାଇଁ ନିଦ୍ଦେଷ ଦିଆଯାଇଛି । ପ୍ରଶାସନ ତରଫରୁ ଟ୍ରାଫିକ ବ୍ୟବସ୍ଥା କରାଯାଇଥିବା ବେଳେ ଏସମସ୍ତ ନିୟମ ଉଲଂଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ପୋଲିସ ନିଷ୍ପତ୍ତି ନେଇଥିବା କଥା ପ୍ରକାଶ କରିଛି। ଏହି ବୈଠକରେ ୫୦ରୁ ଅଧିକ ପୂଜା କମିଟିର ସଦସ୍ୟ ମାନେ ଯୋଗ ଦେଇଥିବା ବେଳେ ଶାନ୍ତି ଶୃଙ୍ଖଳା ରେ ପୂଜା କରି ସାଧାରଣ ଜନସାଧାରଣଙ୍କୁ ହଇରାଣ ନକରିବାକୁ ପ୍ରଶାସନ ଅନୁରୋଧ କରିଥିଲେ । ଉପ ଜିଲାପାଳ ପ୍ରଧାନ କହିଥିଲେ ଯେ ଗଣେଶ ପୂଜା କମିଟି ମାନେ ପୋଲିସର ଅନୁମତି ନେଇ ପୂଜା କରିବା ସହ ପ୍ରତ୍ୟେକ ପୁଜା ମଣ୍ଡପ ଦୁର୍ଘଟଣା ଏଡାଇବା ପାଇ ବାଲି ବସ୍ତା, ଓ ପାଣି ରଖିବା ସହ ଦମକଳ ବିଭାଗକୁ ତଦାରଖ ଦାୟତ୍ୱ ଦିଆଯାଇଥିବା ପ୍ରକାଶ କରିଥିଲେ ।

# ଘର ଉପରେ ପେଟ୍ରୋଲ୍ ଢାଳି ନିଆଁ ଲଗାଇଲେ ଦୁର୍ବୃତ୍ତ: ସ୍ୱାମୀ ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ

ହରିଚନ୍ଦନପୁର,୨୩/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଧଗୋଠ ଗ୍ରାମରେ ଘଟିଛି ଅଘଟଣ । ସ୍ୱାମି ସ୍ତ୍ରୀ ଘରେ ଶୋଇଥିବା ସମୟରେ ବାହାର ପଟୁ ତାଲା ପକାଇ ପେଟ୍ରୋଲ୍ ଢାଳି ନିଆଁ ଲଗାଇଲେ ଦୁର୍ବୃତ । ଫଳରେ ନିଆଁରେ ପୋଡି ହୋଇ ଉଭୟ ସ୍ୱାମୀ ସ୍ତ୍ରୀ ଗୁରୁତର ହୋଇଛନ୍ତି । ଦୁହିଁଙ୍କୁ କଟକ ବଡ ମେଡିକାଲରେ ଭର୍ତି କରାଯାଇଛି। ଗୁରୁତର ଦ୍ୱୟ ହେଲେ ଧଗୋଠ ଗ୍ରାମର ଉଗ୍ରସେନ ପଲେଇ ଓ ତାଙ୍କ ସ୍ତ୍ରୀ ଜୟନ୍ତି ପଲେଇ । ଗତକାଲି ରାତିରେ ସ୍ୱାମୀ ସ୍ତ୍ରୀ ଖାଇ ସାରିବା ପରେ ଘରେ ଶୋଇଥିଲେ । ବିଳମ୍ବିତ ରାତିରେ କେହି ଦୁର୍ବୃତ ଆସି ପ୍ରଥମେ ତାଙ୍କ ଘର ସମେତ ଆଖପାଖ ପଡୋଶୀଙ୍କ ଘର ଗୁଡିକରେ ବାହାର ପଟୁ ତାଲା ପକାଇ ଥିଲେ । ପରେ ଉଗ୍ରସେନଙ୍କ ଘର ଉପରେ ପେଟ୍ରୋଲ୍ ପକାଇ ନିଆଁ ଲଗାଇଥିଲେ । ଦମ୍ପତିଙ୍କ ଚିତ୍କାର ଶୁଣି ଆଖପାଖ ପଡୋଶୀ ଘର ଗୁଡିକରେ ମଧ ବାହାର ପଟୁ ତାଲା ପଡିଥିବା କାରଣରୁ ଚେଷ୍ଟା କରିଥିଲେ ମଧ ଶିଘ୍ର ଆସିପାରି ନଥିଲେ । କିଛି ସମୟ ପରେ ଆସି ଉଗ୍ରସେନଙ୍କ ଘରେ ପଡିଥିବା ତାଲାକୁ ଭାଙ୍ଗି ଖୋଲିଥିଲେ । ସେତେବେଳକୁ ଉଭୟ ସ୍ୱାମୀ ସ୍ତ୍ରୀ ନିଆଁରେ ପୋଡି ହୋଇ ଗୁରୁତର ହୋଇପଡିଥିଲେ । ଉଭୟଙ୍କୁ ପ୍ରଥମେ ହରିଚନ୍ଦନପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା ।ସେଠାରେ ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି । ଆଜି ସକାଳେ ପୋଲିସ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଚଳାଇଛି ।

## ସଂସ୍କୃତ ଦିବସ ପାଳିତ

ଜୟପୁର ,୨୩/୦୬ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର , ଅରବିନ୍ଦ ନଗର, ଜୟପୁର ଠାରେ ସଂସ୍କୃତ ଦିବସ ପାଳନ ହୋଇଯାଇଅଛି। ଏଥିରେ ମୁଖ୍ୟ ବକ୍ତା ଭାବେ ପ୍ରଧାନ ଆଚାର୍ଯ୍ୟ ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର ସଂସ୍କୃତ ଓ ଏହାର ଆବଶ୍ୟକତା ବିଷୟରେ ବିଦ୍ୟାର୍ଥୀ ମାନଙ୍କୁ ଅବଗତ କରାଇଥିଲେ। ଏହି ଅବସର ରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଂସ୍କୃତ ରେ ପରିଚୟ ପ୍ରଦାନ, ସଙ୍ଗୀତ ପରିବେଷଣ, ଅଭିଭାଷଣ ତଥା କଥପୋକଥନ ଆଦି କରାଯାଇଥିଲା। ସଂସ୍କୃତ ଆଚାର୍ଯ୍ୟ ଶ୍ରୀ ହୃଷିକେଶ ପାଣିଗ୍ରାହୀଙ୍କ ତତ୍ତ୍ୱଅବଧାନ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି।

# ସାମ୍ବାଦିକ ଜଗତର ଭିଷ୍ମ ପିତାମହ ଥିଲେ ସତ୍ୟ ନାରାୟଣ - ନରସିଂହ

ବଲାଙ୍ଗିର,୨୩/୦୬ (ନି.ପ୍ର): ନିର୍ଭିକତା ଭରି ରହିଥିଲା ଦିବଂଗତ ସତ୍ୟନାରାୟଣଙ୍କ ଭିତରେ। ସେ ନିରପେକ୍ଷତା ସହ ସାହସୀ ଥିଲେ । ସାମ୍ବାଦିକଙ୍କୁ ଭଲପାଉଥିଲେ । ବହୁ ପ୍ରସଙ୍ଗ ସେ ତାଙ୍କ ଲେଖନୀରେ ସାମ୍ନାକୁ ଆଣିବାରେ ସଫଳ ହୋଇଥିଲେ । ଦିବଂଗତ ସାମ୍ବାଦିକ ସତ୍ୟନାରାୟଣ ବେହେରା ସାମ୍ବାଦିକ ଜଗତର ଭିଷ୍ମ ପିତାମହ ଥିଲେ ବୋଲି ଗତକାଲି ସନ୍ଧ୍ୟାରେ ପି.ପି. ଏକାଡେମୀ ଠାରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥି ଓ ବକ୍ତାଗଣ ମତବ୍ୟକ୍ତ କରିଛନ୍ତି ।

ସତ୍ୟନାରାୟଣ ବେହେରାଙ୍କ ସ୍ମୃତି କମିଟି ପକ୍ଷରୁ ଅନୁଷ୍ଠିତ ସ୍ମୃତି ସଭା ଓ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ ସ୍ୱର୍ଗତ ବେହେରାଙ୍କ ବାଲ୍ୟବନ୍ଧୁ ତଥା ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର। ‘ସାଂପ୍ରତିକ ସମାଜରେ ସାମ୍ବାଦିକତା’ ଶିର୍ଷକ ଆଲୋଚନାଚକ୍ରରେ ଆଲୋଚକ ଭାବରେ କବି ଭାଗିରଥି ମିଶ୍ର ଏବଂ ସଂଗଠକ ଧର୍ମେନ୍ଦ୍ର ନନ୍ଦ ଯୋଗ ଦେଇଥିଲେ । ବିଧାୟକ ଶ୍ରୀ ମିଶ୍ର ଦିବଂଗତ ସତ୍ୟନାରାୟଣ ବେହେରାଙ୍କ ସ୍ମୃତିଚାରଣ କରି କହିଥିଲେ, ସତ୍ୟଙ୍କ ସହିତ ମୋର ଘନିଷ୍ଠ ବନ୍ଧୁତା ଥିଲା । ବିଷ୍ଣୁ ସେଠ, ସତ୍ୟନାରାୟଣ ବେହେରା ଏବଂ ମୁଁ ତିନିଜଣ ଘନିଷ୍ଠ ବନ୍ଧୁ ଥିଲୁ । ମୁଁ ଓକିଲାତି କରିବା ସହିତ ରାଜନୀତି କରୁଥିଲି । ସେପଟେ ମୋ ସାଙ୍ଗ ବିଷ୍ଣୁ ସେଠ ଶିକ୍ଷକତା କରୁଥିଲେ । ସତ୍ୟ ସାମ୍ବାଦିକତା ସହିତ ଜଣେ କଳାକାର ଥିଲେ । ତିନି ଜଣ ଭିନ୍ନ ଭିନ୍ନ ପ୍ରଫେସନର ଥିଲେ ମଧ ବନ୍ଧୁତା ଘନିଷ୍ଠ ଥିଲା । ସତ୍ୟ କାହା ପାଖରେ ହାତ ପତାଉ ନଥିଲେ । ବହୁ ବାଧାବିଘ୍ନ ସତ୍ତ୍ୱେ ନିଜର ଅସ୍ତିତ୍ୱ ବଜାୟ ରଖିଥିଲେ । ସେ ଜଣେ ସାହାସୀ ସାମ୍ବାଦିକ ହୋଇ ନିର୍ଭିକ ଭାବରେ ଖବର ପରିବେଷଣ କରୁଥିଲେ । ସାମ୍ବାଦିକଜଗତର ଭିଷ୍ମପିତାମହ ଥିଲେ ସତ୍ୟ ବୋଲି ବିଧାୟକ କହିଥିଲେ ।

ସଭା ପ୍ରାରମ୍ଭରେ ଦିବଂଗତ ସତ୍ୟନାରାୟଣ ବେହେରାଙ୍କୁ ଅତିଥି ଓ ଉପସ୍ଥିତ ସହରର ବିଭିନ୍ନ ସଂଗଠନର ନେତୃବୃନ୍ଦ, ବୁଦ୍ଧିଜୀବୀ, ସ୍ୱର୍ଗତ ବେହେରାଙ୍କ ପରିବାରବର୍ଗ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସାଇ ଶ୍ରୀରାମ ଓ ସାଇ ବିନାୟକ ବେଦମନ୍ତ୍ର ପାଠ କରିଥିଲେ । ସାମ୍ବାଦିକ ପ୍ରଦୀପ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ସାମ୍ବାଦିକ ବିଭୁକଲ୍ୟାଣ ଗଡତ୍ୟା ସଭା ପରିଚାଳନା କରିଥିବା ବେଳେ ସାମ୍ବାଦିକା ଜୋସ୍ନାରାଣୀ ଦାସ ଆଲୋଚନାଚକ୍ର ପରିଚାଳନା କରିଥିଲେ। ଏହି ଅବସରରେ ବ୍ୟଙ୍ଗ କବି ଅଚ୍ୟୁତ ପୁରୋହିତ ଓ ଡ.ବେଣୁଧର ପାଣ୍ଡେ ସ୍ମୃତିକୁ ନେଇ ନିଜ ଲିଖିତ କବିତା ପାଠ କରିଥିଲେ ।ଶେଷରେ ସାମ୍ବାଦିକ ବିଶ୍ୱଜିତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ପୌରାଧକ୍ଷା ଲିକା ସାହୁ, ସହରର ଶତାଧିକ ବୁଦ୍ଧିଜୀବୀ , ବରିଷ୍ଠ ନାଗିରକ ମଂଚର କର୍ମକର୍ତ୍ତା, ନାଗରିକ କମିଟି, ମାହେଶ୍ୱରୀ ସଂଗଠନ, ସଂପୂର୍ଣ୍ଣା ମହିଳା ସଂଗଠନ, ସଖି ସେଂଟରର କର୍ମକର୍ତା, ବିଜେପି ମହିଳା ମୋର୍ଚ୍ଚା, କଂଟାବାଞ୍ଜି ପ୍ରେସ କ୍ଲବର କର୍ମକର୍ତା, ପାଟଣାଗଡ ସାମ୍ବାଦିକମାନଙ୍କ ସହ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ ।

ସୂଚନାଯୋଗ୍ୟ ଯେ, ଗତବର୍ଷ ନଭେମ୍ବର ୨୯ ତାରିଖରେ ସମସ୍ତଙ୍କୁ ଶୋକସାଗରରେ ଭସାଇ ଦେଇ ଇହଧାମ ତ୍ୟାଗ କରିଥିଲେ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ବେହେରା । ତାଙ୍କ ବିୟୋଗରେ ଜିଲ୍ଲା ସାମ୍ବାଦିକ ଜଗତରେ ସୃଷ୍ଟି ହୋଇଥିଲା ଶୂନ୍ୟସ୍ଥାନ । ସ୍ୱର୍ଗତ ବେହେରା ୧୯୩୯ ମସିହା, ପବିତ୍ର ଜନ୍ମାଷ୍ଟମୀ ଦିନ ଜନ୍ମଗ୍ରହଣ କରିଥିଲେ । ତେଣୁ ତାଙ୍କ ଜୀବିତ ଅବସ୍ଥାରେ ପ୍ରତିବର୍ଷ ଜନ୍ମାଷ୍ଟମୀ ଦିନ ବିଭିନ୍ନ ଜାଗାରେ ତାଙ୍କ ଉପସ୍ଥିତିରେ ଜନ୍ମଦିବସ ପାଳନ କରାଯାଉଥିଲା । କିନ୍ତୁ, ଏଥର ଜନ୍ମଷ୍ଟମୀ ସମୟରେ ସତ୍ୟନାରାୟଣ ବେହେରା ଇହଜଗତରେ ନଥିଲେ । ତେଣୁ ତାଙ୍କୁ ସ୍ମରଣ କରିବାକୁ ସ୍ମୃତିସଭାର ଆୟୋଜନ କରାଯାଇଥିଲା ।

## କୋରାପୁଟକୁ ବିଏସଏଫ ଆଇଜିଙ୍କ ଗସ୍ତ

ଜୟପୁର,୨୩/୦୬ (ନି.ପ୍ର): ଶ୍ରୀ ସତୀଶ ଚନ୍ଦ୍ର ବୁଡାକୋଟି, ଆଇଜି, ସୀମାନ୍ତ ବିଏସ୍ଏଫ୍ ସ୍ପେଶାଲ ଅପରେସନ୍ ଓଡିଶା ୨୦ ଅଗଷ୍ଟ ୨୦୨୨ ରୁ କୋରାପୁଟ ଜିଲ୍ଲାକୁ ତିନି ଦିନିଆ ଗ୍ରସ୍ତରେ ଆସିଥିଲେ। ସେ ସୋମବାର କୋରାପୁଟରେ ଏସଓଜି କ୍ୟାମ୍ପସ ପରିଦର୍ଶନ କରିଥିଲେ ଏବଂ ଆଣ୍ଟି ନକ୍ସଲ ଅପରେସନ ନିକଟରେ ଅନୁଷ୍ଠିତ ବିଏସ୍ଏଫ୍ ଯବାନ ମାନଙ୍କ ତାଲିମ ପାଇଁ ପ୍ରସ୍ତୁତିର ପର୍ଯ୍ୟବେକ୍ଷଣ ରହିଥିଲେ।

ଏହାପୂର୍ବରୁ ରବିବାର ଦିନ ଶ୍ରୀ ବୁଡାକୋଟି, ଆଇଜି ମଦନ ଲାଲ, ଡିଆଇଜି ବିଏସ୍ଏଫ୍ ସେକ୍ଟର କୋରାପୁଟଙ୍କ ସହ ବିଏସ୍ଏଫ୍ ର ଅନ୍ୟ ବରିଷ୍ଠ ଅଧିକାରୀମାନେ କୋରାପୁଟ, କୁମ୍ଭାରିପୁଟ, କୁମ୍ଭାରୀ, ବନ୍ଧୁଗାଁ ନାରାୟଣପାଟନା, ପୋଡାପଦର, ପାଲୁର ଏବଂ ଲକ୍ଷ୍ମୀପୁରରେ ବିଏସ୍ଏଫ୍ କ୍ୟାମ୍ପ ପରିଦର୍ଶନ କରିଥିଲେ।

# ପାରମ୍ପରିକ ଟେରାକୋଟା ହନୁମାନ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ

ସୁବର୍ଣ୍ଣପୁର,୨୩/୦୬ (ନି.ପ୍ର): ଏଠାକାର ନିଆରା ପର୍ବ ଲଙ୍କାପୋଡି ଆସନ୍ତା ୨୬ ତାରିଖ ଦିନ ପବିତ୍ର ଭାଦ୍ରବ ଅମାବସ୍ୟା ଦିନ ମହାସମାରୋହରେ ପାଳନ କରାଯିବ । ଏଥି ପୂର୍ବରୁ ଏହି ହଜି ଯାଉଥିବା ନିଆରା ପର୍ବକୁ ଉଦ୍ଦୀବିତ କରିବା ପାଇଁ ଆଜି ସ୍ଥାନୀୟ ଟାଉନ ହଲଠାରେ ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ପାରମ୍ପରିକ ଟେରାକୋଟା ହନୁମାନ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନର ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗନେଇଥିଲେ । ପ୍ରଥମରୁ ପଂଚମ ଓ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କୁ ଦୁଇଟି ଗ୍ରୁପରେ ଭାଗ କରାଯାଇ କନିଷ୍ଠ ବିଭାଗର କୁମାର ଆଦିତ୍ୟ ବେହେରା, କେନ୍ଦ୍ରିୟ ବିଦ୍ୟାଳୟ ପ୍ରଥମ, ମନୀଷା ମନସ୍ୱିନୀ ଭୋଇ, କିଡ୍ସ ଇଂରାଜୀ ବିଦ୍ୟାଳୟ ଦ୍ୱିତୀୟ ଓ ପ୍ରାପ୍ତି ପ୍ରିୟଦର୍ଶିନୀ ପୁଝାହାରୀ, ଆଇଡିଏଲ ପବ୍ଲିକ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବରିଷ୍ଠ ବିଭାଗରେ ପ୍ରଥମ ରଂଜନ ପଣ୍ଡା, କିଡ୍ସ ଇଂରାଜି ବିଦ୍ୟାଳୟ, ଦ୍ୱିତୀୟ ସୁମିତ କୁମାର ମେହେର, ମହାରାଜା ହାଇସ୍କୁଲ ଓ ଶୋହନ ମେହେର , କିଡସ ଇଂରାଜି ବିଦ୍ୟାଳୟ, ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଲଙ୍କାପୋଡି ମହୋତ୍ସବ କମିଟି ଓ ନାଟ୍ୟଚକ୍ର ସୁବର୍ଣ୍ଣପୁରର ମିଳିତ ଉଦମ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଚିତ୍ର ଶିଳ୍ପୀ ରୋହିତ ମହାପାତ୍ର, ସିଦ୍ଧାର୍ଥ ମିଶ୍ର ଓ ଅନ୍ୱିତ କଅଁର ବିଚାରକ ଭାବେ ଯୋଗଦେଇଥିଲେ । ପ୍ରତିଯୋଗିତାକୁ ମନୋଜ ବାରିକ, ଗୌରୀଶଙ୍କର ଦଣ୍ଡସେନା, କିରଣମୟୀ ବାରିକ ପରିଚାଳନା କରିଥିଲେ । କୃତି ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୬.୮.୨୦୨୨ ତାରିଖ ସଂଧ୍ୟାରେ ସ୍ଥାନୀୟ ଟାଉନ ହଲଠାରେ ଅନୁଷ୍ଠିତ ହେବାକୁଥିବା ଲଙ୍କାପୋଡି ମହୋତ୍ସବ ଦିନ ପୁରସ୍କୃତ କରାଯିବା ସହିତ ସେହିଦିନ ପାରମ୍ପରିକ ଟେରାକୋଟା ହନୁମାନ ସାଜସଜ୍ଜା ପ୍ରତିଯୋଗୀତା, ସାମୁହିକ ହନୁମାନ ଚାଳିଶା ପଠନ ସହିତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ଆୟୋଜକ ଶ୍ୟାମା ଓଁ ପ୍ରସାଦ ମିଶ୍ର ପ୍ରକାଶ କରିଛନ୍ତି ।

# ଏହି ପତ୍ରରେ ରହିଛି ଅନେକ ଔଷଧୀୟ ଗୁଣ: ସୌନ୍ଦର୍ଯ୍ୟ ବୃଦ୍ଧିରେ ବି ହୁଏ ସହାୟକ



ଏମିତି ଅନେକ ପତ୍ର ଅଛି ଯାହାକୁ ଆମେ ଖାଇବାରେ ବ୍ୟବହାର କରିଥାଉ। ସେଥିମଧ୍ୟରୁ ପୋଦିନା ପତ୍ର ଅନ୍ୟତମ। ଏହାକୁ ଚଟଣି ସହ ସାଲାଡ୍, ରାଇତା ଓ ବିରିଆନି ଆଦି ଖାଦ୍ୟରେ ଆଗ ଖୋଜା ପଡ଼େ। ଏହାର ବାସ୍ନା ସହ ସ୍ୱାଦ ନିଶ୍ଚିତ ଭାବେ ନିଆରା। ପେଟର ବିଭିନ୍ନ ସମସ୍ୟାକୁ ଠିକ୍ କରୁଥିବା ଏହି ଉପକାରୀ ଉଦ୍ଭିଦର ଅନେକ ଔଷଧୀୟ ଗୁଣ ରହିଛି। ପୋଦିନା ଆଣ୍ଟିବାୟୋଟିକ୍ ଔଷଧର କାର୍ଯ୍ୟ ତୁଲାଇବା ସହ ସୌନ୍ଦର୍ଯ୍ୟ ବୃଦ୍ଧିରେ ମଧ୍ୟ ସହାୟକ ହୋଇଥାଏ।

ଥଣ୍ଡା ରୋଗରେ ନିୟମିତ ପୀଡ଼ିତ ହେଉଥିଲେ ପୋଦିନା ରସରେ ଗୋଲମରିଚ ଏବଂ ବିଟ୍‌ଲୁଣ ପକାଇ ତାକୁ ଚା’ ଭଳି ଫୁଟାଇ ପିଇବା ଦ୍ୱାରା ଏହି ରୋଗରୁ ଆରୋଗ୍ୟ ମିଳିଥାଏ। ଆପଣଙ୍କୁ ଯଦି ବାରମ୍ବାର ହାକୁଟି ଆସୁଥାଏ ତ ଏହାର ପତ୍ରକୁ ଚୋବାଇ ଖାଇବା ଦ୍ୱାରା ହାକୁଟିକୁ ନିୟନ୍ତ୍ରଣ କରାଯାଇପାରେ। ମହିଳାଙ୍କ ମାସିକଧର୍ମରେ ଅନିୟମିତତା ଦେଖାଦେଲେ ପୋଦିନାର ଶୁଖିଲାପତ୍ରକୁ ଗୁଣ୍ଡ କରି ଏହି ଗୁଣ୍ଡକୁ ଦିନକୁ ଦୁଇଥର ମହୁ ସହ ମିଶାଇ ପଇବା ଦ୍ୱାରା ସମସ୍ୟା ଦୂର ହୋଇଥାଏ।

ଏହା ଛଡ଼ା ଖଣ୍ଡିଆଖାପରାରେ ବି ଏହି ପତ୍ରକୁ ବ୍ୟବହାର କରାଯାଇପାରେ। କୌଣସି ସ୍ଥାନ ମାଡ଼ ହେଇ କ୍ଷତ ସୃଷ୍ଟି ହୋଇଥିଲେ ସେହି ସ୍ଥାନରେ ତାଜା ପୋଦିନା ପତ୍ରକୁ ଦଳି ତା’ର ରସ ଲଗାଇଦେଲେ ତାହା ତୁରନ୍ତ ଶୁଖିଯାଏ। ସେହିପରି ଶରୀର କୁଣ୍ଡେଇ ହେଇ ଫଳି ଯାଉଥିଲେ କିମ୍ବା ଅନ୍ୟାନ୍ୟ ଚର୍ମରୋଗ ଥିଲେ ତାଜା ପୋଦିନା ପତ୍ରକୁ ନେଇ ତାକୁ ଭଲ ଭାବେ ଛୋଟି ଦିଅନ୍ତୁ, ଏହାକୁ ପ୍ରଭାବିତ ତ୍ୱଚାରେ ଲଗାନ୍ତୁ। ପୋଦିନା ରସକୁ ମିଶାଇ ସେଥିରେ କୁଳି କରିବା ଦ୍ୱାରା ସ୍ୱରରେ ସ୍ୱଚ୍ଛତା ଆସେ। ଗଳା ବସିଥିଲେ ତାହା ସାଧାରଣ ଅବସ୍ଥାକୁ ଫେରିଆସେ।

ଆପଣଙ୍କର ତ୍ୱଚା ଯଦି ତେଲିଆ ହୋଇଥାଏ ତେବେ ପୋଦିନାରୁ ପ୍ରସ୍ତୁତ ଫେସିଆଲ୍ ଆପଣଙ୍କ ପାଇଁ ଖୁବ୍ ଭଲ ସାବ୍ୟସ୍ତ ହେବ। ଭଲ ଭାବେ ପେଷା ଯାଇଥିବା ଦୁଇ ବଡ଼ ଚାମଚ ପୋଦିନା ପତ୍ର ଦୁଇ ଚାମଚ ଦହି ଏବଂ ଗୋଟେ ବଡ଼ ଚାମଚ ଓଟ୍‌ମିଲ୍-ଏସବୁକୁ ନେଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହି ମିଶ୍ରଣକୁ ନିଜ ଶରୀରରେ ଲଗାନ୍ତୁ। ପନ୍ଦର ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ତାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ଅତିକମ୍‌ରେ ଦୁଇଥର ଏପରି କରିବା ଦ୍ୱାରା ତେଲିଆ ତ୍ୱଚାର ସାଧାରଣ ଅବସ୍ଥା ଫେରିପାଏ। ତ୍ୱଚା ସୁସ୍ଥ ଓ ସୁନ୍ଦର ରହେ।

# ଗୋଡ଼ରେ ବଢ଼ାନ୍ତି ଖାଇବା ଥାଳି




ଖାଇବା ଥାଳିକୁ ମା’ ଅନ୍ନପୂର୍ଣ୍ଣା ସହିତ ସମାନ କରାଯାଇଛି। ଘରର ବଡ଼ଲୋକ ହୁଅନ୍ତୁ ବା ଛୋଟପିଲା ଅବା ଅତିଥି, ସମସ୍ତଙ୍କୁ ସମ୍ମାନର ସହ ପରିଷ୍କାର ସ୍ଥାନରେ ସ୍ୱଚ୍ଛ ଥାଳିରେ ଖାଦ୍ୟ ପରଷିବା ଭାରତୀୟ ସଂସ୍କୃତିର ଏକ ପ୍ରମୁଖ ସଂସ୍କାର। ହେଲେ, ଦେଶରେ ଏପରି ଜନଜାତି ବି ବାସ କରୁଛନ୍ତି, ଯେଉଁମାନଙ୍କର ଖାଇବା ଥାଳିକୁ ନେଇ ଅଜବ ପରମ୍ପରା ରହିଛି। ଏହି ଜନଜାତିର ମହିଳା ପୁରୁଷମାନଙ୍କୁ ହାତରେ ନୁହେଁ, ଗୋଡ଼ରେ ଖାଇବା ଥାଳି ବଢ଼ାଇ ଦିଅନ୍ତି। ଉତ୍ତରପ୍ରଦେଶର ଶ୍ରାବସ୍ତୀ ଅଂଚଳ ପାଖାପାଖି ରହୁଥିବା ଥାରୁ ଜନଜାତିର ମହିଳାମାନେ ଏପରି ପରମ୍ପରା ପାଳନ କରିଆସୁଛନ୍ତି। ଏହା ଦେଖିବାକୁ ଯେପରି ବିଚିତ୍ର, ଏହା ପଛର କାରଣ ମଧ୍ୟ ସେହିପରି ଚମତ୍କାର। ଆଜିର ସମାଜ ପୁରୁଷ ପ୍ରଧାନ ହୋଇଥିବାବେଳେ ଥାରୁ ସମାଜରେ ମହିଳାମାନେ ସେମାନଙ୍କ ପରିବାରର ମୁଖିଆ। ପ୍ରୟାଗରାଜସ୍ଥିତ ସାମ୍ ହିଗିନ୍‌ବଟମ୍ କୃଷି, ପ୍ରଯୁକ୍ତିବିଦ୍ୟା ଏବଂ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଏକ ଗବେଷଣା ରିପୋର୍ଟ ଅନୁସାରେ ୧୫୭୬ ମସିହାରେ ହଳଦିଘାଟ ଯୁଦ୍ଧ ବେଳେ ମହାରଣା ପ୍ରତାପଙ୍କ ସେନାପତି ଏବଂ ସେନାଧିକାରୀମାନେ ନିଜ ପରିବାରର ମହିଳାମାନଙ୍କୁ ସୁରକ୍ଷା ଲାଗି ସେବକମାନଙ୍କ ସହ ହିମାଳୟ ପାଦଦେଶକୁ ପଠାଇଦେଲେ। ବୁଲିବୁଲି ସେମାନେ ନେପାଳ ସୀମାକୁ ଲାଗିଥିବା ଉତ୍ତର ପ୍ରଦେଶର ତରାଇ ଅଂଚଳରେ ପହଂଚିଗଲେ ଏବଂ ସେଠାକାର ଜିଲ୍ଲାଗୁଡ଼ିକରେ ବାସ କରିବାକୁ ଲାଗିଲେ। ରାଜସ୍ଥାନ ଥାର୍ ଅଂଚଳରୁ ଆସିଥିବାରୁ ଏହି ଲୋକମାନଙ୍କୁ ଥାରୁ ବୋଲି କୁହାଗଲା। ବାହାର ଜାଗାରେ ସୁରକ୍ଷା ପାଇଁ ଏହି ମହିଳାମାନେ ନିଜ ସହ ଆସିଥିବା ସୈନିକ ଏବଂ ସେବକମାନଙ୍କୁ ବିବାହ କରିଥିଲେ। ତେବେ ଏହି ବାହାଘର କେବଳ ଏକ ବୁଝାମଣା ଥିଲା। ମହିଳାମାନେ ନିଜର ଉଚ୍ଚ ବଂଶ ମର୍ଯ୍ୟାଦା ଭୁଲି ପାରୁନଥିଲେ। ସେବକମାନଙ୍କୁ ସ୍ୱାମୀ ଭାବେ ଗ୍ରହଣ କରିବାର ଅହଂକାର ସେମାନଙ୍କୁ ସବୁ ସମୟରେ ଆଘାତ ଦେଉଥିଲା। ତେଣୁ ଅହଂକାରକକୁ ସନ୍ତୁଷ୍ଟ କରିବା ଲାଗି ସେମାନେ ଯେତେବେଳେ ପୁରୁଷମାନଙ୍କୁ ଖାଦ୍ୟ ପରଷନ୍ତି, ଗୋଡ଼ରେ ଥାଳିକୁ ଠେଲି ଦେଇଥାନ୍ତି। ଧୀରେଧୀରେ ଏହା ଏକ ପରମ୍ପରାରେ ପରିଣତ ହୋଇଥିଲା। ଅବଶ୍ୟ ପରିବର୍ତ୍ତିତ ସାମାଜିକ ଚଳଣି ଏବଂ ଚିନ୍ତାଧାରା ମାଲିକ ଓ ସେବକର ପାର୍ଥକ୍ୟ ଶୂନ୍ୟ କରିଦେଇଥିଲେ ବି ପରମ୍ପରା ଲୁପ୍ତ ହୋଇନାହିଁ। ତେବେ ଥାରୁ ସମାଜ ଶିକ୍ଷାର ମୁଖ୍ୟସ୍ରୋତରେ ସମ୍ପୂର୍ଣ୍ଣ ସାମିଲ ହୋଇଯିବା ପରେ ଏଭଳି କୁପ୍ରଥା ଲୋପ ପାଇଯିବ ବୋଲି ଆଶା କରାଯାଉଛି। ରାଜବଂଶୀ ହୋଇଥିବାରୁ ଏହି ସମାଜର ମହିଳାମାନେ ରାଣୀଙ୍କ ପରି ଅଳଙ୍କାର ଓ ବେଶଭୂଷାରେ ସୁସଜ୍ଜିତ ହୋଇଥାନ୍ତି ଏବଂ ପରିବାରର ମୁଖିଆ ମାନନ୍ତି।

# ୟୁଟିଆଇର ସମସ୍ୟା ଗମ୍ଭୀର ହୋଇପାରେ



ମହିଳାମାନଙ୍କ ମଧ୍ୟରେ ୟୁଟିଆଇ ଯାହାକୁ ମୂତ୍ର ମାର୍ଗ ସଂକ୍ରମଣ ମଧ୍ୟ କୁହାଯାଏ, ଏହାର ସବୁଠାରୁ ସାମାନ୍ୟ ଓ ପ୍ରଚଳିତ କାରଣ ହେଉଛି ୱେଷ୍ଟର୍ଣ୍ଣ ଟଏଲେଟ୍। ଏଥିରେ ସଂକ୍ରମଣର ସମ୍ଭାବନା ଅଧିକ ଥାଏ। ୧୫ରୁ ୪୦ ବର୍ଷ ବୟସର ମହିଳାମାନଙ୍କ ମଧ୍ୟରେ ଏହି ସମସ୍ୟା ଅଧିକ ଦେଖାଯାଇଥାଏ। ଆଧୁନିକ ଜୀବନଶୈଳୀ କାରଣରୁ ମହିଳାମାନଙ୍କ ମଧ୍ୟରେ ୟୁରିନାରୀ ଟ୍ୟାକ ଇନଫେକସନ (ୟୁଟିଆଇ) ଏକ ସାଧାରଣ ରୋଗ ଯାହାର କାରଣ ଅସ୍ୱଚ୍ଛ ଶୌଚାଳୟର ବ୍ୟବହାର। ଏହି ରୋଗ ବହୁତ ବିପଦଜନକ ନୁହେଁ କିନ୍ତୁ ଠିକ୍ ସମୟରେ ଏହାର ଚିକିତ୍ସା ନକରିଲେ ଏହା କିଡନୀକୁ ପ୍ରଭାବିତ କରିପାରେ। ସାବଧାନ ରହିଲେ କିଛି ମାତ୍ରାରେ ଏହି ରୋଗରୁ ରକ୍ଷା ମିଳିପାରିବ। ଡାକ୍ତରମାନଙ୍କ ମତରେ ପ୍ରଥମରୁ ୟୁଟିଆଇର ସମସ୍ୟା ମୂତ୍ରତ୍ୟାଗ ସମୟରେ କୌଣସି ପ୍ରକାରର ବାଧାର କାରଣରୁ ହୋଇଥାଏ। କିନ୍ତୁ ଶୌଚାଳୟର ବ୍ୟବହାର କରିବା ସମୟରେ ସ୍ୱଚ୍ଛତାର ଧ୍ୟାନ ନରଖିଲେ ଏହାର ସଂକ୍ରମଣ ହୋଇଥାଏ। ଏହାର ଅନ୍ୟ ଏକ କାରଣ ଗରମ ଦିନରେ ଦୂଷିତ ପାଣିର ସେବନ ଓ ନିର୍ଜଳୀକରଣ (ଡିହାଇଡ୍ରେସନ) ମଧ୍ୟ ୟୁଟିଆଇର କାରଣ ହୋଇପାରେ ଏକ ରିପୋର୍ଟ ଅନୁସାରେ ଅସ୍ୱଚ୍ଛ ଶୌଚାଳୟ ଯୋଗୁ ଭାରତର ୫୦ ପ୍ରତିଶତ ମହିଳା ୟୁଟିଆଇ ସେ ପୀଡ଼ିତ ବୋଲି ଜଣାଯାଇଛି। ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କର ୟୁରେଥା ଛୋଟ ହୋଇଥିବାରୁ ଏହାର ବ୍ୟାକ୍ଟେରିଆ ୟୁରିନାରୀ ବ୍ଲାଡରକୁ ଶୀଘ୍ର ପ୍ରଭାବିତ କରିଥାଏ।

### ୟୁଟିଆଇର ରକ୍ଷା ପାଇବାର ଉପାୟ

ଅଧିକରୁ ଅଧିକ ପାଣି ପିଅନ୍ତୁ। କମ୍ ପାଣି ପିଇବା ଯୋଗୁ ଡିହାଇଡ୍ରେସନ ହେବାର ସମ୍ଭାବନା ଅଧିକ ଓ ୟୁଟିଆଇରେ ମଧ୍ୟ ପୀଡ଼ିତ ହୋଇପାରନ୍ତି। ସାର୍ବଜନିକ ଶୌଚାଳୟର ବ୍ୟବହାର ନକରିବାକୁ ଚେଷ୍ଟା କରନ୍ତୁ। ଟଏଲେଟ୍ ବେଶୀ ସମୟ ବନ୍ଦ କରିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ।

# ମାଛି ହେବନି



ବର୍ଷାରେ ସନ୍ତସନ୍ତିଆ ଲାଗିବା ସାଙ୍ଗକୁ ମାଛି ସଂଖ୍ୟା ଏତେ ବଢ଼ିଯାଏ ଯେ ଅଧିକ ସଂଖ୍ୟାରେ ମାଛି ଘରେ ପଶି ବିରକ୍ତି କରିଦିଅନ୍ତି। ବିଶେଷକରି ଖାଦ୍ୟ ଉପରେ ମାଛି ବସିଲେ ଖୁବ୍ ବିରକ୍ତ ଲାଗେ। ସ୍ୱାସ୍ଥ୍ୟଗତ କାରଣ ସହିତ ପରିଚ୍ଛନ୍ନତା ଦୃଷ୍ଟିରୁ ମାଛି ଘଉଡ଼ାଇବାକୁ ଚାହାନ୍ତି। ତେବେ ଯେତେ ଉପାୟ କଲେ ମଧ୍ୟ ମାଛି ଘରୁ ଯାଆନ୍ତି ନାହିଁ। ଏପରିସ୍ଥିତିରେ କେତେକ ଘରୋଇ ଉପାୟ ବ୍ୟବହାର କରି ମାଛି ଦୂରେଇ ପାରିବେ।

- ତୁଳସୀ ଗଛ ବିଭିନ୍ନ ରୋଗ ନିରାକରଣ ସହିତ ମାଛି ଘଉଡ଼ାଇବାରେ ବି ବେଶ୍ ଉପକାରୀ। ଘରେ ତୁଳସୀ ଗଛ ଲଗାଇଲେ ବର୍ଷାଦିନେ ମାଛି ଆସିବେ ନାହିଁ।
- କିଛି ଆଳତି କର୍ପୂର ଜଳାଇ ଏହାକୁ ଘର ସାରା ବୁଲାଇ ଆଣିଲେ ଏହାର ଧୂଆଁ ଏବଂ ସୁଗନ୍ଧରେ ମାଛି ପଳାଇବେ।
- ଲାଭେଣ୍ଡର, ନୀଳଗିରି, ପୋଦିନା ଏବଂ ଲେମନ ଗ୍ରାସ ପରି ତେଲ ଶୟନକକ୍ଷ, ରୋଷେଇଘର ଆଦି ସ୍ଥାନରେ ସିଂଚନ କଲେ ମାଛି ଆସିବେ ନାହିଁ।
- ଲଙ୍କା ମଧ୍ୟ ମାଛି ଘଉଡ଼ାଇବାରେ ଉପକାରୀ। ଏକ ସ୍ପ୍ରେ ବୋତଲରେ କିଛି ଲଙ୍କାଗୁଣ୍ଡ ଏବଂ ପାଣି ମିଶାଇ ଏହାକୁ ଘରର ବିଭିନ୍ନ ସ୍ଥାନରେ ସ୍ପ୍ରେ କରିଦେବେ।
- ସେଓରେ କିଛି ଲବଙ୍ଗ ଲଗାଇ ଏହାକୁ ମାଛି ଭଣଭଣ ହେଉଥିବା ସ୍ଥାନରେ ରଖିଦିଅନ୍ତୁ। ଦେଖିବେ, କିଛି ସମୟ ପରେ ମାଛି ପଳାଉଛନ୍ତି। ଅସଲରେ ମାଛି ଲବଙ୍ଗର ସୁଗନ୍ଧ ସହିପାରନ୍ତି ନାହିଁ।

# ବର୍ଷାଋତୁରେ ସ୍କିନର ଯତ୍ନ



- ଅଧିକାଂଶ ମହିଳା ବର୍ଷାରେ ମଇଷ୍ଟରାଇଜର ଲଗାଇବାକୁ ଚାହାଁନ୍ତି ନାହିଁ। କିନ୍ତୁ ବର୍ଷାରେ ମଧ୍ୟ ସ୍କିନକୁ ପୋଷଣର ଆବଶ୍ୟକତା ରହିଥାଏ। ବର୍ଷାରେ ବାରମ୍ବାର ଭିଜିବା ଦ୍ୱାରା ସ୍କିନ୍ ଶୁଷ୍କ ହୋଇଯାଏ। ଏହାଦ୍ୱାରା ସ୍କିନ୍ କୁଣ୍ଡେଇ ହୁଏ ଓ ରେସେସ୍ ହୋଇଯାଏ। ତେଣୁ ମଇଷ୍ଟରାଇଜର ଲଗାଇବା ବନ୍ଦ କରନ୍ତୁ ନାହିଁ।
- ବର୍ଷା ପରେ ଯେତେବେଳେ ଖରା ହୁଏ ବହୁତ ଟାଣ ଖରା ହୁଏ। ତେଣୁ ସନସ୍କ୍ରିନ୍ ଲଗାଇ ବାହାରକୁ ବାହରନ୍ତୁ। ସନସ୍କ୍ରିନରେ ସ୍କିନ୍ ଅଲଟ୍ରା ୱାୟଲେଟ୍ କିରଣରୁ ସୁରକ୍ଷା ଦେବ।
- ବର୍ଷା ପାଗରେ ବାତାବରଣରେ ଆର୍ଦ୍ରତା ଅଧିକ ରୁହେ। ଏପରି ସ୍ଥଳେ ପୋର୍ସ ମଧ୍ୟ କଳା ହୋଇଯାଏ। ଏହା ଦ୍ୱାରା ବ୍ରଣ ହୋଇଥାଏ। ଆପଣ ଚାହିଁଲେ ଭଲ ଆଣ୍ଟି ବ୍ୟାକ୍ଟେରିଆଲ ଟୋନର ମଧ୍ୟ ବ୍ୟବହାର କରିପାରିବେ। ଏହା ବ୍ୟତୀତ ଗୋଲାପ ଜଳ ବ୍ୟବହାର କରିଲେ ଫାଇଦାରେ ରହିବେ।
- ବର୍ଷାଋତୁରେ ଅଧିକାଂଶ ବେମାରୀ ଅପରିଷ୍କାର ଯୋଗୁଁ ହୋଇଥାଏ। ତେଣୁ ଆପଣ ହାତ, ଗୋଡ଼କୁ ସମୟ ସମୟରେ ସଫା ରଖନ୍ତୁ। ଭଲ କ୍ୱାଲିଟିର ଫେସ୍ ୱାସରେ ମୁହଁକୁ ଦିନରେ ଦୁଇଥର ଧୁଅନ୍ତୁ। ୱାଟର ପ୍ରୁଫ୍ କ୍ଲିଞ୍ଜରର ବ୍ୟବହାର ମଧ୍ୟ କରିପାରିବେ।
- ବର୍ଷାରେ ଆପଣ ଓଦା ହୋଇଯାଉଥିବେ। ଏଥିରେ ଇନ୍‌ଫେକସନ୍‌ର ବିପଦ ସବୁବେଳେ ରହିଛି। ତେଣୁ ଆପଣ ସ୍କିନକୁ ଅଧିକ ଓଦା ନରଖିବାପାଇଁ ଚେଷ୍ଟା କରନ୍ତୁ। ନହେଲେ ଫଙ୍ଗଲ ଇନଫେକ୍ସନର ଭୟ ରହିଛି।

**ବର୍ଷାଋତୁ ଆରମ୍ଭ ହୋଇଗଲାଣି। ବର୍ଷା ହେବାରୁ ଗରମରୁ ରକ୍ଷା ତ ମିଳିଥାଏ କିନ୍ତୁ ସ୍ୱାସ୍ଥ୍ୟ ଓ ସ୍କିନ୍ ସମ୍ବନ୍ଧୀୟ ଅନେକ ସମସ୍ୟା ଦେଖାଦେଇଥାଏ। ବ୍ରଣ, କୁଣ୍ଡେଇହେବା, ଜ୍ୱଳନ ଓ ଲାଲ୍ ଦାଗ ଇତ୍ୟାଦି ସମସ୍ୟା ଦେଖାଦେଇଥାଏ। ଏଥିରେ ସ୍କିନର ବିଶେଷ ଯତ୍ନର ଆବଶ୍ୟକତା ରହିଥାଏ।**



# ମେଥି



ଆୟୁର୍ବେଦରେ ମେଥିର ବହୁ ହିତକାରୀ ଗୁଣର ବର୍ଣ୍ଣନା ରହିଛି। ଶରୀର ପାଇଁ ଏହାର ପତ୍ର ଏବଂ ଦାନା ଉଭୟ ଅତ୍ୟନ୍ତ ଉପାଦେୟ। ମେଥିଚାରା ଦୁଇ ଫୁଟରୁ ୩ ଫୁଟ୍ ପର୍ଯ୍ୟନ୍ତ ବଢ଼େ। ଏହାକୁ ବାଡ଼ିରେ ମଧ୍ୟ ଲଗାଯାଇ ପାରିବ। ମଧ୍ୟକ୍ଷେତ୍ର, ଦକ୍ଷିଣ ୟୁରୋପ ଓ ପଶ୍ଚିମ ଏସିଆରେ ଏହାର ଉତ୍ପାଦନ ପ୍ରଚୁର ପରିମାଣରେ ହୁଏ। ଏହାର ସଂସ୍କୃତ ନାମ ମେଥିକା। ହିନ୍ଦୀ, ବଙ୍ଗଳା, ଓଡ଼ିଆ, ପଂଜାବୀ, ଗୁଜରାଟୀ ଓ ମରାଠୀରେ ଏହାକୁ ମେଥି ଏବଂ ତେଲଗୁରେ ମେନ୍ତଲୁ, ତାମିଲରେ ବେଣ୍ଡୟମ୍, ଇଂରାଜୀରେ ଫେନୁଗ୍ରିକ କୁହାଯାଏ।

### ଗୁଣ ଓ ଫାଇଦା

୧. ମଧୁମେହ ରୋଗୀଙ୍କୁ ଖାଦ୍ୟ ସହିତ ନିୟମିତ ମେଥି ଖାଇବାକୁ ଆୟୁର୍ବେଦରେ ପରାମର୍ଶ ଦିଆଯାଇଛି।
୨. ମେଥି ଆଣ୍ଠୁ, ଗଣ୍ଠି ବାତ ପାଇଁ ଅବ୍ୟର୍ଥ ଔଷଧ।
୩. ଏଥିରେ ଥିବା ଆଣ୍ଟି ଅକ୍ସିଡେଣ୍ଟ ବାର୍ଦ୍ଧକ୍ୟ ପ୍ରଭାବକୁ କମ୍ କରେ।
୪. ନିୟମିତ ମେଥି ଖାଇଲେ ହୃଦଘାତ ଆଶଙ୍କା କମ୍ ହୁଏ।
୫. ମେଥି ପାଚନତନ୍ତ୍ରକୁ ଦୃଢ଼ କରେ ଏବଂ ବଦହଜମି ଦୂର କରେ।
୬. ଏହାର ତେଲରେ କର୍କଟ ପ୍ରତିରୋଧକ ଶକ୍ତି ରହିଥିବା ଗବେଷଣାରୁ ଜଣାପଡ଼ିଛି।
୭. ମେଥି ଶରୀରରେ ଥିବା ଅନାବଶ୍ୟକ ଚର୍ବି ଦୂର କରିବାରେ ସହାୟକ ହୁଏ।
୮. ଏଥିରେ ଥିବା ଫେଲୋନିକ୍ ଫ୍ଲେବୋନାଇଟ୍ ବୃକକର ରକ୍ଷାକବଚ ପରି କାମକରେ।
୯. ମେଥିରେ ଲେସିଥିନ୍ ନାମକ ଏକ ବିରଳ ତତ୍ତ୍ୱ ରହିଛି। ଏହା ମସ୍ତିଷ୍କର ଦୁର୍ବଳତା ଦୂର କରିଥାଏ।
୧୦. ମେଥିଦାନାର ଗଜା ଯକୃତ ବିକାର ଦୂର କରେ।

# ଘନ କେଶ ପାଇଁ ପରିବା ରସ

**ଉଭୟ ମହିଳା ଓ ପୁରୁଷଙ୍କ ନିମନ୍ତେ କେଶ ସୌନ୍ଦର୍ଯ୍ୟ ନିତାନ୍ତ ଆବଶ୍ୟକ। ଏବର ପରିବେଶରେ କେଶ ଝଡ଼ିବା, ଅକାଳରେ ପାଚିବା ଏକ ପ୍ରମୁଖ ସମସ୍ୟାରେ ପରିଣତ ହୋଇଛି। ଘରୋଇ ଉପଚାରରେ ଏସବୁର ସମାଧାନ ହୋଇପାରିବ। ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ, ପୁରାତନ ଯୁଗରେ ପ୍ରାକୃତିକ ଉପଚାରରେ ହିଁ କେଶ ଚର୍ଚ୍ଚା କରାଯାଉଥିଲା।**



- କେଶ ଅତ୍ୟଧିକ ଝଡୁଥିଲେ କିମ୍ବା କେଶର ଘନତ୍ୱ ବଢ଼ାଇବାକୁ ଚାହୁଁଥିଲେ, ପିଆଜ ରସ ତୁଳାରେ ନେଇ କେଶମୂଳରେ ଲଗାନ୍ତୁ। ସପ୍ତାହକୁ ୨ରୁ ୩ ଥର ଏପରି କରିବା ଉଚିତ୍।
- ଦୈନିକ ଖାଲିପେଟରେ ସକାଳୁ ୧୦୦ ଗ୍ରାମ୍ ଗାଜର ରସ ପିଇବା କେଶ ପାଇଁ ଏକ ଉତ୍ତମ ପାନୀୟ। ଏପରି କଲେ କେଶ ଲମ୍ବା ହେବା ସହ ଅକାଳରେ ପାଚିନଥାଏ।
- କିୱି ଫଳକୁ ଗ୍ରାଇଣ୍ଡିଂ କରି କେଶରେ ଲଗାଇଲେ କେଶ ଘନ କଳା ହେବା ସହ ଝଡ଼େନାହିଁ।
- ନିୟମିତ ଭାବରେ ପାଳଙ୍ଗ ଶାଗ ଖାଇବା ସହ ଏହାର ରସକୁ କେଶ ଶାମ୍ପୁ କରିବା ପୂର୍ବରୁ ଲଗାନ୍ତୁ।
- କେଶକୁ ପ୍ରଦୂଷଣରୁ ରକ୍ଷା କରିବା ନିମନ୍ତେ ରସୁଣ ରସ ଲଗାଇ ୨୦ ମିନିଟ୍ ରଖନ୍ତୁ। ପରେ ଭଲଭାବରେ ଶାମ୍ପୁ କରି କେଶରେ ଦହି ଲଗାଇବା ଉଚିତ୍।
- ଘିକୁଆଁରୀ ରସ ମଧ୍ୟ କେଶ ଓ ତ୍ୱଚା ପାଇଁ ଭଲଭାବେ କାମ କରେ। ମେହେନ୍ଦି ପ୍ୟାକରେ ଏହି ରସ ବ୍ୟବହାର କରି କେଶରେ ୩୦ମିନିଟ୍ ପାଇଁ ଲଗାନ୍ତୁ। ସପ୍ତାହକୁ ଥରେ ଏହିପରି କଲେ କେଶର ଘନତ୍ୱ ବୃଦ୍ଧି ହୁଏ।
- ସହଜରେ ଉପଲବ୍ଧ ହେଉଥିବା ଧନିଆ ପତ୍ରକୁ ଛେଚି କେଶ ମୂଳରେ ଲଗାଇଲେ କେଶ ଝଡ଼ିବା କମ୍ ହୁଏ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଲୁଆଉଟ୍ ନୋଟିସ୍...

ପ୍ରଥମେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ଦିଲ୍ଲୀସ୍ଥିତ ବାସଭବନ ସହିତ ଅନେକ ସ୍ଥାନରେ ଚଢ଼ାଉ ଏବଂ ତା'ପରେ ସିସୋଦିଆଙ୍କ ସମେତ ୧୪ ଜଣଙ୍କ ନାଁରେ ଦୁର୍ନୀତି ଅଭିଯୋଗରେ ଏଫଆଇଆର୍ ରହୁଛି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଏହା ହୋଇଛି ବର୍ତ୍ତମାନର ମିଶନ୍ତି । ସଦ୍ୟତମ ସମ୍ବାଦ ମୁତାବକ ଏମାନେ କେହି ଦେଶ ଛାଡ଼ି ଯାଇ ନପାରିବା ପାଇଁ ଏମାନଙ୍କ ନାମରେ ରବିବାର ସିବିଆଇ ପକ୍ଷରୁ ଜାରି କରାଯାଇ ସାରିଛି ଲୁଆଉଟ୍ ନୋଟିସ୍ । ଅଭିଯୋଗ ହେଉଛି- ଜାତୀୟ ରାଜଧାନୀ ସୀମା (ଏସିଟି)ରେ ଅବକାରୀ ନୀତି ୨୦୨୧-୨୨ ଲାଗୁ କରିବା କ୍ଷେତ୍ରରେ ଏମାନେ ସମସ୍ତେ ଦୁର୍ନୀତି କରିଛନ୍ତି- ଏଫ୍ଆଇଆରେ ଦର୍ଶା ଯାଇଛି ଯେ 'ଟେଣ୍ଡର ପରେ ଲାଇସେନ୍ସଧାରୀମାନଙ୍କୁ ଅନୁଚିତ ଅନୁକମ୍ପା ପ୍ରଦର୍ଶନ କରିବାର ଉଦ୍ଦେଶ୍ୟ ନେଇ ଯୋଗ୍ୟ କପକ୍ଷଙ୍କ ବିନା ଅନୁମତିରେ ଅବକାରୀ ନୀତିକୁ ଲାଗୁ କରିବାକୁ ମନୀଷ ସୁପାରିସ କରିବା ସହିତ ନିଷ୍ପତ୍ତି ନେଇଥିଲେ । ଏହି ପ୍ରସଙ୍ଗର ମୂଳ ତତ୍ତ୍ୱ ରହିଛି ଦିଲ୍ଲୀ ସରକାରଙ୍କ କାର୍ଯ୍ୟକଳାପରେ, ଯାହା ଅନୁସାରେ ଉପଯୁକ୍ତ ପଦ୍ଧତି ଅନୁସରଣ କରାଯିବା ପରେ, ଯେଉଁଥିରେ କି ଲେଫ୍ଟନାଣ୍ଟ ଗଭର୍ଣ୍ଣର ମଧ୍ୟ ସାମିଲ ଥିଲେ, ଏହି ଅବକାରୀ ନୀତିକୁ ନଭେମ୍ବର ୧୭, ୨୦୨୧ରେ ଲାଗୁ କରାଯାଇଥିଲା । ଏହା ସରକାରଙ୍କୁ ବ୍ୟବସାୟଠାରୁ ଦୂରେଇ ରଖୁ ତା ପରିବର୍ତ୍ତେ ସମଗ୍ର ବ୍ୟାପାରକୁ ଘରୋଇ ଏଜେନ୍ସିମାନଙ୍କୁ ଦେଇ ଦେବାର ଉଦ୍ଦେଶ୍ୟ ବହନ କରୁଥିଲା । ଦିଲ୍ଲୀ ସରକାରଙ୍କ କହିବା ଅନୁସାରେ, ଏହି ନୀତି ମଦ ମାଫିଆମାନଙ୍କ ଦୌରାତ୍ମ୍ୟକୁ ବନ୍ଦ କରିବା, ଅପମିଶ୍ରିତ ମଦର କାରବାରକୁ ରୋକିବା ସହିତ ସରକାରୀ ରାଜସ୍ୱ ବୃଦ୍ଧି କରିବାର ଲକ୍ଷ୍ୟ ନେଇ ପ୍ରଣୟନ କରାଯାଇଥିଲା । ସେ ସମୟରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ଏଥିରୁ ୯,୫୦୦ କୋଟି ଟଙ୍କାର ରାଜସ୍ୱ ଅର୍ଜନ ହେବ ବୋଲି ଆକଳନ କରିଥିଲେ । କିନ୍ତୁ ଏହି ନୀତିର କାର୍ଯ୍ୟୟନ ଖୁବ୍ ଶୀଘ୍ର ଅସୁବିଧାର ସମ୍ମୁଖୀନ ହୋଇଥିଲା, ଯେହେତୁ ଘରୋଇ ଏଜେନ୍ସିମାନେ ଏଭଳି ବ୍ୟବସାୟରେ ଲାଭ ହେଉ ନଥିବା ଅନୁଭବ କରିଥିଲେ । ଜଣକ ପରେ ଜଣେ ସେମାନେ ଲାଇସେନ୍ସ ଫେରାଇବାକୁ ଆରମ୍ଭ କଲେ । ନିଚ୍ଛକ ଭାବରେ କେନ୍ଦ୍ର ସରକାର ଏବଂ ବିଜେପି ଏହାକୁ ଦୁର୍ନୀତି ବିରୋଧରେ ସଂଗ୍ରାମ ବୋଲି କହିବା ବେଳେ ଏଏପି ଏବଂ ଅନ୍ୟ ବିରୋଧୀ ଦଳମାନେ ରାଜନୀତିକ ପ୍ରତିଶୋଧ ପରାୟଣତାର ଆଖ୍ୟା ଦେବାରୁ ପଛଘୁଞ୍ଚା ଦେବେନାହିଁ । କହିବା ବାହୁଲ୍ୟ, ଘଟଣାର ସତ୍ୟାସତ୍ୟ ତଦନ୍ତ ପରେ ତ ଜଣା ପଡ଼ିବ, କିନ୍ତୁ ସିବିଆଇ ଏହି ବ୍ୟାପାରରେ ନିରପେକ୍ଷତା ଅବଲମ୍ବନ କରିବା କୁଚିତ୍ କେହି ଆଶା କରନ୍ତି । କାରଣ, ପରିତାପର ବିଷୟ ଯେ ପୂର୍ବରୁ ଥରେ କୋର୍ଟ ସିବିଆଇକୁ ପିଞ୍ଜରାବଦ୍ଧ ଶୁଆର ଆଖ୍ୟା ଦେଇ ସାରିଛନ୍ତି । ଆଉ ସିବିଆଇ ହେଉ କି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଥା ଅନ୍ୟାନ୍ୟ କେନ୍ଦ୍ରୀୟ ଏଜେନ୍ସିମାନେ କେବଳ ସେମାନଙ୍କ ଚାର୍ଟରରେ ଉଲ୍ଲିଖିତ କର୍ତ୍ତବ୍ୟ ପ୍ରତି ପ୍ରତିବଦ୍ଧ ହେବା ଉଚିତ ନୁହେଁ, ବରଂ ସେମାନେ । ନିଜର ସୁନାମକୁ ବଜାୟ ରଖିବା ଉଚିତ । ସାମ୍ପ୍ରତିକ ମାମଲାରେ ବିରୋଧୀମାନେ ମୋଦୀ ସରକାର ତାଙ୍କର ରାଜନୀତିକ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ଏହିସବୁ ଏଜେନ୍ସିକୁ ବ୍ୟବହାର କରୁଥିବାର ଅଭିଯୋଗ ଉଠାଇଛନ୍ତି । ପରନ୍ତୁ, କୌଣସି ବିରୋଧୀ ଦଳ ଏଭଳି ସଂସ୍ଥାମାନଙ୍କର ଦୁରୁପଯୋଗ କରାଯାଉଥିବା ନେଇ ହେଉଥିବା ଅଭିଯୋଗର ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ଏକ ସକାରାତ୍ମକ, ଗଠନମୂଳକ ବ୍ୟବସ୍ଥା ସମ୍ପର୍କରେ ଚିତ୍ ପରାମର୍ଶ ଦେଉଛନ୍ତି । ପ୍ରତ୍ୟେକ ଲୋକ ସମସ୍ୟାକୁ ଦେଖୁ ପାରନ୍ତି ଏବଂ ଏହା ସାଙ୍ଗରେ ଆସିଥିବା ବିପଦ ଉପରେ ଅଶ୍ରୁ ବିସର୍ଜନ କରି ପାରନ୍ତି, କିନ୍ତୁ ତାହା ସମସ୍ୟାର ସମାଧାନ କରିଥାଏ କି ? ବଡ଼ କଥା ହେଉଛି, ସମସ୍ୟାର ସମାଧାନ କରିବା ବିରୋଧୀମାନେ ଯଦି ସରକାରୀ ଏଜେନ୍ସିଗୁଡ଼ିକ ଶାସକ ଦଳର ହାତବାରିସୀ ହେଉଛନ୍ତି ବୋଲି ଅଭିଯୋଗ କରୁଛନ୍ତି, ଏବଂ ପ୍ରକୃତରେ ସେଗୁଡ଼ିକ କିପରି ତାହା ନହୋଇ ପାରିବେ ଚାହୁଁଛନ୍ତି, ତା' ହେଲେ ସେମାନେ ଏହାର ଏକ ସ୍ଥାୟୀ ସମାଧାନର ପନ୍ଥା ସହିତ ଆଗେଇ ଆସିବା ଉଚିତ । ତେବେ ପ୍ରଶ୍ନ ଉଠେ, ସେମାନେ ସତରେ ଏହା ଚାହାନ୍ତି କି ? ନା, ସେମାନେ କେବଳ ଅଭିଯୋଗ କରିଦେଇ ନିଜର ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିଥାନ୍ତି, ଯେମିତିକି କ୍ଷମତାକୁ ଆସିଲେ ସେମାନେ ମଧ୍ୟ ନିଜର ରାଗ ଶୁଝାଇବାକୁ ଏହି ସଂସ୍ଥାଗୁଡ଼ିକର ଉପଯୋଗ କରି ପାରିବେ ? ଅତୀତରେ କେତେକ ସରକାର ମଧ୍ୟ ଏଭଳି କରିଥିବାର ନଜିର ରହିଛି । ଆଉ ଏହାକୁ ନ୍ୟାୟ ବୋଲି ନ କହି ପ୍ରତିଶୋଧ ପରାୟଣତା କହିବା ଅସମୀଚୀନ ହେବ କି ? ଏହି ପରିପ୍ରେକ୍ଷୀରେ ଲୋକପାଳ ପ୍ରସଙ୍ଗକୁ ସ୍ମରଣକୁ ଅଣାଯାଇପାରେ । କୁଆଡ଼େ ଗଲା ଏଇ ଲୋକପାଳ ବ୍ୟବସ୍ଥା, ଯାହାକୁ ନେଇ ଆନ୍ନା ହଜାରେ ଆନ୍ଦୋଳନ କରିଥିଲେ ଉଲ୍ଲେଖଯୋଗ୍ୟ ଯେ ଆଜିର ଏଏପି ସରକାର ଏଇ ଆନ୍ଦୋଳନରୁ ହିଁ ଜନ୍ମଲାଭ କରିଥିଲା । କୁହାଯାଉଥିଲା ଯେ ଲୋକପାଳ ବ୍ୟବସ୍ଥା ସବୁ ପ୍ରକାର ଦୁର୍ନୀତିର ମୂଳୋତ୍ପାଟନ କରିଦେବ ଏବଂ ରାମରାଜ୍ୟ ପ୍ରତିଷ୍ଠା ହୋଇଯିବ। ଏହା ଅବଶ୍ୟ ଠିକ୍ ଯେ ଲୋକପାଳ ନିଯୁକ୍ତ ହୋଇ ସାରିଛନ୍ତି ଏବଂ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି, କିନ୍ତୁ ପ୍ରକୃତରେ ଏହା କ'ଣ କରୁଛନ୍ତି, କଦାଚିତ୍ ସେ ବିଷୟରେ କେହି କହି ପାରିବେ । ଆଶା କରାଯାଉ, ରାଜନୀତିକ ଦଳମାନେ ପରସ୍ପର ଉପରକୁ କାଦୁଅ ଫିଙ୍ଗାରୁ ନିଜକୁ ମୁକ୍ତ କରିବେ; ଦେଶରୁ ଦୁର୍ନୀତି ଦୂର ହେବ ।

# ଇତିହାସ ଆଢୁଆଳର ସହିଦ କ୍ଷେତ୍ର



ଦିଲ୍ଲୀପ କୁମାର ସାହୁ

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବାଠାରୁ ୧୯୯୨ ମସିହା ପର୍ଯ୍ୟନ୍ତ କୋରାପୁଟ ଥିଲା ରାଜ୍ୟର ସବୁଠାରୁ ବଡ଼ ଜିଲ୍ଲା । ନବରଙ୍ଗପୁର ଥିଲା ଜିଲ୍ଲାର ଅନ୍ୟତମ ଉପଖଣ୍ଡ ବା ସବଡିଭିଜନ୍ । ରାଜଧାନୀ ଭୁବନେଶ୍ୱର ଠାରୁ ନବରଙ୍ଗପୁର ଯିବାପାଇଁ କେବଳ ସଡ଼କ ପଥରେ ସୁବିଧା ରହିଛି। ଭୁବନେଶ୍ୱରରୁ ବଲାଙ୍ଗୀର, ଭବାନୀପାଟଣା ଦେଇ ଯିବା ବାଟରେ କଳାହାଣ୍ଡି ଜିଲ୍ଲାର ସୀମାରେ ରହିଛି ଆମ୍ ପାଣି ଘାଟି।

ଘାଟି ପାରିହେଲେ ଆରମ୍ଭ ହୁଏ ଅବିଭକ୍ତ କୋରାପୁଟ ବା ବର୍ତ୍ତମାନର ନବରଙ୍ଗପୁର ଜିଲ୍ଲା । ଆମ୍ ପାଣି ଘାଟି ପରେ ଆସେ ପାପଡାହାଣ୍ଡି ଛକ । ସେହି ଛକରୁ ଦକ୍ଷିଣକୁ ପନ୍ଦର କିଲୋମିଟର ଗଲେ ନବରଙ୍ଗପୁର ଓ ଛକର ଉତ୍ତରକୁ ରାସ୍ତା ଲମ୍ବିଯାଇଛି ଡାବୁଗାଁ, ଉମରକୋଟ ଦେଇ ଛତିଶଗଡ଼କୁ । ତେଣୁ ଭୌଗଳିକ ଦୃଷ୍ଟି କୋଣରୁ ପାପାଡାହାଣ୍ଡି ଛକର ବେଶ୍ ଗୁରୁତ୍ୱ ରହିଛି। ଅନ୍ୟ ପକ୍ଷରେ ଐତିହାସିକ ଦୃଷ୍ଟିକୋଣରୁ ମଧ୍ୟ ଛକଟି ବେଶ୍ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଇତିହାସ ଆଢୁଆଳର ରହିଯାଇଛି

ସେହି ପବିତ୍ର ସ୍ଥାନ, ଯେଉଁଠି ଦିନେ ବ୍ରିଟିଶ ଫଉଜର ନରସଂହାରରେ କେତେଯେ ସ୍ୱାଧୀନତା ସଂଗ୍ରାମୀ ପ୍ରାଣ ହରାଇଥିଲେ ତାର ସଠିକ ହିସାବ କେହି ରଖିନି। ପାପଡାହାଣ୍ଡି ଛକରୁ ଅଳ୍ପ କିଛି ବାଟ ଉତ୍ତରକୁ ଗଲେ ପଡ଼େ ପୂଣ୍ୟତୋୟା ଇନ୍ଦ୍ରାବତୀର ଉପନଦୀ ଟୁରୀ। ନଦୀ କୂଳରେ ନିର୍ମିତ ସହୀଦ ମିନାର୍ ବଖାଣେ ସେଦିନର ସେହି ଲୋମହର୍ଷଣକାରୀ କାହାଣୀ। ବ୍ରିଟିଶ ସିପାହୀମାନେ ଯେ ଏତେ ନିର୍ଦ୍ଦୟ ଓ ନିର୍ମମ ହୋଇପାରନ୍ତି ତାର ମୂକ ସାକ୍ଷୀ ଟୁରୀ ନଦୀ, ଯେଉଁଠି ପ୍ରତିବର୍ଷ ଅଗଷ୍ଟ ୨୪ ତାରିଖ ଦିନ ତିଳ ତର୍ପଣ କରି ସହିଦ ମାନଙ୍କୁ ମନେପକାଇ ଥାନ୍ତି ଜିଲ୍ଲା ପ୍ରଶାସନ ଓ କିଛି ସ୍ଥାନୀୟ ସାମାଜିକ କର୍ମୀ।



ଅବିଭକ୍ତ କୋରାପୁଟ ଜିଲ୍ଲା ଏକ ଆଦିବାସୀ ବହୁଳ ଅଞ୍ଚଳ । ଆଦିବାସୀମାନେ ଖୁବ୍ ସରଳ ନୀରିହ। ଖଟନ୍ତି ଖାଆନ୍ତି। ଚାଷବାସ, ପଶୁ ପାଳନ ଓ ବଣ ଜଙ୍ଗଲରୁ ଫଳମୂଳ ସଂଗ୍ରହ କରି ଚଳନ୍ତି ସେମାନେ। ଟିକସ କି ଖଜଣା କଥା ସେମାନଙ୍କୁ ଜଣାନଥାଏ। ଇଂରେଜ ମାନେ ଓଡିଶା ଦଖଲ କଲାପରେ ଆଦିବାସୀଙ୍କୁ ଖଜଣା ଦେବାକୁ ବାଧ କଲେ ଓ ନଦେଲେ କଠିନ ଦଣ୍ଡ ମଧ୍ୟ ଦେଲେ । ତାହା ସେମାନଙ୍କୁ ବାଧୁଥିଲା ସତ, ହେଲେ ଭୟରେ କେହି ମୁହଁ ଖୋଲୁନଥିଲେ । ତାହା, ଜିଲ୍ଲାର ଲକ୍ଷ୍ମଣ ନାୟକ ନାମକ ଜଣେ ଆଦିବାସୀ ଯୁବକଙ୍କୁ ଖୁବ୍ ବାଧୁଥିଲା। ସେ ଜାଣିଥାନ୍ତି ଯେ ଗୁଳି ବନ୍ଧୁକ ରେସଜ୍ଜିତ ଫିରିଙ୍ଗି ଫଉଜକୁ ସାମ୍ନା କରିବା ସହଜ ନୁହେଁ।

ସେତେବେଳେ ମହାତ୍ମାଗାନ୍ଧୀଙ୍କ ଆହ୍ୱାନ ରେ ସାରା ଦେଶରେ ଆରମ୍ଭ ହେଲା ଅହିଂସା ଆନ୍ଦୋଳନ। ଲକ୍ଷ୍ମଣ ନାୟକ ହୃଦୟଙ୍ଗମ କଲେ ଯେ ବଳରେ ସିନା ଗୋରା ମାନଙ୍କୁ ଜିତି ହେବନି ଅହିଂସା ଅସ୍ତ୍ରରେ ନିଶ୍ଚୟ ସେମାନଙ୍କୁ ଦେଶରୁ ତଡିହେବ । ତେଣୁ ସେ ଗାନ୍ଧୀଙ୍କ ଶିଷ୍ୟ ପାଲଟିଗଲେ ଓ କୋରାପୁଟ ଜିଲ୍ଲାର ଗାଁ ଗଣ୍ଡା ବୁଲି ଗାନ୍ଧୀଙ୍କ ବାର୍ତ୍ତା ପ୍ରଚାର କଲେ । ତେଣୁ ତାଙ୍କୁ କୁହାଯାଉଥିଲା କୋରାପୁଟର ଗାନ୍ଧୀ। ଲକ୍ଷ୍ମଣ ନାୟକଙ୍କ କଥାକୁ ସରଳ ଆଦିବାସୀମାନେ ସହଜରେ ଗ୍ରହଣ କରୁଥିଲେ।ଫଳରେ ବଣ ମୁଲକରେ ମଧ୍ୟ ମହାତ୍ମାଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ ତୀବ୍ର ରୂପ ନେଲା। ଇଂରେଜ ସରକାର ବିରୁଦ୍ଧରେ ସଭା, ଶୋଭାଯାତ୍ରା ଓ ସ୍ଲୋଗାନ ସରକାରୀ ଲୋକଙ୍କ ଦେହରେ ଯାଉନଥାଏ। ସେମାନେ ଲକ୍ଷ୍ମଣ ନାୟକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁଯୋଗ ଖୋଜୁଥାନ୍ତି।

୧୯୪୨ ମସିହା ଅଗଷ୍ଟ ୯ ତାରିଖ। ମହାତ୍ମାଗାନ୍ଧୀ ଭାରତଛାଡ ଆନ୍ଦୋଳନର ଡାକରା ଦେଲେ । ସେହି ଡାକ ଅବିଭକ୍ତ କୋରାପୁଟ ଜିଲ୍ଲାର ବଣ ପାହାଡରେ ପ୍ରତିଧ୍ୱନି ତୋଳିଲା । ଲକ୍ଷ୍ମଣ ନାୟକ ସାଥିମାନଙ୍କ ସହ ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ପତାକା ଉଡ଼ାଇ ଭାରତ ମାତା କି ଜୟ, ସ୍ୱାଧୀନ ଭାରତକି ଜୟ, ମହାତ୍ମାଗାନ୍ଧୀ କି ଜୟ ଧ୍ୱନିରେ ଗଗନ ପବନ କମ୍ପାଇ ଦେଲେ।

ଅଗଷ୍ଟ ୨୧ ତାରିଖ ଦିନ ମାଲକାନଗିରି ନିକଟବର୍ତ୍ତୀ ମାଥିଲି ଥାନାରେ ତ୍ରିରଙ୍ଗା ପତାକା ଉଡ଼ାଇବା ପାଇଁ ଲକ୍ଷ୍ମଣ ନାୟକ ଶାନ୍ତିପୂର୍ଣ୍ଣ ଭାବରେ ଶୋଭାଯାତ୍ରାରେ ଯାଉଥିବା ବେଳେ ଗୋରା ପୁଲିସ ପକ୍ଷରୁ ଆଖିବୁଜା ଗୁଳିଚାଳନା କରାଯାଇଥିଲା। ସେଥିରେ ଅନେକ ସଂଗ୍ରାମୀ ମୃତାହତ ହୋଇଥିଲେ । ସେହି ସମୟରେ ଏକ ନିଶାସକ୍ତ ସରକାରୀ ଜଙ୍ଗଲ କର୍ମଚାରୀ ଅତ୍ୟଧିକ ନିଶା ହେତୁ ନର୍ଦ୍ଦମାରେ ପଡ଼ି ମୃତ୍ୟୁ ବରଣ କରିଥିଲା।

ପୋଲିସ ଗୁଳିରେ ମୃତ୍ୟୁବରଣ କରିଥିବା ସଂଗ୍ରାମୀଙ୍କୁ ପଛରେ ପକାଇ ଜଙ୍ଗଲ କର୍ମଚାରୀଟିର ମୃତ୍ୟୁ କୁ ସରକାରୀ ଲୋକେ ବେଶି ଗୁରୁତ୍ୱ ଦେଲେ ଓ ସେଥିପାଇଁ ଲକ୍ଷ୍ମଣ ନାୟକଙ୍କୁ ଦାୟି କରାଗଲା । ସେହି ଅପରାଧରେ ତାଙ୍କୁ ବନ୍ଦି କରାଗଲା ଓ ବିଚାରରେ ଦୋଷୀ ସାବ୍ୟସ୍ତ କରାଯାଇ ବ୍ରହ୍ମପୁର ଜେଲ୍ ରେ ଫାସି ଦିଆ ଯାଇଥିଲା।

ଲକ୍ଷ୍ମଣ ନାୟକଙ୍କୁ ବନ୍ଦୀ କରାଯିବା ପ୍ରତିବାଦରେ ପାପଡାହାଣ୍ଡିରୁ ସଂଗ୍ରାମୀ ମାନଙ୍କର ଏକ ଶୋଭାଯାତ୍ରା ଅଗଷ୍ଟ ୨୪ ତାରିଖ ଦିନ ଡାବୁଗାଁ ଥାନା ଅଭିମୁଖେ ଯାଉଥିଲା। ସଂଗ୍ରାମୀ ମାନଙ୍କ ହାତରେ ତ୍ରିରଙ୍ଗା ପତାକା ଓ କଣ୍ଠରେ ଭାରତ ମାତାଙ୍କ ଜୟ ଧ୍ୱନି। ବାଟରେ ପଡ଼ିଲା ଟୁରୀ ନଦୀ। ଶ୍ରାବଣ ମାସର ପୂର୍ଣ୍ଣଗର୍ଭା ନଦୀକୁ ପାରିହେବା ପାଇଁ ଅଣ ଓସାରିଆ କାଠ ପୋଲ ।

ଶୋଭାଯାତ୍ରା ଆସୁଥିବା ଖବର ପାଇ ଡାବୁଗାଁ ପଟୁ ଫିରିଙ୍ଗି ଫଉଜ ଦଳ ପହଞ୍ଚିଗଲେ ଟୁରୀ ନଦୀ ପୋଲ ନିକଟରେ। ଶୋଭାଯାତ୍ରା ଫେରିଯିବା ପାଇଁ ଫଉଜ ପକ୍ଷରୁ କିଛି ଘୋଷଣା କରାଗଲା ନାହିଁ, ବରଂ ସଂଗ୍ରାମୀ ମାନେ ପୋଲ ର ମଧ୍ୟ ଭାଗକୁ ଆସିଯିବା ମାତ୍ରେ ଆରମ୍ଭ ହୋଇଗଲା ଆଖିବୁଜା ଗୁଳିଚାଳନା।ଘଟଣା ସ୍ଥଳରେ ଏଗାର ଜଣ ସହିଦ ହୋଇଗଲେ।

ମୃତାହତଙ୍କ ମଧ୍ୟରୁ ପରେ ଆଠ ଜଣଙ୍କର ମୃତ୍ୟୁ ଘଟିଥିଲା। ସରକାରୀ କାଗଜ ପତ୍ରରେ ସେହି ୧୯ଜଣ ସହିଦଙ୍କ ନାମ ଲିପିବଦ୍ଧ। ସେଦିନ କିନ୍ତୁ ପ୍ରାଣବିକଳରେ ଅନେକ ସଂଗ୍ରାମୀ ବଢି ପାଣିରେ ଉଚ୍ଛୁଳୁଥିବା ଟୁରୀ ନଦୀକୁ ଡେଇଁ ପ୍ରାଣ ହରାଇଥିଲେ। ସେମାନଙ୍କ ନାଁକୁ କେହି ମନେ ରଖି ନାହିଁ। ପ୍ରତ୍ୟକ୍ଷଦର୍ଶୀ ମାନେ କୁହନ୍ତି ଶତାଧିକ ସଂଖ୍ୟାରେ ସଂଗ୍ରାମୀ ସେଦିନ ସହିଦ ଭାବରେ ସଲିଳ ସମାଧି ନେଇଥିଲେ ପୂର୍ଣ୍ଣ ଗର୍ଭା ଟୁରୀ ନଦୀ ଛାତିରେ ।

ଇତିହାସ ଆଢୁଆଳର ରହିଯାଇଛି ସହିଦ କ୍ଷେତ୍ର ପାପଡାହାଣ୍ଡି ଓ ତାର ଶହ ଶହ ସହିଦଙ୍କ ନାଁ। ଆଜାଦି କି ଅମୃତ ମହୋତ୍ସବ ପାଳନ ଅବସରରେ ସେମାନଙ୍କୁ ମନେ ପକାଇ ପାରିଲେ ତାହା ହେବ ସେମାନଙ୍କ ପାଇଁ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳୀ।

ଶଙ୍କରପୁର, ଚାରବାଟିଆ
କଟକ, ମୋ-୭୦୭୭୨୦୬୯୭୭

# ଉଚ୍ଚାରଣ ଏବଂ ଆଚରଣରେ ପାର୍ଥକ୍ୟ କାହିଁକି ?



ଗୋପାଳ ମହାପାତ୍ର

ସ୍ୱାଧିନତାର ଅମୃତ ମହୋତ୍ସବ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାର କଥା କହିଛନ୍ତି । ଦେଶକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଦାୟିତ୍ୱ ଯୁବକମାନଙ୍କର ବୋଲି ମତ ଦେଇଛନ୍ତି । ଦେଶ ସମ୍ମୁଖରେ ପଞ୍ଚ ପ୍ରାଣ କଥା ରଖିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଭାଷଣକୁ ଅନେକ ବୁଦ୍ଧିଜୀବୀ ସକାରାତ୍ମକ ଅର୍ଥରେ ଗ୍ରହଣ କରୁଥିବା ବେଳେ ଅନେକ ମଧ୍ୟ ଏହାକୁ ସମାଲୋଚନା କରୁଛନ୍ତି । ସମାଲୋଚନାକାରୀଙ୍କ ଯୁକ୍ତି ମଧ୍ୟ ଅକାଟ୍ୟ । ସେମାନଙ୍କ ମତରେ ଅର୍ଦ୍ଧ ସତ୍ୟ, ଭୁଲ୍ କଥା କହିବା, ପରନିନ୍ଦା, ନୂଆ ନୂଆ ସ୍ୱପ୍ନ ଦେଖାଇବା ଏବଂ ଧାର୍ମିକ ଓ ସାଂପ୍ରଦାୟିକ ପ୍ରତୀକରେ ବ୍ୟବହାର ଏବଂ ଆତ୍ମପ୍ରଶଂସା ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ଭରିରହିଛି। ଦେଶରେ ହେଉ ବା ବିଦେଶରେ, ସଂସଦରେ ଅଥବା ନିର୍ବାଚନ ରାଲିରେ ଯେଉଁଠି ସୁଯୋଗ ମିଳିଲା ସେଠି ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ଏସବୁ କଥା ଦେଖିବାକୁ ମିଳୁଛି । ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ତାଙ୍କ ଭାଷଣରେ ମଧ୍ୟ ଏସବୁର ଝଲକ୍ ଦେଖିବାକୁ ମିଳିଛି ।

ପ୍ରଧାନମନ୍ତ୍ରୀ ସ୍ୱାଧୀନତା ଦିବସ ପୂର୍ବରୁ ଦେଶବାସୀଙ୍କୁ ଯେଉଁ ଆହ୍ୱାନ ଦେଇଥିଲେ ଦେଶବାସୀ ତାହାକୁ କାର୍ଯ୍ୟକାରୀ କରିଛନ୍ତି । ଘରେ ଘରେ ରାଷ୍ଟ୍ରୀୟ ଝଣ୍ଡା ତ୍ରିରଙ୍ଗା ଉଡିଛି। ଲୋକେ ତାଙ୍କ ସୋସିଆଲ୍ ମିଡ଼ିଆ ଆକାଉଣ୍ଟର ଡିପିକୁ ତ୍ରିରଙ୍ଗାମୟ କରିଦେଇଛନ୍ତି । କିନ୍ତୁ ଐତିହାସିକ ମହତ୍ୱ ଥିବା ଏହି ଅବସରରେ ନିଜେ ପ୍ରଧାନମନ୍ତ୍ରୀ ଐତିହାସିକ ମହତ୍ୱ ଥିବା ଏହି ଅବସରରେ ନିଜେ ପ୍ରଧାନମନ୍ତ୍ରୀ ନିଜକୁ ରାଜନୈତିକ କୁଣ୍ଠାବୋଧ, ହୀନ ଭାବନା ଏବଂ ରାଜନୈତିକ ବିରୋଧିଙ୍କୁ ନିଜର ଶତ୍ରୁ ବୋଲି ଭାବିବାର ମାନସିକତାଠାରୁ ଦୂରେଇ ରଖିପାରିନାହାଁନ୍ତି । ପ୍ରଧାନମନ୍ତ୍ରୀଙ୍କ ଭାଷଣକୁ ଶୁଣିଲେ ଲାଗିବନି ଯେ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଦେଶର ମୁଖିଆ ଭାବେ ସମ୍ବୋଧିତ କରୁଛନ୍ତି । ତାଙ୍କ ଭାଷଣରୁ ଗୋଟିଏ କଥା ସ୍ପଷ୍ଟ ଯେ ସେ ଜଣେ ଭଲ ବକ୍ତା ଓ ଅନେକ ସ୍ୱପ୍ନ ଦେଖାଇବାରେ ଓସ୍ତାଦ କିନ୍ତୁ ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ଏବଂ ତାଙ୍କ ସରକାର ଓ ଦଳର ଆଚରଣ ତାଙ୍କ ଭାଷଣଠାରୁ ପୁରା ଓଲଟା। କିଛି ବର୍ଷ ହେବ ମୋଦୀ କହିଆସୁଛନ୍ତି ହେଲେ ଯେ ୨୦୨୨ରେ ସ୍ୱାଧୀନତାର ୭୫ ବର୍ଷ ପୁରିବା ବେଳକୁ କୃଷକଙ୍କ ଆୟ ଦ୍ୱିଗୁଣିତ ହୋଇପାରିବ, ଦେଶର ସବୁ ଲୋକଙ୍କୁ ଘର ଯୋଗାଇ ଦିଆଯାଇପାରିବ, ଦେଶର ଅର୍ଥ ବ୍ୟବସ୍ଥା ସୁଧୁରିବ । କିନ୍ତୁ ଏଇ ଅଗଷ୍ଟ ୧୫ର ଭାଷଣରେ ପ୍ରଧାନମନ୍ତ୍ରୀ ଏସବୁ କଥାକୁ ଏଡାଇ ଯାଇଛନ୍ତି । ପ୍ରଧାନମନ୍ତ୍ରୀ ହେବାପରେ ୨୦୧୪ରେ ଲାଲକିଲ୍ଲାରୁ ଦେଇଥିବା ପ୍ରଥମ ଭାଷଣରେ ମୋଦି ଦେଶବାସୀଙ୍କୁ ଏବଂ ବିଶେଷକରି ତାଙ୍କ ଦଳ ଓ ସହଯୋଗୀ ସଂଗଠନ ମାନଙ୍କୁ ସାମ୍ପ୍ରଦାୟିକ ଏବଂ ଜାତିଗତ ବିଦ୍ୱେଷ ସୃଷ୍ଟି କଲାଭଳି କୌଣସି କାର୍ଯ୍ୟ ୧୦ ବର୍ଷ ମଧ୍ୟରେ ନକରିବା ପାଇଁ ନିବେଦନ କରିଥିଲେ। ମୋଦି କହିଥିଲେ ଯେ ଜାତିବାଦ, ସାଂପ୍ରଦାୟିକବାଦ, ଆଞ୍ଚଳିକବାଦ, ସାମାଜିକ ଓ ଆର୍ଥିକ ଆଧାରରେ ଲୋକଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରାନଯାଉ। ଏସବୁ ଏମିତି ଜହର ଯାହା ଦେଶର ବିକାଶରେ ବାଧା ସୃଷ୍ଟି କରିଥାଏ। ୨୦୧୪ର ଭାଷଣରେ ମୋଦି ଏକଥା ମଧ୍ୟ କହିଥିଲେ ଯେ ଆମେ ପରସ୍ପର ମଧ୍ୟରେ ଲଢେଇ ନକରି, ଦାରିଦ୍ର୍ୟ ବିରୁଦ୍ଧରେ, ବେରୋଜଗାରୀ ବିରୁଦ୍ଧରେ, ଅଶିକ୍ଷା ବିରୁଦ୍ଧରେ ଏବଂ ସବୁ ପ୍ରକାରର ସାମାଜିକ ଅବ୍ୟବସ୍ଥା ବିରୁଦ୍ଧରେ ଲଢେଇ କରିବା ଏବଂ ଏଭଳି ଏକ ସମାଜ ଗଠନ କରିବା ଯେଉଁଠି କୌଣସି ଅବ୍ୟବସ୍ଥା ନଥିବ ।

ପ୍ରଧାନମନ୍ତ୍ରୀ ମୋଦିଙ୍କ ଭାଷଣକୁ ସେତେବେଳେ ସବୁ ସ୍ତରରେ ପ୍ରଶଂସା କରାଯାଇଥିଲା। କିନ୍ତୁ ବିଗତ ୮ ବର୍ଷ ମଧ୍ୟରେ ତାଙ୍କ ସରକାର ଏବଂ ଦଳ ତାଙ୍କ ଭାଷଣର ଠିକ୍ ଓଲଟା କାମ କରିଛି। ପ୍ରଧାନମନ୍ତ୍ରୀ ଲାଲ୍‌କିଲ୍ଲାରୁ ଦେଇଥିବା ଭାଷଣରେ ଅନେକ ପ୍ରସଙ୍ଗରେ ଏଥର କିଛି କହିନାହାନ୍ତି। ଆଶା କରାଯାଉଥିଲା ପ୍ରତିଥର ଭଳି ଏଥର ମଧ୍ୟ ତାଙ୍କ ସରକାରର ରିପୋର୍ଟକାର୍ଡ କଥା କହିବେ । କିନ୍ତୁ ସାମାଜିକ ଯୋଜନା ଭଳି ଦୁଇ-ତିନୋଟି ପ୍ରସଙ୍ଗକୁ ଛାଡ଼ି ବାକି ଅନେକ ପ୍ରସଙ୍ଗଠାରୁ ଦୂରେଇ ଯାଇଛନ୍ତି। ପ୍ରଧାନମନ୍ତ୍ରୀ ଏଥର ମଧ୍ୟ କୌଣସି ବଡ଼ ଯୋଜନାର ଘୋଷଣା କରିନାହାଁନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ କାଶ୍ମୀର ଏବଂ ପାକିସ୍ଥାନ କଥା ମଧ୍ୟ କହିନାହାନ୍ତି କିମ୍ବା ଚୀନ୍ ସହ ଚାଲିଥିବା ସୀମା ବିବାଦ ବାବଦରେ କିଛି କହିହାନ୍ତି । ଆନ୍ତର୍ଜାତୀୟ ପ୍ରସଙ୍ଗ ଋଷ-ୟୁକ୍ରେନ୍ ଯୁଦ୍ଧ ବାବଦରେ ସଂପୂର୍ଣ୍ଣ ନୀରବ ରହିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ପ୍ରଧାନମନ୍ତ୍ରୀ ଦେଶରେ ଦରଦାମ୍ ବୃଦ୍ଧି, ବେରୋଜଗାରୀ, ଖାଦ୍ୟ ପଦାର୍ଥ ଉପରେ ଜିଏସ୍‌ଟି, ବିଦେଶରେ ଥିବା କଳାଧନ ପ୍ରସଙ୍ଗରେ ମଧ୍ୟ ପଦୁଟିଏ କହିନାହାନ୍ତି। ତାଙ୍କ ସରକାରର ଉପଲବ୍ଧି ପ୍ରସଙ୍ଗରେ କରୋନା ସମୟରେ ତାଳି - ଥାଳି ବଜେଇବା, ମହମବତୀ ଜଳାଇବା ଭଳି କଥା ସବୁ ରାଷ୍ଟ୍ରୀୟ ଚେତନା ଜାଗୃତ ହେବାର ପ୍ରତୀକ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଭ୍ରଷ୍ଟାଚାର ଏବଂ ପରିବାରବାଦ ଦେଶର ବିକାଶ ଏବଂ ଲୋକତନ୍ତ୍ର ପାଇଁ ବାଧକ ବୋଲି କହିଛନ୍ତି । ଏସବୁର ବିଲୋପ ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଏହି ଆହ୍ୱାନ କରିବାର ୩ୟ ଦିନ ଅର୍ଥାତ୍ ଅଗଷ୍ଟ ୧୭ ତାରିଖରେ ଭ୍ରଷ୍ଟାଚାର ମାମଲାରେ ଅଦାଲତର ସମ୍ମୁଖୀନ ହେଉଥିବା ୟେଦୁୟେରେପ୍ପାଙ୍କୁ ବିଜେପି ସଂସଦୀୟ ବୋର୍ଡର ସଦସ୍ୟ କରାଯାଇଛି। ଏତଦ୍‌ବ୍ୟତୀତ ବିଗତ କିଛି ବର୍ଷ ମଧ୍ୟରେ ତାଙ୍କ ଦଳ ବିଭିନ୍ନ ରାଜ୍ୟରେ ଅନ୍ୟଦଳର ବିଧାୟକଙ୍କୁ ବିଜେପିରେ ସାମିଲ୍ କରିବା (ଘୋଡାବେପାର କରିବା) ଓ ବିରୋଧି ଦଳର ସରକାରଙ୍କୁ ଭାଙ୍ଗିବା ଭଳି କାର୍ଯ୍ୟ କରିଛି। ଦେଶବାସୀ ଏସବୁ କଥା ମଧ୍ୟ ଜାଣନ୍ତି । ସେହିପରି ପରିବାରବାଦ ପ୍ରସଙ୍ଗରେ ବିଜେପି ମଧ୍ୟ ଅନ୍ୟ ଦଳଠାରୁ ଭିନ୍ନ ନୁହେଁ। କେତେକ ରାଜ୍ୟରେ ପରିବାର ଆଧାରିତ ଦଳ ସହ ମେଣ୍ଟ କରି ବିଜେପି ସରକାର ଗଢିଛି ଓ ପ୍ରଧାନମନ୍ତ୍ରୀଙ୍କ ଦଳର ଅନେକ ନେତାଙ୍କ ସନ୍ତାନ ସନ୍ତତି ସଂସଦ ଓ ବିଧାନସଭାର ଶୋଭାମଣ୍ଡନ କରୁଛନ୍ତି । ଏଣୁ ପରିବାରବାଦ କଥା ପ୍ରଧାନମନ୍ତ୍ରୀଙ୍କ ଦଳରେ ମଧ୍ୟ ରହିଛି ।

ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ନାରୀ ସମ୍ମାନର କଥା ଉଠାଇଥିଲେ ଓ ଲୋକଙ୍କୁ ସେମାନଙ୍କର ବ୍ୟବହାରରେ ପରିବର୍ତ୍ତନ କରିବା ପାଇଁ ଆହ୍ୱାନ ଦେଇଥିଲେ। ତାଙ୍କ ଆହ୍ୱାନର ମାତ୍ର କେଇ ଘଣ୍ଟା ପରେ ଗୁଜୁରାଟରେ ବିଜେପିର ସରକାର ଗର୍ଭବତୀ ବିଲ୍‌କିସ୍ ବାନୁଙ୍କୁ ଧର୍ଷଣ କରିଥିବା ଏବଂ ବିଲ୍‌କିସ୍‌ଙ୍କ ୩ ବର୍ଷର ଝିଅ ଓ ପରିବାରର କିଛି ଲୋକଙ୍କୁ ହତ୍ୟା କରି ଆଜୀବନ ଜେଲଦଣ୍ଡ ଭୋଗୁଥିବା ଅପରାଧିଙ୍କୁ ମୁକ୍ତ କରିଦେଇଛି। ଖାଲି ଏତିକି ନୁହେଁ ଅପରାଧି ଜେଲରୁ ମୁକ୍ତ ହେବା ପରେ ସେମାନଙ୍କୁ ଅଭିନନ୍ଦନ କରାଯାଉଥିବା ଭଳି କଥା ମଧ୍ୟ ଦେଖିବାକୁ ମିଳିଛି । ଏଣୁ ମହିଳାଙ୍କ ସମ୍ମାନ କଥା କହୁଥିବା ପ୍ରଧାନମନ୍ତ୍ରୀଙ୍କ ସରକାର ଓ ଦଳ ପ୍ରଧାନମନ୍ତ୍ରୀଙ୍କ କଥାକୁ ଗୁରୁତ୍ୱ ଦେଉନାହାଁନ୍ତି ବୋଲି କୁହାଯାଇପାରେ। ଭ୍ରଷ୍ଟାଚାର ପ୍ରସଙ୍ଗ ହେଉ ବା ପରିବାରବାଦ ଅଥବା ମହିଳାଙ୍କ ସମ୍ମାନର ପ୍ରସଙ୍ଗ ହେଉ ଏସବୁ ମାସଲାରେ ପ୍ରଧାନମନ୍ତ୍ରୀଙ୍କ ଉଚ୍ଚାରଣ ବା କଥା ଏବଂ ତାଙ୍କ ଦଳର ଆଚରଣ ବା କାର୍ଯ୍ୟ ମଧ୍ୟରେ ଅନେକ ତଫାତ୍ ରହିଛି । ଦେଖିବାକୁ ଗଲେ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଭାଷଣରେ କୁଣ୍ଠା, ହତାଶା, ମାୟା ମରିଚିକାର ସ୍ୱପ୍ନ ଏବଂ ସାରହୀନ ସଂକଳ୍ପ ରହିଥିଲା ଯେଉଁଥିପାଇଁ ଦେଶକୁ ନିରାଶ ହେବାକୁ ପଡ଼ିଛି ।

+ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

## କବିତା କୋଣାର୍କ

### ନାରୀ

ବିଶ୍ୱଜିତ ପୁହାଣ

ହଁ ସେଇ ବିଶ୍ୱାସର ବହ୍ନି ତୁ
ଜ୍ୟୋତି ତୁ ....... ତୁ ହିଁ ଆଲୋକ
ହଁ ଅନନ୍ୟ ବି ତୁ ।
ବିନ୍ଦୁରେ ଗଢିପାରୁ ସାଗର
ନିତ୍ୟ ତୁ ....... ତୁ ହିଁ ପରିଚୟ
ହଁ ଆନନ୍ଦ ବି ତୁ ।
ପାଉଁଶ ଆଭ୍ୟନ୍ତର ସୁବର୍ଣ୍ଣ
ସତ୍ୟ ତୁ ....... ତୁ ହିଁ ଅନନ୍ତ
ହଁ ବ୍ରହ୍ମ ବି ତୁ ।
ହଁ ସେଇ ମମତା ମୃଣ୍ମୟୀ ତୁ
ଜନନୀ ତୁ ....... ତୁ ହିଁ ଜାୟା
ହଁ ଭଗିନୀ ବି ତୁ ।
ମା ନାରାୟଣୀ ନିଷ୍ପାରେ ତୁ
ପ୍ରେମ ତୁ ....... ତୁ ହିଁ ପରିପୂର୍ଣ୍ଣ
ହଁ ସେଇ ନାରୀ ତୁ ।

+ସ୍ନାତକୋତ୍ତର ଗ୍ରନ୍ଥାଗାର ବିଜ୍ଞାନ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର , ବାଲେଶ୍ୱର
ମୋ : ୮୦୧୮୪୩୫୩୬୪

### ଅତୀତରୁ ବର୍ତ୍ତମାନ

ଅଜିତ କୁମାର୍ ଦାସ୍



ଆଗରୁ ଯାହା ଥିଲା ସାଇତା
ହୋଇଲା ଏବେ ସ୍ମୃତି
ଲୋପ ପାଇଲା ଏନେକ କଥା
ଯେ ଥିଲେ ପ୍ରିୟ ସାଥି ।
ଶଗଡ଼ ଥିଲା ଜଗା ବଳିଆ
ଥିଲେ ବଳଦ ଦୁଇ
ଲଙ୍ଗଳ ମୁନେ ହଳ ତିଆରି
ଛନ୍ଦରେ ଗୀତ ଗାଇ ।
ଟ୍ରାକ୍ଟରେ ହେଲା ଇଞ୍ଜିନ ଚାଷ
ଶଗଡ଼ ହଳ ଶେଷ
ରସାୟନର ଅତି ପ୍ରଭାବେ
ଖାଦ୍ୟରେ ମିଶେ ବିଷ ।
ଗାଈ ଗୁହାଳ ଯେଉଁଠି ନାହିଁ
ମିଳେନା ଜମା ଖତ
ଅଳ୍ପ ସମୟେ ବେସି ଉତ୍ପାଦ
ବାହୁନି କାନ୍ଦେ କ୍ଷେତ ।
ଯୁବା ବୟସେ ପାଚଇ କେଶ
ଘଟାଇ ନାନା ରୋଗ
ଯାହା ଖାଇବ ଅପମିଶ୍ରଣ
ଇଏ କି ହେଲା ଯୁଗ ।
ନାହିଁ ସେ ଆଉ ବାଡ଼ି ବଗିଚା
ଗାଁ ପୋଖରୀ କ୍ଷେତ
ବିରି କୋଳଥ ମୁଗ ହରଡ଼
ହେଉନି ଆଉ ଜାତ ।
ଗୋପାଳ ଘରେ ଗାଇଟେ ନାହିଁ
ମିଳୁନି ଖୀର ଦହି
ପ୍ୟାକେଟ ଖୀର ଅତି ଆଗ୍ରହେ
ବଜାରୁ ଆଣେ ବୋହି।
ମୁଢି ନଡ଼ିଆ ଚୁଡା ବଡୁରା
ହୋଇନି ବହୁ କାଳୁ
ଚଟ ପଟିଆ ବିଦେଶୀ ଖାଦ୍ୟ
ଯତନେ ଖାଇ ଚଳୁ ।
ଅମୃତ ଭଣ୍ଡା ବାଡ଼ି ସଜନା
ପୋଇ କୋଶଳା ଶାଗ
ପାଟିକୁ ଆମ ରୁଚଇ ନାହିଁ
ବଡି ସଂତୁଳା ପାଗ ।
ଯୁଗ ଆଦରି ସ୍ୱାଦ ବଦଳି
ଜିଭ ଲାଞ୍ଛୁଆ ହେଲା
ଜିଭର ଲୋଭେ ସବୁ ଆଦରି
ପାଟିକୁ ନାହିଁ ତାଲା ।
କେମିତି କୁହ ନିରୋଗ ହେବା
ସଂସାର ସାରା ଏହା
କର୍ପୂର ସବୁ ଉଡି ଗଲାଣି
କନା ଖଣ୍ଡକ ଯାହା ।

+କଙ୍କଡାସୋଡା ,ପର୍ଜଙ୍ଗ
,ଢେଙ୍କାନାଳ
ମୋ: ୯୩୩୭୯୦୫୩୪୩

### ଦୁଃଖ ହାରିଣୀ ମା ତାରିଣୀ

ଅନନ୍ତ କୁମାର



ଘରଠାରୁ ମୋର ଅନେକ ଦୂର
'ମା' ତାରିଣୀ ପୀଠ,
ବିପଦେ ଆପଦେ ଥରେ ଡାକିଦେଲେ
ଧରିନିଏ ହାତ,

ଘଟଗାଁ ରେ ରହିଲୁ 'ମା'
ନାଁ ହେଲା ଘଟଗାଁ ବାସୀନି,
ଭକ୍ତଙ୍କ ଦୁଃଖ ହରିଲୁ
ନାଁ ହେଲା ସଂକଟ ହାରିଣୀ,

ନାଲି ଶାଢୀ ସିନ୍ଦୁରରେ
ବସିଛି 'ମା' ଶାଳୁଆ ବଣେ
ନଡିଆ ଦେଇ ଡାକିଦେଲେ
ଭକ୍ତର ମନ ବାଞ୍ଛା ପୂର୍ଣ୍ଣ କରେ,

ପାହାଡ, ପର୍ବତ ମଝିରେ
ରହି ପାଉଛି 'ମା' ପୂଜା
ବାର ମାସେ ତେର ପରବ
ଆହାଃ ଭାରି ମନଲୋଭା,

ନାଲି ମନ୍ଦାରରେ ଦେଲେ ସଜେଇ
ପାଏ ମା କେତେ ଶୋଭା,

ନଡିଆ ଭୋଗ ଦେଲେ ଲଗେଇ
କ୍ଷଣିକେ ମା ହୁଏ ଉଭା,

ବିପଦେ ଆପଦେ ଥରେ
ତାକୁ ସୁମରିଲେ,
ଘଣ୍ଟ ଘୋଡାଇ ରଖେ ମା
ତା ପଣତ ତଳେ,

ଦୁବ ହୁଏ ଦାରୁ
ତା ଇଛା ବଳିଲେ
କଣ୍ଟା ହୁଏ ଫୁଲ
ତାକୁ ସ୍ମରଣିଲେ ,

ତା ଗୁଣ ଗାରିମା
ଆଖି ବୁଝି ଗାଉଛି ଯିଏ,
ସଂସାରେ ସଦା ସେ
ହସ ଖୁସି ପାଉଥାଏ,

+ତିହିଡି, ଭଦ୍ରକ,
ମୋ: ୮୩୩୯୯୩୯୯୨୯

### ତୁମେ ସକାଳ ମୁଁ ସନ୍ଧ୍ୟା

ନୂତନ କୁମାର ବେହେରା

ତୁମେ ଶୁଭେଚ୍ଛାର ଶୁଭ ସକାଳ
ବାଳୁତ ସୂରୁଜର କୋମଳ କିରଣ
ଉଭାସିତ ହୁଅ ସଦ୍ୟ
ପ୍ରସ୍ଫୁଟିତ ଫୁଲ ପରି
ଝଲସାଇ ତୁମ କମନୀୟତାର ଆଭା
ସୁନେଲି ବରଣେ ଭରିଦିଅ ସୁଷମା
ସାରା ଜଗତରେ ଖେଳାଅ ତୁମେ
ମନ ମୁଗ୍ଧକର ଶୋଭା ଶିରୀ
ମୁଁ ବିଦାୟ ଲଗନର ସ୍ମୃତିଭରା ସନ୍ଧ୍ୟା
ଆମନ୍ତ୍ରଣ କରେ ମୋତେ ନିଶୀଥର
ନିର୍ଜନତାରେ ଫୁଟିଥିବା ରଜନୀଗନ୍ଧା
ଦିବସର ତମାମ୍ କ୍ଳାନ୍ତି
ଅବସାଦକୁ ନେଇ
ଚାହେଁ ଶୋଇ ଯିବାକୁ
ନିଦ୍ରାର କୋଳେ
ଆସନ୍ତାକାଲିକୁ ଦେଖିବା ପାଇଁ
ସେ ବି ଆସୁ ତୁମରି ପରି
କଳ କଲ୍ଲୋଳେ
ତୁମେ ଅଫୁରନ୍ତ ଆଶାର ଆଲୋକ
ଭବିଷ୍ୟତର ସବୁଜ ସମ୍ଭାବନା
ପ୍ରତି ନୟନରେ ଭରି ଦିଅ
ଅସୁମାରୀ ସ୍ୱପ୍ନ
ମୁଁ ବିଗଳିତ ଏକ ଶୂନ୍ୟତାର ପସରା
ବିଚିତ୍ର ମୋ ଅନ୍ତରଙ୍ଗର ବର୍ଣ୍ଣଛଟା
ନିରୁପାୟ ନିରାଶ୍ରୟ ମୁଁ ବେସାହାରା
ଆଶା ଆକାଂକ୍ଷା ମୋର
ଅସଂପୂର୍ଣ୍ଣ ଅଧୁରା
ତୁମେ ଉପକ୍ରମ ହେଲେ ମୁଁ ବ୍ୟତିକ୍ରମ
ତୁମେ ସମ୍ଭାବନା ମୁଁ ବିଡ଼ମ୍ବନା
ଅଭ୍ୟର୍ଥନା ଲାଗି ହୁଅ ତୁମେ ଆମନ୍ତ୍ରିତା
ମୁଁ ନିଏ ଦିବସଠାରୁ ବିଦାୟ ସମ୍ବର୍ଦ୍ଧନା
ତୁମର ମୋର ମଧ୍ୟରେ
ଦୀର୍ଘ ବ୍ୟବଧାନ
ତୁମେ ମଧୁର ସ୍ୱପ୍ନ ମୁଁ ତିକ୍ତ ବିଷର୍ଣ୍ଣ
ତୁମେ ପ୍ରସନ୍ନ ମୁଁ ଅବସନ୍ନ ଜରାଜୀର୍ଣ୍ଣ
ଘନ କୃଷ୍ଣ ତମସାର
ଆମେ ଦୁଇଟି ବିନ୍ଦୁ
ସଂପର୍କ ଆମ ଭାବ ବିନିମୟର ସିନ୍ଧୁ
ସଂସାର ସୃଷ୍ଟିରୁ ଆମେ ଅଦ୍ୟାବଧି
ଚେଷ୍ଟିତ ଅଛୁ ପୂରଣ କରିବାକୁ
ଆମ ଅବଧି
ଭାସମାନ ତରୀ ପରି
ଭାସି ଭାସି ଯାଉ
ସମୟର ସ୍ରୋତରେ
ଆସୁ ଯେତେ ଢେଉ
ପ୍ରତି ଦିବସର ଶୁଭାରମ୍ଭ ହୁଏ ତୁମଠୁ
ସମାପ୍ତ ହୁଏ ମୋ ପାଖକୁ ଆସି
ଜଗତ କଲ୍ୟାଣେ ଆମେ
ରହିଛୁ ରହିଥିବୁ
ଆମ ସହଯୋଗେ ଦୁନିଆଁ ଉଠୁ ହସି।

+କୋହି ( ବର୍ତ୍ତମାନ ବାରିପଦା),
ମୟୂରଭଞ୍ଜ

## ପୁଣେର
# ମାଲଶେଜ୍ ଘାଟ

**ଯଦି ବୁଲିବାକୁ ମନବଳାଇଛନ୍ତି, ତେବେ ମହାରାଷ୍ଟ୍ରର ପୁଣେରେ ଥିବା ମାଲଶେଜ୍ ଘାଟ ସବୁଠୁ ଉତ୍ତମ ବିକଳ୍ପ ହେବ । ଏହାର ମନୋରମ ସୌନ୍ଦର୍ଯ୍ୟ, ପ୍ରାକୃତିକ ପରିବେଶ, ନଦୀ, ଝରଣା, ହ୍ରଦ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଆଦୌ ହେଳା କରନ୍ତି ନାହିଁ ।**







ମାଲଶେଜ୍ ଘାଟ ପୁଣେ ସହରଠାରୁ କିଛି ଦୂରରେ ଅବସ୍ଥିତ ଏକ ସୁନ୍ଦର ପର୍ଯ୍ୟଟନସ୍ଥଳି । ପଶ୍ଚିମଘାଟ ପର୍ବତଶୃଙ୍ଖଳାର ଉଚ୍ଚ ତଥା ଆବଡ଼ାଖାବଡ଼ା ପାହାଡ଼ରେ ଅବସ୍ଥିତ ମାଲଶେଜ୍ ଘାଟର ସୌନ୍ଦର୍ଯ୍ୟ ମନସୁନ୍ ସମୟରେ ବିଶେଷ ବଢ଼ିଯାଏ । ମନସୁନ୍ ସମୟରେ ଏଠାରେ ଥିବା ଝରଣାଗୁଡ଼ିକର ସୁନ୍ଦରତା ଏବଂ ଜଙ୍ଗଲର ସବୁଜିମା ଏତେ ଆକର୍ଷଣୀୟ ହୋଇଯାଏ ଯେ, ପର୍ଯ୍ୟଟକ ଫେରିବାର ବାଟ ଭୁଲିଯାନ୍ତି । ବର୍ଷାଦିନେ ଏହାର ପାଣିପାଗ ବେଶ୍ ମନଛୁଆଁ ଥାଏ । ପ୍ରବାସୀ ପକ୍ଷୀମାନେ ଏହି ସମୟରେ ସୁଦୂର ଅଞ୍ଚଳରୁ ଆସି ଏଠାରେ ଡେରା ପକାନ୍ତି । ସେମାନଙ୍କ କିଚିରିମିଚିରି ଶବ୍ଦ ଏବଂ କଳରବ ମନକୁ ଆନ୍ଦୋଳିତ କରିଦିଏ । ସମୁଦ୍ର ପତ୍ତନରୁ ୭୦୦ ମିଟର ଉଚ୍ଚରେ ସ୍ଥିତ ମାଇଶେଜ୍ ଘାଟ ମହାରାଷ୍ଟ୍ରର ଏଭଳି ଏକ ହିଲ ଷ୍ଟେସନ୍, ଯାହା ନିଜର ସ୍ୱଚ୍ଛ ଜଳବାୟୁ ଏବଂ ସବୁଜ ପ୍ରାକୃତିକ ପରିବେଶ ପାଇଁ ବେଶ୍ ପ୍ରସିଦ୍ଧ । ପ୍ରକୃତି ପ୍ରେମୀଙ୍କ ପାଇଁ ସ୍ଥାନଟି ଉତ୍କୃଷ୍ଟ । ମାଲଶେଜ୍ ଘାଟରେ ଏଦିନେ ଟ୍ରାକିଂ କରିବାର ଥାଏ ଅଲଗା ମଜା । ପାହାଡ଼, ଜଙ୍ଗଲ ଏବଂ ଘାଟି ରାସ୍ତାର ରମଣୀୟ ଛବି ମନକୁ ପ୍ରଫୁଲ୍ଲିତ କରିଥାଏ । ମନସୁନ୍ ସମୟରେ ଏଠାକାର ଜଳପ୍ରପାତ ପର୍ଯ୍ୟଟକଙ୍କୁ ବିଶେଷଭାବେ ଆକୃଷ୍ଟ କରିଥାଏ । ପ୍ରବାହିତ ଜଳରାଶିର ଗଦଗଦ ଶବ୍ଦ ଏବଂ ଝରଣାର କୁହୁତାନ ସୁମଧୁର ସଂଗୀତ ସ୍ୱରର ଦ୍ୱନ୍ଦ୍ୱ ସୃଷ୍ଟିକରେ । ପ୍ରକୃତିପ୍ରେମୀ ଏବଂ ପର୍ଯ୍ୟଟକଙ୍କ ପାଇଁ ଏଠାରେ ଏମିତି କିଛି ଦର୍ଶନୀୟ ସ୍ଥାନ ରହିଛି, ଯାହା ଅତ୍ୟନ୍ତ ମନଲୋଭା ।

**ଶିବନେରୀ ଦୁର୍ଗ:-** ମାଲଶେଜ୍ ଘାଟଠାରୁ ୪୦ କିମି ଦୂରରେ ଅବସ୍ଥିତ ଶିବନେରୀ ଦୁର୍ଗ । ଏହି ଦୁର୍ଗରେ ଛତ୍ରପତି ଶିବାଜୀ ମହାରାଜଙ୍କ ଜନ୍ମ ହୋଇଥିଲା । ଦୁର୍ଗର ପ୍ରାକୃତିକ ପରିବେଶ୍ ବେଶ୍ ମନଛୁଆଁ ।

**ପିମ୍ପଲଗାଁ ଜୋଗା ବନ୍ଧ:-** ମାଲଶେଜ୍ ଘାଟର ପ୍ରାକୃତିକ ସ୍ଥଳ ମଧ୍ୟରେ ପିମ୍ପଲଗାଁର ଜୋଗା ବନ୍ଧ ବେଶ୍ ମନୋରମ । ଏଠାରେ ଭ୍ରମଣ କରି ମନର କ୍ଲାନ୍ତ ମେଣ୍ଟାଇପାରିବେ । ୫ କିମି ପର୍ଯ୍ୟନ୍ତ



ଲମ୍ବିଥିବା ଏହି ଡ୍ୟାମ୍ ପୁଷ୍ପବତୀ ନଦୀ ଆଡ଼କୁ ମୁହାଁଇଛି । ପକ୍ଷୀ ବିହାର ପାଇଁ ମଧ ଏହାକୁ ଆଦର୍ଶ ସ୍ଥାନ ବୋଲି କୁହାଯାଏ । ଏଠାରେ ଅନେକ ଦୁଲର୍ଭ ପ୍ରଜାତିର ପକ୍ଷୀଙ୍କୁ ଦେଖିପାରିବେ । ଏହାଛଡ଼ା ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷର ସମାହାର ମଧ ଘଟିଛି ଏଠାରେ ।

**ଅଜୋବା ହିଲ୍ ଦୁର୍ଗ:-** ମାଲଶେଜ୍ ଘାଟ ଭ୍ରମଣ ସମୟରେ ବେଶ୍ ଆତ୍ମତୃପ୍ତି ଦେଇଥାଏ ଅଜୋବା ହିଲ୍ ଦୁର୍ଗ । ସ୍ଥାନଟି ପାହାଡ଼ିଆ ଅଞ୍ଚଳରେ ଆଡଭେଞ୍ଚର ପାଇଁ ସଉକିନ୍ ରଖୁଥିବା ଲୋକଙ୍କୁ ବେଶ୍ ପସନ୍ଦ ଆସିଥାଏ । ଏଠାରେ ଟ୍ରାକିଂ ଏବଂ କ୍ଲାଇମ୍ବିଂ ଭଳି ଗିତିବିଧିର ଆନନ୍ଦ ଉଠାଇପାରିବେ ।

**ହରିଶ୍ଚନ୍ଦ୍ରଗଡ଼ ଦୁର୍ଗ:-** ମାଲଶେଜ୍ ଜଳପ୍ରପାତ ଭ୍ରମଣ ପରେ ହରିଶ୍ଚନ୍ଦ୍ର ଦୁର୍ଗକୁ ଯାଇପାରିବେ । ସମୁଦ୍ର ପତ୍ତନରୁ ୧୪୨୪ ମିଟର ଉଚ୍ଚରେ ଅବସ୍ଥିତ ଏହି ଦୁର୍ଗ ୬ଷ୍ଠ ଶତାବ୍ଦୀ ସହ ସମ୍ପର୍କ ରଖିଛି । ଏହି ପ୍ରାଚୀନ ସ୍ଥଳ ଇତିହାସ ପ୍ରେମୀଙ୍କଠୁ ପ୍ରକୃତି ପ୍ରେମୀଙ୍କ ପର୍ଯ୍ୟନ୍ତ ସଭିଙ୍କ ମନକିଣିଥାଏ । ବିଶାଳ ସଂରଚନାରେ ପ୍ରସ୍ତୁତ ଏହି ଦୁର୍ଗକୁ ବିଭିନ୍ନ କ୍ଷେତ୍ରରୁ ସୁରକ୍ଷା ପ୍ରଦାନ କରାଯାଇଛି । ଏଠାରେ ଭଗବାନ ବିଷ୍ଣୁଙ୍କ ଏକ ମନ୍ଦିର ମଧ ରହିଛି । ଦୁର୍ଗରେ ବୌଦ୍ଧ ଧର୍ମ ସହ ଜଡ଼ିତ ଗୁମ୍ଫା ମଧ ଦେଖିପାରିବେ ।

**କେମିତି ଯିବେ:** ମାଲଶେଜ୍ ଘାଟ ପୁଣେ ଏବଂ ମୁମ୍ବାଇଠାରୁ ବେଶ୍ ନିକଟତର । ମୁମ୍ବାଇ ସ୍ଥିତ ଛତ୍ରପତି ଶିବାଜୀ ମହାରାଜା ଅନ୍ତରାଷ୍ଟ୍ରୀୟ ବିମାନବନ୍ଦର ଏଠାରୁ ମାତ୍ର ୧୫୪ କିଲୋମିଟର ଦୂର । ମୁମ୍ବାଇ ଏବଂ ପୁଣେଠାରୁ ନିକଟତର ହୋଇଥିବାରୁ ରେଳମାର୍ଗ ଏବଂ ସଡ଼କମାର୍ଗ ସହ ଏଠାକୁ ସହଜରେ ପହଞ୍ଚିପାରିବେ ।

**କେଉଁଠି ରହିବେ:** ଯଦି ସମ୍ଭବ ହୁଏ, ତେବେ ମାଲଶେଜ୍ ଯିବା ପୂର୍ବରୁ ଏଠାରେ ରହିବାର ସୁବ୍ୟବସ୍ଥା କରାଇନିଅନ୍ତୁ । କାରଣ ବର୍ଷାଦିନେ ଏଠାରେ ଭ୍ରମଣ କରିବାର ମଜା ନେବାକୁ ଅନେକ ପର୍ଯ୍ୟଟକ ବହୁପୂର୍ବରୁ ରୁମ୍ ବୁକିଙ୍ଗ କରିସାରିଥାନ୍ତି । ମହାରାଷ୍ଟ୍ର ପର୍ଯ୍ୟଟନ ବିକାଶ ନିଗମର 'ଫ୍ଲେମିଙ୍ଗୋ ହିଲ୍ସ' ହେଉଛି ଏଠାକାର ସବୁଠୁ ବଡ଼ ରିସର୍ଟ । ଏଠାରେ ରହିଲେ ଆଖପାଖର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିପାରିବେ ।



# ଆସୁଛି ମସ୍ତିଷ୍କ ପଢ଼ିପାରୁଥିବା ମେସିନ୍

ଆମେରିକା ବୈଜ୍ଞାନିକମାନେ ଏଭଳି ଏକ ମେସିନ୍ ତିଆରି କରିଛନ୍ତି, ଯାହା ମସ୍ତିଷ୍କକୁ ପଢ଼ିବାରେ ସକ୍ଷମ । ଏମିତିକି ମସ୍ତିଷ୍କରେ କେଉଁ କଥା ଚାଲିଛି ତାକୁ ପଢ଼ି ସାମ୍ନା ଲୋକ ଆଗରେ ପ୍ରକାଶ ମଧ କରିପାରିବ । ବୈଜ୍ଞାନିକଙ୍କ ମତରେ, ଏହି କୌଶଳ କଥାବାର୍ତ୍ତା କରିବାରେ ଅସମର୍ଥ ଥିବା ଲୋକଙ୍କ ପାଇଁ ବେଶ୍ ସହାୟକ ହେବ । ଏହି ମେସିନକୁ ତିଆରି କରିବାକୁ ସ୍ପିଚ୍ ସିନ୍ଥେସାଇଜର (କମ୍ପ୍ୟୁଟର ସାହାଯ୍ୟରେ ତିଆରି କରାଯାଇଥିବା ସ୍ୱର) ଏବଂ ଆର୍ଟିଫିଶିଆଲ ଇଣ୍ଟେଲିଜେନ୍ସର ବ୍ୟବହାର କରାଯାଇଛି ସ୍ପିଚ୍ ସିନ୍ଥେସାଇଜର ଟେକ୍ସଟ ଟୁ ସ୍ପିଚ୍ ଏବଂ ସ୍କ୍ରିନ ରିଡର ଭଳି ଟେକ୍ନିକରେ ବ୍ୟବହାର ହୋଇଥାଏ । କଲମ୍ବିଆ ୟୁନିଭର୍ସିଟିର କଲେକ୍ଟ୍ରିକାଲ ଇଞ୍ଜିନିୟର ପ୍ରଫେସର ନିମା ମେସଗରାନି ଏହି ମେସିନକୁ ତିଆରି କରିଛନ୍ତି । ଅପସ୍ମାର ବାତରେ ପୀଡ଼ିତଙ୍କ ଅନୁମତି ମିଳିବା ପରେ ପ୍ରଥମେ ଏହି ମେସିନର ପରୀକ୍ଷଣ ସେମାନଙ୍କ ଉପରେ କରାଯାଇଥିଲା । ପରୀକ୍ଷଣରୁ ସଫଳତା ପାଇବା ପରେ ବୈଜ୍ଞାନିକମାନେ ଏବେ ଏହାକୁ କଥା କହିବାରେ ଅସମର୍ଥ ଲୋକଙ୍କ ପାଇଁ ଉପଲବ୍ଧ କରିବାକୁ ପ୍ରସ୍ତୁତ ହେଉଛନ୍ତି ।



# ଚୀନ୍ ଇଂଜିନିୟରଙ୍କ ଉପାଦେୟ ହିଟର୍

ବର୍ତ୍ତମାନ ଭାରତର ଦିଲ୍ଲୀ ଓ ଚୀନ୍‌ର ବେଜିଂ ପ୍ରଦୂଷଣ ତାଲିକାରେ ଶୀର୍ଷରେ ଅଛି । ଏଠା ଗବେଷକ ଦଳ ନିଜ ପାରୁପର୍ଯ୍ୟନ୍ତ ଚେଷ୍ଟା କରି ବିଭିନ୍ନ ଧରଣର ଉନ୍ନତମାନର ଉପକରଣ ନିର୍ମଣ କରୁଛନ୍ତି, ଯାହା ପ୍ରଦୂଷଣକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରିତ କରିବ । ନିକଟରେ ଚୀନ୍‌ରେ ଏକ ଜାତୀୟସ୍ତରରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା, ସେଠାକାର ପ୍ରଦୂଷଣକୁ ରୋକିବା ନିମନ୍ତେ ବିଭିନ୍ନ ଉପଯୋଗୀ ଯନ୍ତ୍ର ପ୍ରଦର୍ଶିତ ହୋଇଥିଲା । ତନ୍ମଧ୍ୟରେ ଥିଲା ଏକ ଉପଯୋଗୀ ହିଟର୍ । ଶୀତଦିନରେ ଏଇ ହିଟର୍ କକ୍ଷକୁ ଉଷୁମ କରିବ ବୋଲି ଇଂଜିନିୟରଙ୍କ ମତ । ବ୍ୟାଟେରୀ, ବିଦ୍ୟୁତ, ତେଲ, ଗ୍ୟାସ୍ ଇତ୍ୟାଦ୍ୟରେ ଏଇ ହିଟର୍ ଚାଳିତ ହେବା ସହ ବିଭିନ୍ନ ସାଇଜ୍‌ର ମିଳିପାରିବ । ପରିବାରର ସଂଖ୍ୟା ଅନୁସାରେ ଜଣେ ବ୍ୟକ୍ତି ଏହି ହିଟର୍ କିଣିବ । ୨ ହଜାର ଟଙ୍କାରୁ ୫୫ ହଜାର ଟଙ୍କା ପର୍ଯ୍ୟନ୍ତ ହିଟର୍ ମିଳିବ ବୋଲି ପ୍ରକାଶ । ଖୁବ୍ ଶୀଘ୍ର ଆମ ରାଜଧାନୀ ଦିଲ୍ଲୀରେ ଏଇ ହିଟର୍ ବିକ୍ରି ଆରମ୍ଭ ହେବ ବୋଲି କମ୍ପାନୀ ତରଫରୁ ସ୍ପଷ୍ଟ କରାଯାଇଛି ।




# ଅଁଳା ଆଚାର



**ପ୍ରସ୍ତୁତି ସାମଗ୍ରୀ:** ଅଁଳା ୧କିଲୋ, କାଗିଜିଲେମ୍ବୁ ୪ଟି, ଗୋଲମରିଚ ୨ଚାମଚ, ଲୁଣ ବିଟଲୁଣ ପରିମାଣ ମୁତାବକ ।

**ପ୍ରଣାଳୀ:** ଅଁଳା ଏବଂ କଗିଜିଲେମ୍ବୁରୁ ମଞ୍ଜି ବାହାର କରି ନେଇ ଖରାରେ ଶୁଖାଇ ଦିଅନ୍ତୁ । ଏହା ପୁଚରା ଖଡ଼ ଖଡ଼ ହୋଇଗଲେ । ଏହାକୁ ଶିଳ କିମ୍ବା ହେମଦସ୍ତାରେ କୁଟି ଭଲଭାବେ ଗୁଣ୍ଡ କରିନିଅନ୍ତୁ । ଅଁଳାଚୁରା, ବିଟଲୁଣ, ଗୋଲମରିଚ ଚୁରା ଓ ଲେମ୍ବୁ ରସ ମିଶାଇ ଖରାରାରେ ଶୁଖାଇବେ । ଏହା ପୁରା ଶୁଖିଗଲେ ଏହାକୁ ପୁଣିଥରେ ଶିଳରେ ଚୁରିନେଇ, ବୋତଲରେ ରଖିଷବ । ଭାତ ଖାଇବା ପୂବରୁ ଏହାକୁ ୧ଚାମଚ ଖାଇଲେ ଏହା ହଜମ ଶକ୍ତି ବୃଦ୍ଧି କରିଥାଏ ।

# ରଙ୍ଗବେରଙ୍ଗର ଉଡ଼ାଜାହାଜ

ଯାତ୍ରୀଙ୍କୁ ଆକୃଷ୍ଟ କରିବା ନିମନ୍ତେ ବିମାନ କମ୍ପାନୀମାନେ ବେଶ୍ ଆକର୍ଷଣୀୟ ପଦକ୍ଷେପ ନେଇଥାନ୍ତି । ଆମମାନଙ୍କ ମଧ୍ୟରୁ ଅଧିକାଂଶ ନୀଳ, ଧଳା, ଧଳା-ଲାଲ ମିଶ୍ରିତ ରଙ୍ଗର ଉଡ଼ାଜାହାଜରେ ଉଡ଼ାଣ ଭରିଛେ । ବିଶ୍ୱର ପ୍ରମୁଖ ପ୍ରାନ୍ତରେ କିନ୍ତୁ ବିଭିନ୍ନ ରଙ୍ଗବେରଙ୍ଗର ଉଡ଼ାଜାହାକଜକୁ ଯାତ୍ରୀ ସେବାରେ ଲଗାଯାଇଥିବାର ଦେଖାଯାଇଟି । ଚୀନର ସିଞ୍ଚୁଆନ୍ ଏୟାରଲାଇନ୍ସରେ ଏକ ଉଡ଼ାଜାହାଜର ନାମ ହେଉଛି 'ପାଣ୍ଡା ବିମାନ' । ଦୁଇଟି ପଶୁଙ୍କ ରଙ୍ଗ ଅନୁସାରେ ଏହାର ବାହ୍ୟ ଭାଗ ରଙ୍ଗ ଦିଆଯାଇଛି । ଛୋଟ ପିଲା ଓ ଯୁବପିଢ଼ି ଏଇ ସ୍ୱତନ୍ତ୍ର ପାଣ୍ଡହ ବିମାନରେ ଯାତ୍ରା କରିବାକୁ ଖୁବ୍ ଆଗ୍ରହ ପ୍ରକାଶ କରନ୍ତି । ଚୀନରେ ବିଦ୍ୟାଳୟ ଛୁଟି ସମୟରେ ଏଇ ବିମାନ ଟିକ୍ଟ ପାଇଁ ଗ୍ରାହକଙ୍କ ମଧ୍ୟରେ ସବୁଠୁ ଅଧିକ ଉତ୍ସାହ ଦେଖାଯାଇଥାଏ ।

ଏୟାର ଫ୍ରାନ୍ସ ନିକଟରେ ଏକମାତ୍ର ଏହିପରି ରଙ୍ଗିନ୍ ଉଡ଼ାଜାହାଜ ଅଛି, ଯାହାର ବାହାରରେ ମୃଦୁ ଶୀତଳ ପାନୀୟ ପେପ୍ସିର ଡିଜାଇନ୍




କରାଯାଇଛି । ଏୟାରକ୍ରଫ୍ଟ ନିର୍ମାଣକାରୀ କମ୍ପାନୀ ଏମ୍ବ୍ରେୟର ବିମାନ ଇ -୧୯୦ ଇ୨ ଜେଟକୁ ଗତ ବର୍ଷ ଶାର୍କ ଥିମରେ ରଙ୍ଗ କରାଯାଇଥିଲା । ଏହି କମ୍ପାନୀର ଅନ୍ୟ ଏକ ବିମାନକୁ ବାଘ ରଙ୍ଗରେ ଡିଜାଇନ୍ କରାଯାଇଛି । ବିମାନରେ ସମ୍ମୁଖ ଭାଗ ବାଘ ମୁହଁ ପରି ଅବିକଳ ଦେଖାଯାଇଥାଏ ।

# ସଙ୍କଟରେ ଘରଚଟିଆ

'ଘରଚଟିଆ'; ନାଁ ରୁ ବାରିହୋଇ ପଡୁଛି ଏହାର ପରିଚୟ ଘର ସହ ଜଡ଼ିତ ରହିଛି । କିନ୍ତୁ ଆକଳନରୁ ଜଣାପଡ଼ିଛି, ଘର ଚଟିଆ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି । 'ରୟାଲ ସୋସାଇଟି ଫର ଦି ପ୍ରୋଟେକ୍ସନ୍ ଅଫ୍ ବାର୍ଡ'ର ସର୍ଭେ ମୁତାବକ, ଗତ ୪୦ ବର୍ଷ ମଧରେ ଅନ୍ୟ ପକ୍ଷୀଙ୍କ ତୁଳନାରେ ଘରଚଟିଆଙ୍କ ସଂଖ୍ୟାରେ ୬୦ ପ୍ରତିଶତ ହ୍ରାସ ଆସିଛି । ବିଶ୍ୱସ୍ତରରେ ଘରଚଟିଆଙ୍କର ପ୍ରାୟ ୨୬ଟି ପ୍ରଜାତି ଦେଖିବାକୁ ମିଳିଥାଏ; ତନ୍ମଧରୁ ୫ପ୍ରକାର କେବଳ ଭାତରରେ ଅଛନ୍ତି । ଭାରତରେ ଏମାନଙ୍କ ସ୍ଥିତି ଜାଣିବାକୁ ବମ୍ବେ ନାଚୁରାଲ ହିଷ୍ଟ୍ରି ସୋସାଇଟି ନିକଟରେ ଏକ ଅନାଇନ ସର୍ଭେ ଆରମ୍ଭ କରିଥିଲା । ଏଥିରେ ୭ବର୍ଷରୁ ନେଇ ୯୧ ବର୍ଷ ପର୍ଯ୍ୟନ୍ତ ୫୭୦୦ ପକ୍ଷୀପ୍ରେମୀ ସାମିଲ ହୋଇଥିଲେ । ସର୍ଭେରୁ ଜଣାପଡ଼ିଲା, ବେଙ୍ଗାଲୁରୁ ଏବଂ ଚେନ୍ନାଇରେ ଘରଚଟିଆଙ୍କୁ ଦେଖିବା ଏବେ ସ୍ୱପ୍ନ ପାଲଟିଯାଇଛି । ମୁମ୍ବାଇରେ କିଛି ମାତ୍ରାରେ ଏମାନଙ୍କୁ ଲୋକେ ଦେଖୁଛନ୍ତି । ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ମଧ ଏମାନଙ୍କ ସୁରକ୍ଷା ପାଇଁ ପକ୍ଷୀ ସଂରକ୍ଷଣ ଆରମ୍ଭ ହୋଇଛି । ଏଭଳି ଭାବେ ଘରଚଟିଆଙ୍କ ସଂଖ୍ୟା ହ୍ରାସ ପାଉଥିବା ଦେଖି ପକ୍ଷୀ ବିଜ୍ଞାନୀମାନେ ଚିନ୍ତା ପ୍ରକଟ କଲେଣି ।



# ଶିଶୁ ଧରିପାରିବେ ଭୁଲ୍



ଭୁଲ କଥା ବିଷୟରେ ଜାଣିବାକୁ ବୟସ ଏବଂ ଜ୍ଞାନ ସେହିଭଳି ହୋଇଥିବା ଦରକାର । କିନ୍ତୁ ଜଣେ ଶିଶୁ କ'ଣ ଭୁଲ୍ ବିଷୟରେ ସୂଚନା ଦେଇ ପାରିବ ? ଏକଥା ହୁଏତ ଅନେକଙ୍କୁ ଆଶ୍ଚର୍ଯ୍ୟ କରିପାରେ, ହେଲେ ତାହା ସତ । ଏ ସମ୍ପର୍କରେ ଏକ ସଦ୍ୟତମ ଗବେଷଣାର ସୂଚନା ମିଳିଛି । ସିଙ୍ଗାପୁରସ୍ଥିତ ନାନୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ମାତ୍ର ଅଢ଼େଇବର୍ଷରୁ କମ ବୟସ୍କ ଶିଶୁଙ୍କୁ ଅନ୍ତର୍ଭୁକ୍ତ କରିଥିଲେ । ସେମାନଙ୍କୁ କେତେକ ଭୁଲ୍ କଥା କହିବା ସମୟରେ ସେମାନେ ତାହାକୁ ଧରିପାରିଥିଲେ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ବିଭିନ୍ନ କଥା ଶୁଣିବା ସମୟରେ ସେମାନଙ୍କ ମଧ୍ୟରୁ କେତେକ ପ୍ରତିଟି କଥାକୁ ଧ୍ୟାନର ସହ ଶୁଣିଥାଆନ୍ତି । ଭୁଲ କଥା ଶୁଣିବା ପରେ କେତେକ ପ୍ରତିକ୍ରିୟାଶୀଳ ହୋଇଥାଆନ୍ତି ବୋଲି ମନୋବିଜ୍ଞାନୀମାନେ ପ୍ରକାଶ କରିଛନ୍ତି । ଅପରପକ୍ଷରେ ଏହା ସମ୍ପୂର୍ଣ୍ଣ ଭାବରେ ସେମାନଙ୍କର ମାନସିକ ବିକାଶ ଉପରେ ହିଁ ନିର୍ଭର କରିଥାଏ । ସେଥିପାଇଁ ପିଲାଙ୍କର ମାତାପିତା ଏବଂ ପରିବେଶର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥାଏ ।

## ଆରଆରବି ପରୀକ୍ଷା ପାଇଁ ଚାଲିବ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୨୩/୦୬ (ନି.ପ୍ର): ରେଳବାଇ ନିଯୁକ୍ତି ବୋର୍ଡ (ଆରଆରବି) ପରୀକ୍ଷା ପାଇଁ ଆଶାୟୀ ପରୀକ୍ଷାର୍ଥୀ ମାନଙ୍କ ସୁବିଧା ପାଇଁ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ନିଷ୍ପତି ନିଆଯାଇଛି । ବିଭିନ୍ନ ସହରରେ କମ୍ପ୍ୟୁଟରୀକୃତ (ସିବିଟି) ପରୀକ୍ଷା ହେବାକୁ ଯାଉଥିବାରୁ ଆରଆରବି ପରୀକ୍ଷା ପ୍ରାର୍ଥୀଙ୍କ ପାଇଁ ହଟିଆ-କଟକ ପରୀକ୍ଷା ବିଶେଷ ଟ୍ରେନ୍ ଚଳାଇବାକୁ ଯୋଜନା କରାଯାଇଛି।

୦୮୦୪୬/୦୮୦୪୫ ହଟିଆ-କଟକ-ହଟିଆ ପରୀକ୍ଷା ସ୍ପେଶାଲ୍ ହଟିଆରୁ ୨୨ ଏବଂ ୨୪ ଅଗଷ୍ଟ ଦିନ ଅପରାହ୍ନ ୪ଘ.୫୦ମି.ରେ ଛାଡିବାକୁ ଥିବାବେଳେ ଫେରିବା ମାର୍ଗରେ ଏହା କଟକ ଠାରୁ ୨୩ ଓ ୨୫ ଅଗଷ୍ଟ ଦିନ ରାତ୍ର ୯ଘ.୪୦ମି.ରେ ଛାଡି ହଟିଆ ଯାତ୍ରା କରିବ। ଏହି ଟ୍ରେନ ଉଭୟ ପାର୍ଶ୍ୱରୁ ହଟିଆ ଓ କଟକ ମଧରେ ରାଉରକେଲା, ଝାରସୁଗୁଡା, ସମ୍ବଲପୁର ସିଟି, ଅନୁଗୁଳ ଓ ଢେଙ୍କାନାଳ ଷ୍ଟେସନ ମାନଙ୍କରେ ରହଣି କରିବାକୁ ଥିବାବେଳେ ଏଥିରେ ଦୁଇଟି ଏସି -୩ ଟାୟାର, ଚାରିଟି ସ୍ଲିପର୍ କ୍ଲାସ୍, ତିନିଟି ଦ୍ୱିତୀୟ ଶ୍ରେଣୀ ଚେୟାର୍ କାର୍ ପାଂଚଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ଏବଂ ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଉପଲବ୍ଧ ରହିଛି ।

# ବନାୟନ ମାଧ୍ୟମରେ ଜିବୀକା ନିର୍ବାହ ପନ୍ଥା ବୃଦ୍ଧି ନିମନ୍ତେ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୩/୦୬ (ନି.ପ୍ର): ବନାୟନ ମାଧ୍ୟମରେ ଜିବୀକା ନିର୍ବାହ ପନ୍ଥା ବୃଦ୍ଧି ନିମନ୍ତେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍ ରେ ଅନୁଷ୍ଠିତ ଓଡ଼ିଶା ଜଙ୍ଗଲ ବିକାଶ ସମିତିର ଉଚ୍ଚସ୍ତରୀୟ କ୍ଷମତା ପ୍ରାପ୍ତ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ଭାରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ବନାୟନ ସମ୍ବନ୍ଧିତ ବିଷୟ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ ଏବଂ ପ୍ରକଳ୍ପ ନିର୍ଦ୍ଦେଶ ଶ୍ରୀମତୀ ମୀତା ବିଶ୍ୱାଳ ସଦ୍ୟତନ ତଥ୍ୟ ଉପସ୍ଥାପନ କରିଥିଲେ ।

ସମୀକ୍ଷାରୁ ଜଣାପଡ଼ିଥିଲା ଯେ ଓଡ଼ିଶା ଜଙ୍ଗଲ ବିକାଶ ସମିତି ମାଧ୍ୟମରେ ବର୍ତ୍ତମାନ ରାଜ୍ୟରେ ମୁଖ୍ୟତଃ ତିନିଟି ବନାୟନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ସେଗୁଡ଼ିକ ହେଲା ରାଜ୍ୟ ସରକାରଙ୍କ ଆମ ଜଙ୍ଗଲ ଯୋଜନା, ଜାଇକା ଏବଂ ରାଜ୍ୟ ସରକାରଙ୍କ ମିଳିତ ପାଣ୍ଠିରେ ଓଡ଼ିଶା ଜଙ୍ଗଲ ବିକାଶ ପ୍ରକଳ୍ପ ଏବଂ ଓମ୍ବାଡ୍ସ ପାଣ୍ଠିରେ ଜଙ୍ଗଲ ନିକଟବର୍ତ୍ତୀ ଅଂଚଳରେ ବାସ କରୁଥିବା ଲୋକମାନଙ୍କ ପାଇଁ ବ୍ୟାପକ ଜୀବିକା ନିର୍ବାହ ପନ୍ଥା ସୃଷ୍ଟି କାର୍ଯ୍ୟକ୍ରମ । ବିଭିନ୍ନ ଜଙ୍ଗଲ ଖଣ୍ଡରେ ଚାଲିଥିବା ଏସବୁ କାର୍ଯ୍ୟକ୍ରମ ସମୀକ୍ଷାକରି ବନାୟନ ମାଧ୍ୟମରେ ଅଧିକରୁ ଅଧିକ ଆୟ ପନ୍ଥା ସୃଷ୍ଟି କରିବା, ଲଘୁ ଜଙ୍ଗଲଜାତ ଦ୍ରବ୍ୟ ଏବଂ ଜଙ୍ଗଲ ନିକଟ ଗ୍ରାମର କୃଷିଜାତ ଦ୍ରବ୍ୟ ଆଦିର ପ୍ରକ୍ରିୟାକରଣ ଏବଂ ଉପଯୁକ୍ତ ମୂଲ୍ୟରେ ସେଗୁଡ଼ିକର ବିପଣୀ ଆଦି ମାଧ୍ୟମରେ ଲୋକମାନଙ୍କ ପାଇଁ ଅଧିକ ରୋଜଗାର ଉପଲବ୍ଧ କରାଇବା ନିମନ୍ତେ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଏସବୁ କାମରେ ବିଭିନ୍ନ ବିଭାଗମାନେ ନିଜଆଡୁ ଓଡ଼ିଶା ଜଙ୍ଗଲ ବିକାଶ ସମିତି ସହ ସମନ୍ୱିତ ହୋଇ କାର୍ଯ୍ୟକରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ୨୦୨୨-୨୩ ବର୍ଷ ନିମନ୍ତେ ଉପରୋକ୍ତ ତିନିଟି ଯୋଜନାର ବାର୍ଷିକ କାର୍ଯ୍ୟ ଯୋଜନା ଅନୁମୋଦିତ ହୋଇଥିଲା । ଆମ ଜଙ୍ଗଲ ଯୋଜନା ପାଇଁ ପ୍ରାୟ ୫୮୨୪ ଲକ୍ଷ, ଏବଂ ଓଡ଼ିଶା ଜଙ୍ଗଲ ବିକାଶ ପ୍ରକଳ୍ପ ପାଇଁ ୧୩୨୦୧ ଲକ୍ଷ ଟଙ୍କାର କାର୍ଯ୍ୟ ଯୋଜନାକୁ ମୁଖ୍ୟ ଶାସନ ସଚିବ ଅନୁମୋଦନ ଦେଇଥିଲେ । ଏହାଛଡା ଜୀବିକା ବୃଦ୍ଧି ନିମନ୍ତେ ଓମ୍ବାଡ୍ସରୁ ବରାଦ ହୋଇଥିବା ୪୩୪୩ ଲକ୍ଷ ଟଙ୍କାର କାର୍ଯ୍ୟ ଯୋଜନା ମଧ୍ୟ ଅନୁମୋଦିତ ହୋଇଥିଲା ।

ଓଡ଼ିଶା ଜଙ୍ଗଲ ବିକାଶ ପ୍ରକଳ୍ପ ୧୦ ଜିଲ୍ଲା ଅନ୍ତର୍ଗତ ୧୨ ଟି ବନଖଣ୍ଡ ଏବଂ ୨ ଟି ବନ୍ୟଜନ୍ତୁ ଜଙ୍ଗଲ ଡ଼ିଭିଜନରେ କାର୍ଯ୍ୟକାରୀ ହେଉଛି । ବର୍ତ୍ତମାନ ସୁଦ୍ଧା ୧୨୧୧ ବନ ସୁରକ୍ଷା ସମିତି କ୍ଷେତ୍ରସ୍ତରରେ ଜଙ୍ଗଲ ସୁରକ୍ଷା, ଜଙ୍ଗଲ ବୃଦ୍ଧି ଆଦି କାର୍ଯ୍ୟରେ ସକ୍ରିୟଭାବେ ସାମିଲ ହୋଇଛନ୍ତି ।୭୭୭ ବନ ସୁରକ୍ଷା ସମିତିର ସଦସ୍ୟମାନେ ନିଜ ନିଜ ଯାଗାରେ ପ୍ରାୟ ୪୧୧୮ ହେକ୍ଟର ଜଙ୍ଗଲ ଫାର୍ମ କରି ରୋଜଗାର ବଢ଼ାଇବାରେ ସମର୍ଥ ହୋଇଛନ୍ତି । ଇତି ମଧ୍ୟରେ କରଞ୍ଜିଆ, ବାରିପଦା, ରାଇରଙ୍ଗପୁର ଆଦି ଜଙ୍ଗଲ ଡ଼ିଭିଜନରେ ଶାଳ-ପତ୍ର କ୍ଲଷ୍ଟର ବିକାଶ କରାଯାଇଛି । ୬୬ ଟି ସମିତିରୁ ପ୍ରାୟ ୩୦୦ ଲୋକଙ୍କୁ ଶାଳ-ପତ୍ର ସିଲେଇ, କପେ ପ୍ଲେଟ୍ ତିଆରି ଆଦିରେ ତାଲିମ ଦିଆଯାଇଛି ଏବଂ ସେମାନେ ସେଥିରୁ ରୋଜଗାର କରୁଛନ୍ତି । ଭଲ ଉତ୍ପାଦନ ସମ୍ଭାବନାଥିବା ବିଭିନ୍ନ ଡ଼ିଭିଜନ୍ ରେ ବହୁ-ମୁଖୀ ଉତ୍ପାଦ କ୍ଲଷ୍ଟର ପ୍ରତିଷ୍ଠା କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଜୁଲାଇମାସ ଶେଷସୁଦ୍ଧା ଏସବୁ କାମରେ ପ୍ରାୟ ୪୬୦୭୨.୭୮ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି। ପ୍ରତି ବନସୁରକ୍ଷା ସମିତିର ଉତ୍ପାଦ ପ୍ରକାର ଓ ପରିମାଣ ଆକଳନ କରାଯାଇଛି । ସମିତିଓ୍ୱାରୀ ସ୍ଥାୟୀ ପୋଷଣୀୟ ଜୀବିକା ନିର୍ବାହ କାର୍ଯ୍ୟ ଯୋଜନା ପ୍ରସ୍ତୁତି ତୁରନ୍ତ ସାରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଜଙ୍ଗଲ ଓ ପରିବେଶ ବିଭାଗ ଭାରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦେବିଦତ ବିଶ୍ୱାଳ, ଗ୍ରାମ ଉନ୍ନୟନ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ମୀତା ବିଶ୍ୱାଳଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ନୂଆଦିଲ୍ଲୀରେ ମହଙ୍ଗାଇ ପର ହାଲ୍ଲା ବୋଲ୍ ସମାବେଶ ସେପ୍ଟେମ୍ବର ୪ରେ

ଭୁବନେଶ୍ୱର,୨୩/୦୬ (ନି.ପ୍ର): ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଓ ଉତ୍କଟ ବେକାରୀ ସମସ୍ୟା ପ୍ରତିବାଦରେ କେନ୍ଦ୍ର ସରକାରଙ୍କ ବିରୋଧରେ ଦିଲ୍ଲୀର ରାମଲୀଳା ମଇଦାନରେ ଆହୁତ କଂଗ୍ରେସର ମହଙ୍ଗାଇ ପର ହଲ୍ଲା ବୋଲ - ଚଲୋ ଦିଲ୍ଲୀ ସମାବେଶ ଆସନ୍ତା ଅଗଷ୍ଟ ୨୮ ତାରିଖ ପରିବର୍ତ୍ତେ ସେପ୍ଟେମ୍ବର ୪ ତାରିଖ ଦିନ ଅନୁଷ୍ଠିତ ହେବ। ତେଣୁ ଓଡ଼ିଶାରୁ ଯୋଗ ଦେବାକୁ ଯାଉଥିବା କର୍ମୀ ଓ ନେତୃବୃନ୍ଦ ୩ ତାରିଖ ସୁଦ୍ଧା ନୂଆଦିଲ୍ଲୀରେ ପହଂଚିବାକୁ କୁହାଯାଇଛି। ଏହି ସମାବେଶରେ ଓଡ଼ିଶାରୁ ବିଭିନ୍ନ ଜିଲ୍ଲାରୁ ଯେଉଁମାନେ ଯୋଗ ଦେବେ ସେମାନଙ୍କ ଯାତାୟତ ସଂପର୍କିତ ସବିଶେଷ ବିବରଣୀ ଜିଲ୍ଲା ସଭାପତି ଓ ପର୍ଯ୍ୟବେକ୍ଷକମାନଙ୍କ ସହ ସମନ୍ୱୟ ରକ୍ଷା କରି ଆସନ୍ତା ଅଗଷ୍ଟ ୨୮ ତାରିଖ ସୁଧା ଉପଲବ୍ଧ କରାଇବା ପାଇଁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଉପସଭାପତି ଯଜ୍ଞେଶ୍ୱର ବାବୁ ସୂଚନା ଦେଇଛନ୍ତି।

## ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୦୬ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୨୩/୦୬ (ନି.ପ୍ର): ଆଜି ବି ରାଜ୍ୟରେ ୩ ଶହ ତଳେ ରହିଛି ଦୈନିକ କରୋନା ସଂକ୍ରମଣ। ଗତକାଲି ୨୦୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୦୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୨୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୮୫ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୧୭ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୨୩ଟି ଜିଲ୍ଲାରୁ ୨୦୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୪୮ ଜଣ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବରଗଡ଼ରୁ ୯, ବଲାଙ୍ଗୀରରୁ ୭ ଜଣ, ବୌଦ୍ଧରୁ ୨, କଟକରୁ ୧୬ ଜଣ, ଦେବଗଡ଼ରୁ ୩ ଜଣ, ଗଜପତିରୁ ୪ ଜଣ, ଗଞ୍ଜାମରୁ ୨, ଯାଜପୁରରୁ ୬ ଜଣ, ଝାରସୁଗୁଡ଼ାରୁ ୧, କଳାହାଣ୍ଡି ଜିଲ୍ଲାରୁ ୩ ଜଣ, କନ୍ଧମାଳରୁ ୪ ଜଣ,କେନ୍ଦ୍ରାପଡ଼ାରୁ ୨, ଖୋର୍ଦ୍ଧା ଜିଲ୍ଲାରୁ ୪୮, କୋରାପୁଟ ଜିଲ୍ଲାରୁ ୧୧ ଜଣ,ମାଲକାନଗିରିରୁ ୧, ମୟୂରଭଞ୍ଜରୁ ୬ ଜଣ, ନବରଙ୍ଗପୁରରୁ ୧ ଜଣ, ନୟାଗଡ଼ ଜିଲ୍ଲାରୁ ୬ ଜଣ, ନୂଆପଡ଼ାରୁ ୯, ପୁରୀରୁ ୩ ଜଣ, ସମ୍ବଲପୁରରୁ ୧୩ ଜଣ, ସୋନପୁରରୁ ୧ ଜଣ, ସୁନ୍ଦରଗଡ଼ରୁ ୩୬ ଜଣ ଓ ଷ୍ଟେଟପୁଲରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୨୫, ୪୭୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୩,୧୪, ୦୦୫ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୨୨୪୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

## ବନ୍ୟାଂଚଳରେ ବଢୁଛି ରୋଗ

ଭୁବନେଶ୍ୱର,୨୩/୦୬ (ନି.ପ୍ର): ରାଜ୍ୟର କିଛି ଜିଲ୍ଲାରେ ବନ୍ୟା ପରିସ୍ଥିତି ସୁଧୁରିନଥିବା ବେଳେ ସମ୍ପୃକ୍ତ ଅଂଚଳରେ ଜଳବାହିତ ରୋଗ ବଢୁଛି ବୋଲି ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର । ସେ କହିଛନ୍ତି, ବନ୍ୟାଂଚଳରେ ମାଲେରିଆ, ଡେଙ୍ଗୁ ବଢୁବା ସହ ସାପ କାମୁଡ଼ା ବଢୁଛି। ବନ୍ୟା ପ୍ରପୀଡ଼ିତ ୧୪ ଜିଲ୍ଲାରେ ୨୩,୩୬୭ ଜଣ ଲୋକ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୩୨ ଜଣ ସାପ କାମୁଡ଼ା ରୋଗୀ ଚିକିତ୍ସିତ ହେଉଛନ୍ତି। ମୃତ୍ୟୁ ସଂଖ୍ୟା ବର୍ତ୍ତମାନ ସୁଦ୍ଧା ନାହିଁ।

ଜଳ ବିଶୋଧନ ପାଇଁ ୫ ଲକ୍ଷ ୩୭ ହଜାର ହାଲୋଜିନ ବଟିକା ବଂଟା ଯାଇଛି। ୧ ଲକ୍ଷ ୨୨ ହଜାର ଓ.ଆର.ଏସ ବଂଟା ଯାଇଛି। ମେଡିକାଲ ରିଲିଫ ସେଂଟର ୨୧୦ ରହିଛି, ମୋବାଇଲ ଟିମ ୧୨୫ଟି କାମ କରୁଛି। ସଫାସୁତୁରା ରହିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ସେପଟେ ବାଲେଶ୍ୱରରେ ଏବେ ରୋଗୀ ସଂଖ୍ୟା ବଢ଼ିବ ବୋଲି ଆଶା ରହିଛି। ଏଣୁ ବାଲେଶ୍ୱର ସିଡିଏମଓଙ୍କ ସହ ସ୍ୱାସ୍ଥ୍ୟ ବିଭାଗ ଆଲୋଚନା କରିଛି। ସେପଟେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଅଂଚଳକୁ ଯାଇଛନ୍ତି। ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

## ୨୬ରୁ ରକ୍ତଭଣ୍ଡାର କର୍ମଚାରୀଙ୍କ ଅନିର୍ଦ୍ଧିଷ୍ଟ କାଳ ପାଇଁ ଅସହଯୋଗ ଆନ୍ଦୋଳନ

ଭୁବନେଶ୍ୱର ,୨୩/୦୬ (ନି.ପ୍ର): ୩ ଦଫା ଦାବି ନେଇ ଆସନ୍ତା ୨୬ତାରିଖରୁ ସମସ୍ତ ବାହ୍ୟ ରକ୍ତଦାନ ଶିବିର ପାଇଁ ଅସହଯୋଗ ଆନ୍ଦୋଳନ ଡାକରା ଦେଇଛି ଓଡ଼ିଶା ରାଜ୍ୟ ରକ୍ତଭଣ୍ଡାର କର୍ମଚାରୀ ସଂଘ। ସଂଘର ରହିଥିବା ବିଭିନ୍ନ ଦାବି ପୂରଣ ନେଇ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ କର୍ମଚାରୀମାନେ ଏଭଳି ପନ୍ଥା ଆପଣାଇଥିବା ରାଜ୍ୟ ରକ୍ତଭଣ୍ଡାର କର୍ମଚାରୀ ସଂଘ ପକ୍ଷରୁ କୁହାଯାଇଛି। ରାଜ୍ୟରେ ଏବେ ୫୬ଟି ରକ୍ତଭଣ୍ଡାର ରହିଛି। ପୂର୍ବରୁ ଏସବୁ ରକ୍ତଭଣ୍ଡାର ରେଡକ୍ରସ୍ ଅଧୀନରେ ପରିଚାଳିତ ହେଉଥିଲା। ୨୦୧୭ ମସିହାରେ ରାଜ୍ୟ ସରକାର ସମସ୍ତ ରକ୍ତଭଣ୍ଡାରକୁ ନିଜ ଅଧୀନକୁ ନେଇଥିଲେ। ପୂର୍ବରୁ ରକ୍ତଭଣ୍ଡାରରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ରକ୍ତ ସଂଗ୍ରହ ୟୁଜର୍ସ ଫି' ବାବଦରୁ ମିଳୁଥିବା ଅର୍ଥରୁ ଦରମା ଦିଆଯାଉଥିଲା। ରକ୍ତଭଣ୍ଡାରରେ ଲାବ୍ ଟେକ୍ନିସିଆନ୍, ଷ୍ଟାଫ ନର୍ସ, କ୍ଲର୍କ, ଆଟେଣ୍ଡାଣ୍ଟ, ଆକାଉଣ୍ଟାଣ୍ଟ, ଡିଇଓ, ଲୋକସଂପର୍କ ଅଧିକାରୀ, ଅଫିସ୍ ଆସିଷ୍ଟାଣ୍ଟ, ଡ୍ରାଇଭର ଇତ୍ୟାଦି ରହିଛନ୍ତି। ତହିଁରୁ ଅନେକ କର୍ମଚାରୀ ୧୫/୨୦ବର୍ଷ ଧରି କାର୍ଯ୍ୟ କରୁଥିଲେ ହେଁ ସେମାନଙ୍କୁ ୭ମ ବେତନ କମିସନ ଅନୁଯାୟୀ ଦରମା ଦିଆଯାଉ ନାହିଁ। ଯାହାଫଳରେ ସେମାନଙ୍କୁ ପରିବାର ଚଳାଇବା ଦିନକୁ ଦିନ କଷ୍ଟକର ହୋଇ ପଡୁଛି। ରାଜ୍ୟ ରକ୍ତଭଣ୍ଡାର କର୍ମଚାରୀ ସଂଘର ସଭାପତି ମଳୟ କୁମାର ବେହେରା କହିଛନ୍ତି, ରକ୍ତଭଣ୍ଡାର କର୍ମଚାରୀମାନଙ୍କ ରହିଥିବା ବିଭିନ୍ନ ଦାବିକୁ ପୂରଣ କରିବା ଲାଗି ୨୦୧୫ ମସିହାରୁ ସଂଘ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛି। ଏଥିରେ ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା ଓ ପେନସନ ତଥା ଅନ୍ୟ ସରକାରୀ କର୍ମଚାରୀ ପାଉଥିବା ଅନ୍ୟାନ୍ୟ ସୁବିଧା ଭଳି ଦାବି ରହିଛି। ୨୦୧୭ ମସିହାରେ ରାଜ୍ୟ ସରକାର ସମସ୍ତ ରକ୍ତଭଣ୍ଡାରକୁ ନିଜ ଅଧୀନକୁ ନେବା ପରେ ଦାବି ପୂରଣ ନେଇ କର୍ମଚାରୀମାନଙ୍କ ମନରେ ଏକ ଆଶା ସଞ୍ଚୟ ହୋଇଥିଲା। ହେଲେ ଏହା ଭିତରେ ୫ବର୍ଷ ବିତି ଗଲାଣି ସରକାରଙ୍କ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନାହିଁ। ସଂଘ ଅଧୀନରେ ଥିବା ୧୪୦ଜଣ କର୍ମଚାରୀ ଏବେ ବହୁ ସମସ୍ୟା ଦେଇ ଗତି କରୁଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସଂଘ ପକ୍ଷରୁ ବାରମ୍ବାର ଦାବି କରାଯିବା ପରେ ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ କମିଟି ଏହାର ଯାଞ୍ଚ କରିଥିଲା। କର୍ମଚାରୀମାନଙ୍କ ରହିଥିବା ସମସ୍ୟାର ସମାଧାନ ହେବ ବୋଲି ଅନୁମାନ କରାଯାଉଥିଲା।

## ବନ୍ୟା ପ୍ରଭାବିତ ଏକାମ୍ର ନିର୍ବାଚନ ମଣ୍ଡଳୀକୁ ରିଲିଫ ପ୍ରଦାନ ପାଇଁ ବିଜେପିର ଦାବି

ଭୁବନେଶ୍ୱର,୨୩/୦୬ (ନି.ପ୍ର): ଏକାମ୍ର ନିର୍ବାଚନ ମଣ୍ଡଳୀର କ୍ଷତିଗ୍ରସ୍ତ ଅଂଚଳକୁ ବନ୍ୟା ପ୍ରଭାବିତ ଅଂଚଳ ଘୋଷଣା ଓ ରିଲିଫ ପ୍ରଦାନ ଦାବିରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପିର ଏକ ପ୍ରତିନିଧିଦଳ ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କୁ ଜିଲ୍ଲା ଭେଟ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଦାବୀ ପତ୍ର ଦେଇଛନ୍ତି। ସଭାପତି ବାବୁ ସିଂ କହିଛନ୍ତି ଭେଟି ଭୁବନେଶ୍ୱର ଉପକଣ୍ଠ ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଲିଙ୍ଗିପୁର, ଧଉଳି, ଇଟିପୁର, ଟିକରପଡ଼ା ପଂଚାୟତରେ ବନ୍ୟା ଯୋଗୁଁ ବହୁ କ୍ଷୟକ୍ଷତି ହୋଇଛି । ଜନସାଧାରଣଙ୍କର ଘର, ଆସବାବପତ୍ର ଏବଂ ଫସଲ ସବୁ ବନ୍ୟା ପାଣିରେ ନଷ୍ଟ ହୋଇଯାଇଛି । ତେଣୁ ସେହି ଅଂଚଳକୁ ବନ୍ୟା ପ୍ରଭାବିତ ଅଂଚଳ ଘୋଷଣା କରି ଅଞ୍ଚଳ ବାସୀଙ୍କୁ ରିଲିଫ ପ୍ରଦାନ କରାଯାଉ। ଫସଲର କ୍ଷୟକ୍ଷତି ଆକଳନକରି ତୁରନ୍ତ ପର୍ଯ୍ୟାପ୍ତ ପରିମାଣର ସରକାରୀ ସହାୟତା ପ୍ରଦାନ କରାଯାଉ। ଏହି ସମସ୍ୟାର ତୁରନ୍ତ ସମାଧାନ ନହେଲେ ଆମ୍ଭେ ଆନ୍ଦୋଳନାତ୍ମକ ପଦ୍ଧତି ଗ୍ରହଣ କରିବାକୁ ବାଧ ହେବୁ ବୋଲି ବାବୁ ସିଂ କହିଛନ୍ତି । ଏହି ଦାବୀ ପତ୍ର ପ୍ରଦାନ ବେଳେ ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଏକାମ୍ର ଗ୍ରାମୀଣ ମଣ୍ଡଳ ସଭାପତି ଅରୁଣ ପୁରୋହିତ,ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଉପେନ୍ଦ୍ର ଭଞ୍ଜ, ଟିକରପଡ଼ା ପଂଚାୟତର ସରପଂଚ ପଂଚେଇ ମଲ୍ଲିକ, ସମିତି ସଭ୍ୟ ସୁଜାତା ସାହୁ,ପୂର୍ବତନ ସମିତି ସଭ୍ୟ ବିଭୁତି ଭୂଷଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଅତ୍ୟାବଶ୍ୟକ ସାମଗ୍ରୀ କଳାବଜାରୀଙ୍କ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୩/୦୬ (ନି.ପ୍ର): ରାଜ୍ୟରେ ବନ୍ୟା ପରିସ୍ଥିତି ମଧ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖି କଳାବଜାରୀ କରୁଥିବା ଅସାଧୁ ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବନ୍ୟା ପ୍ରଭାବିତ ଜିଲ୍ଲାମାନଙ୍କରେ ଅସାଧୁ ବ୍ୟବସାୟୀମାନେ ଯେପରି ଅତ୍ୟାବଶ୍ୟକ ସାମଗ୍ରୀ ମହଜୁତ ରଖି କଳାବାରୀ ନକରନ୍ତି ସେ ନେଇ ସତର୍କ ଦୃଷ୍ଟି ରଖିବା ସହିତ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ଯାଂଚ ଓ ଚଢାଉ କରିବାକୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ , ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ନାୟକଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ପ୍ରମୁଖ ସଚିବ ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କୁ ପତ୍ରଲେଖି ଆବଶ୍ୟକ ପଦକ୍ଷେପ ନେବାକୁ କହିଛନ୍ତି। ଏଠାରେ ଉଲ୍ଲେଖନୀୟ କି ସାଧାରଣତଃ ବନ୍ୟା ,ବାତ୍ୟା ଭଳି ପ୍ରକୃତିକ ବିପର୍ଯ୍ୟୟ ସମୟରେ କେତେକ ଅସାଧୁ ମୁନାଫାଖୋର ବ୍ୟବସାୟୀ ପନିପରିବା ଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ କରି ଥାଆନ୍ତି । ସେମାନେ ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରି ଅଧିକ ଦରରେ ବିକ୍ରି କରଥାନ୍ତି । ଏହି ପରିପ୍ରେକ୍ଷୀରେ ବନ୍ୟା ଜନିତ ପରିସ୍ଥିତିରେ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ କଡା ନିର୍ଦ୍ଦେଶ ଦିଆଯାଇଛି।

## କୃଷି କାର୍ଯ୍ୟରେ ମହିଳା ଉପଯୋଗୀ କୃଷି ଯନ୍ତ୍ରପାତିର ଜନାଦୃତି ଉପରେ କୃଷିମନ୍ତ୍ରୀଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର, ୨୨ ଅଗଷ୍ଟ - ଛୋଟ ଛୋଟ କୃଷି ଯନ୍ତ୍ରପାତି ଓ ଉପକରଣ ବ୍ୟବହାର ଦ୍ୱାରା କୃଷିରେ ନିୟୋଜିତ ଗ୍ରାମୀଣ କୃଷିଜୀବୀ ମହିଳା ଓ ଶ୍ରମିକମାନଙ୍କ ଶ୍ରମ ଲାଘବ କରିହେବ । ରାଜ୍ୟର ମୋଟ କୃଷି ଶ୍ରମିକଙ୍କ ମଧ୍ୟରୁ ୪୮ ପ୍ରତିଶତରୁ ଊର୍ଦ୍ଧ୍ୱ ମହିଳା କୃଷି ଶ୍ରମିକ ହୋଇଥିବାବେଳେ କୃଷି ଯନ୍ତ୍ରପାତିର ପ୍ରୟୋଗକୁ ତ୍ୱରାନ୍ୱିତ କରିବା ଉପରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି । କୃଷି ଭବନଠାରେ ଆୟୋଜିତ ବୈଠକରେ ମହିଳା ଚାଷୀ ଓ ଶ୍ରମିକମାନଙ୍କ କୃଷି କାର୍ଯ୍ୟଜନିତ ଶ୍ରମ ଲାଘବ କରିବା ପାଇଁ କୃଷି ଯନ୍ତ୍ରପାତିର ବ୍ୟବହାର ଦିଗରେ ବିଭାଗ ପକ୍ଷରୁ ନିଆଯାଉଥିବା କାର୍ଯ୍ୟକ୍ରମର ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ମହିଳା ଶ୍ରମିକମାନେ ନିୟୋଜିତ ହେଉଥିବା ବିହନ ବୁଣା, ରୁଆ, ଫସଲ କଟା, ତୋଳା, ଅମଳ, ଚୋପା ବାହାର କରିବା ଆଦି କାର୍ଯ୍ୟରେ ଛୋଟ ଛୋଟ ଯନ୍ତ୍ରପାତିର ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିବା ଦରକାର । କୃଷି ଯନ୍ତ୍ରପାତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଆକର୍ଷଣୀୟ ରିହାତି ପ୍ରଦାନ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏହି ପରିପ୍ରେକ୍ଷୀରେ କୃଷି କାର୍ଯ୍ୟରେ ମହିଳା ଉପଯୋଗୀ କୃଷି ଯନ୍ତ୍ରପାତିକୁ ଜନାଦୃତ କରିବା ପାଇଁ ବିଭାଗ ପକ୍ଷରୁ ବ୍ୟାପକ ପ୍ରୟସାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତବ୍ୟକ୍ତ କରିଥିଲେ । କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ କୃଷି ଯନ୍ତ୍ରପାତିର ବ୍ୟବହାର ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିବାବେଳେ ଜିଲ୍ଲା ଓ ବ୍ଲକ୍ ସ୍ତରରେ କୃଷି ମେଳା ଆୟୋଜନ ମାଧ୍ୟମରେ କୃଷି ଯନ୍ତ୍ରପାତିର ବିକ୍ରିବଟାକୁ ବ୍ୟାପକ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ । ଏଥି ସହିତ ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ କୃଷି ଯନ୍ତ୍ରପାତିର ପ୍ରଚାର ଓ ବିକ୍ରିବଟାର ସୁଯୋଗ ସୃଷ୍ଟି ନିମନ୍ତେ ମଧ୍ୟ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ । ବ୍ଲକ୍ ସ୍ତରରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଗୁଡ଼ିକରେ ଚାଷୀମାନଙ୍କୁ କୃଷି ଯନ୍ତ୍ରପାତିର ବ୍ୟବହାର ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । କୃଷି ଯନ୍ତ୍ରପାତିର ଏପରି ବ୍ୟବହାର କରିବାକୁ ପଡ଼ିବ, ଯେପରି ଅଧିକରୁ ଅଧିକ ଗ୍ରାମୀଣ କୃଷିଜୀବୀ ମହିଳା ଓ ଶ୍ରମିକମାନେ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏଥି ସହିତ ଉନ୍ନତ କୃଷି ଉପକରଣ ବ୍ୟବହାରକୁ ବୃଦ୍ଧି କରି ମହିଳାମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ପ୍ରୋତ୍ସାହିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ । ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ହସ୍ତଚାଳିତ କୃଷି ଯନ୍ତ୍ରପାତି ନିମନ୍ତେ ସରକାର ୫୦ ପ୍ରତିଶତ ସବ୍‌ସିଡ଼ି ପ୍ରଦାନ କରୁଛନ୍ତି ବୋଲି ଉଲ୍ଲେଖ କରିଥିଲେ। ସେହିଭଳି ମୋଟରଚାଳିତ କୃଷି ଯନ୍ତ୍ରପାତି ଓ ଉପକରଣ ନିମନ୍ତେ ସାଧାରଣ ବର୍ଗଙ୍କୁ ୪୦ ପ୍ରତିଶତ ଏବଂ ଅନୁସୂଚିତ ଜାତି ଓ ଜନଜାତି ଏବଂ ମହିଳାମାନଙ୍କୁ ୫୦ ପ୍ରତିଶତ ସବ୍‌ସିଡିର ବ୍ୟବସ୍ଥା ରହିଛି ବୋଲି ସେ ପ୍ରକାଶ କରିଥିଲେ । ବୈଠକରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସଂଜୀବ କୁମାର ଚଢ଼ା, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ଓଡ଼ିଶା ଜୀବିକା ମିଶନର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସୀ ନିମ୍ଭାଲଙ୍କ ସମେତ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, ଓଡ଼ିଶା କୃଷି ଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ, ଆପିକଲର ପରିଚାଳନା ନିର୍ଦ୍ଦେଶକ, ଏନ୍‌ଆରଆରଆଇ, ସିଓ୍ୱାର ନିର୍ଦ୍ଦେଶକ, କୃଷି ଓ ଯାନ୍ତ୍ରିକ ମହାବିଦ୍ୟାଳୟର ଡିନ୍, କୃଷି ବିଭାଗର ମୁଖ୍ୟଯନ୍ତ୍ରୀ, ମିଶନ ଶକ୍ତିର ପ୍ରତିନିଧି, ଓଏଫ୍‌ଏମ୍‌ଆରଡ଼ିସିର ଅଧିକାରୀ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

## ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବାସଂଘର ପ୍ଲାଟିନମ ଜୁବୁଲି ଓ ୭୭ତମ ବାର୍ଷିକ ସାଧାରଣ ସଭା

ଭୁବନେଶ୍ୱର,୨୩/୦୬ (ନି.ପ୍ର): ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ପ୍ଲାଟିନମ ଜୁବୁଲି ଓ ୭୭ତମ ବାର୍ଷିକ ସାଧାରଣ ସଭା ପାଳିତ ହୋଇଛି। ପ୍ରଥମ ଅଧିବେଶନରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ଅଧିବେଶନରେ ସଂଘର 'ଐତିହ୍ୟ ସମାବେଶ' ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଓ ମନ୍ତ୍ରୀ ପ୍ରଦୀପ ଅମାତ, ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶ୍ରୀମତୀ ଟୁକୁନି ସାହୁ, ଶ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଶ୍ରୀ ତୁଷାରକାନ୍ତି ବେହେରା, ଢେଙ୍କାନାଳ ସାଂସଦ ଶ୍ରୀ ମହେଶ ସାହୁ ସମ୍ମାନୀନ ଅତିଥି ଭାବରେ ଯୋଗ ଦେଇଥିଲେ। ୭୮ ବର୍ଷର ରାଜ୍ୟର ସର୍ବପୁରାତନ ସେବା ସଂଘ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରି ପ୍ଲାଟିନମ ଜୁବୁଲି ପାଳନ କରୁଛି। ଏବେ କର୍ମଚାରୀ ସେବା ସଂଘ ନିମିତ ଏହା ଗୌରବର ବିଷୟ। ଅଧିକନ୍ତୁ ରାଜ୍ୟ ତୃଣମୂଳ ସ୍ତରରେ ଭିତିଭୂମି ନିର୍ମାଣରେ ସେବାରତ ଡିପ୍ଲୋମା ଇଞ୍ଜିନିରମାନଙ୍କର ଭୂମିକା ରାଜ୍ୟର ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସେମାନେ ରାଜ୍ୟ ପ୍ରଗତିର ସାରଥି ଭାବରେ ନିର୍ମାଣ କାର୍ଯ୍ୟର ଆଦ୍ୟ ବିନ୍ଧାଣୀ। ବନ୍ୟା ବାତ୍ୟା ମରୁଡ଼ି ସମୟରେ ସେମାନେ ଉତ୍ସର୍ଗୀକୃତ ଭାବରେ ଜନସାଧାରଣଙ୍କ ସେବା କରିଥାନ୍ତି। ତେଣୁ ସେମାନଙ୍କ ଅବଦାନକୁ ଅଣଦେଖା କରାଯାଇ ପାରିବ ନାହିଁ। ସଂଘର ବାର୍ଷିକ ସାଧାରଣ ସଭାରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇ ଆଗାମୀ ବର୍ଷର କାର୍ଯ୍ୟ ଖସଡ଼ା ଅନୁମୋଦିତ ହୋଇଥିଲା। ସାଧାରଣ ସଭାରେ ସର୍ବସମ୍ମତି କ୍ରମେ ଗୃହୀତ ଦାବି ମଧ୍ୟରେ ଡିପ୍ଲୋମା ଇଞ୍ଜିନିୟରମାନଙ୍କ ପଦୋନ୍ନତି ହାର ଶତକଡ଼ା ୪୦ ଭାଗ ପରିବର୍ତ୍ତେ ୫୦ ଭାଗକୁ ବୃଦ୍ଧି, ସବୁ ବିଭାଗର ଡିପ୍ଲୋମା ଇଞ୍ଜିନିୟରଙ୍କ ନିମିତ ଏକକ କ୍ୟାଡର ରୁଲ୍ ଲାଗୁ ଓ ଡିପ୍ଲୋମା କ୍ୟାଡରରୁ ଠିକା ନିଯୁକ୍ତି ପ୍ରଥା ସମ୍ପୂର୍ଣ୍ଣ ବିଲୋପ ପାଇଁ ନିଷ୍ପତି ହୋଇଥିଲା।

## ଆନ୍ତଃଜାତି ବିବାହକୁ ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ : କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାଓ୍ୱଲେ

ଭୁବନେଶ୍ୱର,୨୩/୦୬ (ନି.ପ୍ର): ସମାଜରେ ସମତା ଆଣିବା ଲାଗି ଅଧିକ ସଂଖ୍ୟାରେ ଆନ୍ତଃଜାତି ବିବାହକୁ ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ ବୋଲି କେନ୍ଦ୍ର ସାମାଜିକ ନ୍ୟାୟଏବଂ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ରାମଦାସ ଅଠାଓ୍ୱଲେ କହିଛନ୍ତି । ସୋମବାର ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ସେ ଏହା କହିଛନ୍ତି। ଡକ୍ଟର ଅଠାଓ୍ୱଲେ କହିଥିଲେ ଯେ ଭାରତ ସରକାର ଡକ୍ଟର ଆମ୍ବେଦକର ଫାଉଣ୍ଡେସନ ସହ ମିଶି ଆନ୍ତଃ ଜାତି ବିବାହ ପାଇଁ ଅଢ଼େଇ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଯୋଗାଇଦେଉଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ସରକାରଙ୍କ ମଧ୍ୟ ଏପରି ଯୋଜନା ରହିଛି, କିନ୍ତୁ ଏଭଳି ବିବାହକୁ ବ୍ୟାପକ ଆକାରରେ ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ। ସେ କହିଥିଲେ ଯେ, ଓଡ଼ିଶାରେ ୨୦୨୦-୨୧ରେ ୧୮୪୭ଟି ଆନ୍ତଃଜାତି ବିବାହ ପଞ୍ଜୀକରଣ ହୋଇଥିଲା। ୨୦୨୧-୨୨ ଏହି ସଂଖ୍ୟା ୨୪୨୮କୁ ବୃଦ୍ଧିପାଇଛି। ରାଜ୍ୟରେ ଜାତିଗତ ନିର୍ଯ୍ୟାତନା ମାମଲା ଉପରେ ତଥ୍ୟ ପ୍ରଦାନ କରି ମନ୍ତ୍ରୀ କହିଥିଲେ ଯେ, ୨୦୨୦-୨୧ରେ୨୮୨୮ ନିର୍ଯ୍ୟାତନା ମାମଲା ରୁଜୁ ହୋଇଥିଲା। ୨୦୨୧-୨୨ରେ୨୭୬୮ ନିର୍ଯ୍ୟାତନା ମାମଲା ଦାୟର ହୋଇଛି। ଜାତିଗତ ନିର୍ଯ୍ୟାତନା ମାମଲା ରୋକିବା ଲାଗି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି ବୋଲି ଡକ୍ଟର ଅଠାଓ୍ୱଲେ ଜୋର ଦେଇ କହିଥିଲେ। ଦିବ୍ୟାଙ୍ଗ, ବୟସ୍କ, ବିଧବା ମାନଙ୍କର ସ୍ଥିତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ପ୍ରାୟ ୨୦ଲକ୍ଷ ଦିବ୍ୟାଙ୍ଗ, ବୃଦ୍ଧବୃଦ୍ଧା ଏବଂ ବିଧବା ମାନଙ୍କୁ ମାସିକ ୫୦୦ ଟଙ୍କାର ପେନସନ ମିଳୁଛି। ପେନସନ ହିତାଧିକାରୀଙ୍କ ସଂଖ୍ୟା ବଢ଼ାଇବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଡକ୍ଟର ଅଠାଓ୍ୱଲେ ବିଭିନ୍ନ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଏବଂ ଓଡ଼ିଶାରେ ଏସବୁ ଯୋଜନାର କାର୍ଯ୍ୟକାରି ତାସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ।

# ଚଲାପଥର ସାହିତ୍ୟ ଉତ୍ସବ : ସାହିତ୍ୟିକ ମାନଙ୍କର ସୃଷ୍ଟି ଦେଶ ସ୍ଥିତି ବଦଳାଇ ପାରିବ

ଭୁବନେଶ୍ୱର,୨୩/୦୮ (ନି.ପ୍ର): ଓଡ଼ିଶାର ପୁରାତନ ସାହିତ୍ୟ ଅନୁଷ୍ଠାନ ଚଲାପଥ ଲେଖକ ସମ୍ମିଳନୀ ଓଡ଼ିଶାର ସାହିତ୍ୟ ଉତ୍ସବ ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆଜିର ସମୟରେ ସାମ୍ବାଦିକତା ଓ ରାଜନିତୀ ଗ୍ରହଗ୍ରସ୍ତ ହୋଇଛି, ସତ ପ୍ରକାଶ କରିବାର ଶାଣିତ ସ୍ୱର ଶୁଭୁ ନାହିଁ, ଶସ୍ତା ଲୋକ ପ୍ରୀୟତାର ପଛରେ ଗଣମାଧ୍ୟମର ଦୌଡ ଅରୁଚିକର ହୋଇଛି । ଏଭଳି ସ୍ଥିତିରେ ସାହିତ୍ୟ ହିଁ ସମାଜର ଦର୍ପଣ ସଦୃଶ ଭାବରେ ସବୁକିଛି ପରିବର୍ତ୍ତନ କରିପାରିବ ବୋଲି ଚଲାପଥ ସାହିତ୍ୟ ଉତ୍ସବରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି । ଓଡ଼ିଆ ଭାଷାର ପ୍ରଚ୍ଚର ଓ ପ୍ରସାର ଦିଗରେ ସାହିତ୍ୟିକ ମାନଙ୍କର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ସରକାରଙ୍କର ନୈତିକ ଦାୟିତ୍ୱ ମଧ୍ୟ ସେତିକି ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରବାସରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବର୍ତ୍ତମାନ ସଙ୍କଟରେ ଏହାର ସମାଧାନ କେବଳ ସାହିତ୍ୟିକ




ମାନଙ୍କର ଉଦ୍ୟମ ଦ୍ୱାରା ସମ୍ଭବ ହୋଇ ପାରିବ । ସାହିତ୍ୟର ଅବକ୍ଷୟ ନଥାଏ, ସାହିତ୍ୟିକ ମାନଙ୍କର ସୃଷ୍ଟି ଦେଶର ସ୍ଥିତି ବଦଳାଇ ପାରିବ । ସାହିତ୍ୟ ସଦାକାଳେ କାଳଜୟୀ । ବୋଲି ପ୍ରଗତିବାଦୀର କାର୍ଯ୍ୟକାରୀ ସଂପାଦକ ବିରୂପାକ୍ଷ ତ୍ରିପାଠୀ ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରି ମତବ୍ୟକ୍ତ କରିଛନ୍ତି । ମୁଖ୍ୟ ଅତିଥିଭାବେ ପ୍ରେସ୍ କାଉନସିଲ ଅଫ୍‌ଇଣ୍ଡିଆର ସଦସ୍ୟ ତଥା ଏନ୍.ୟୁ.ଜେ.ଇଣ୍ଡିଆ ନୂଆଦିଲ୍ଲୀର ସେକ୍ରେଟାରୀ ଜେନେରାଲ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି ଯୋଗଦେଇ ସାହିତ୍ୟିକମାନେ ସମାଜର ଦର୍ପଣ ସଦୃଶ, ସେମାନଙ୍କର ସୃଷ୍ଟି ସମାଜ ଗଠନରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ବିଶିଷ୍ଟ ଅତିଥିଭାବେ ଓଡ଼ିଶାର ବିଶିଷ୍ଟ କବିତଥା ପୂର୍ବତଟ ରେଲପଥର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ନିରାକାର ଦାସ ଯୋଗଦେଇ କିହିଲେ ଯେ କବି ଓ ଲେଖକ ମାନଙ୍କର ରଚନା ସଫଳ ସୃଷ୍ଟି ହେବା ଉଚିତ୍ । ଯାହାକି ଆଗାମୀ ପିଢିକୁ ଉଦ୍‌ବୁଦ୍ଧ କରିବ ଓ ତାହା ସେମାନଙ୍କର ଜ୍ଞାନ ଆରୋହଣର ଭଣ୍ଡାର ପାଲଟି ପାରିବ । ଚଲାପଥର ସଭାପତି ବରିଷ୍ଠ ଲେଖିକା ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଇସ୍ରୋର ବୈଜ୍ଞାନିକ ତଥା ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜର ମୁଖ୍ୟ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ. ନୃସିଂହ ଚରଣ ସାହୁ, ବରିଷ୍ଠ କବି ବିଜନ କୁମାର ବେହେରା, ପ୍ରାବନ୍ଧିକା ଡ. ବାସନ୍ତୀ ମହାନ୍ତି, ଆମେରିକା ଟୋରଣ୍ଟ ବିଦ୍ୟାପ୍ରକାଶନୀର ପ୍ରକାଶକ ତଥା ସାହିତ୍ୟିକ ଡକ୍ଟର ତନ୍ମୟ ପଣ୍ଡା ମୃତ୍ୟୁଞ୍ଜୟ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ଲଗାତର ବର୍ଷାରେ ଭୁଷୁଡ଼ିଲା କଚାଘର : ଅଳ୍ପକେ ବର୍ତ୍ତିଲେ ପରିବାର

ଜଳେଶ୍ୱର, ୨୩/୮(ନିପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନଛିମପୁର ପଂଚାୟତର ସେହି ଗାଁରେ ନରୋତ୍ତମ ଗିରିଙ୍କ କଚା ଘରଟି ଭୁଷୁଡି ପଡିଛି । ରବିବାର ରାତିରେ ବନ୍ୟାପାଣି ଉକ୍ତ ଅଂଚଳରେ ପ୍ରବାହିତ ହେବା ଫଳରେ ଘରଟି ଭାଂଗି ପଡିଥିବା ଜଣାଯାଇଛି । ମଧ୍ୟ ରାତ୍ରୀରେ କିଛି ଶବ୍ଦଶୁଣି ପରିବାରବର୍ଗ ଘର ବାହାରକୁ ଆସିବାପରେ ଘରଟି ଭୁଷୁଡି ପଡିଥିଲା । ଫଳରେ ଧନଜୀବନ ରକ୍ଷା ହୋଇଯାଇଥିଲା । ଖବର ପାଇ ସୋମବାର ରାଜସ୍ୱ ନିରିକ୍ଷକ ଶରତ ବେହେରା, ଯମୁନା ଘଡେଇ ତଦନ୍ତ କରି ତାଙ୍କୁ ପଲିଥିନ ଯୋଗାଇ ଦେଇଥିବା ଜଣାଯାଇଛି । ସେ ଜଣେ ଚାଷୀ ହୋଇଥିବାରୁ ତାଙ୍କର ବର୍ଷକର ଉତ୍ପନ୍ନ ଫସଲ ସୁରକ୍ଷିତ ରଖିବା କଷ୍ଟକର ହୋଇ ପଡିଛି । ତେଣୁ ତାଙ୍କୁ ଅତିଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ପୂର୍ବତନ ସରପଂଚ ସୁଦାମ ଚରଣ ପାତ୍ର, ବିନୟ ଜେନା, ସପନ ଜେନା, ୱାର୍ଡ ସଦସ୍ୟା ସୁବର୍ଣ୍ଣ ଜେନା, ୱାଡ ସଦସ୍ୟ ସୁଜୟ ସିଂ, ସଂଗ୍ରାମ ସିଂ, ଦେବୁଦତ୍ତ, ରବିନ୍ଦ୍ର ମିଶ୍ର, ସପନ ଗିରି ପ୍ରମୁଖ ଦାବି କରିଛନ୍ତି ।

## ନୀଳଗିରି ବ୍ଲକ ମୁଖ୍ୟ କାର୍ଯ୍ୟାଳୟରେ ଚାଲିଛି ନିମ୍ନମାନର କାର୍ଯ୍ୟ : ନିରବଦ୍ରଷ୍ଟା ସାଜିଛନ୍ତି ଅଧିକାରୀବୃନ୍ଦ

ନୀଳଗିରି, ୨୩/୦୮ (ନି.ପ୍ର): ନୀଳଗିରି ବ୍ଲକ ପରିସରରେ ଅଫିସ କାର୍ଯ୍ୟାଳୟର ଉପର ମହଲାରେ ଚାଲିଥିବା କାର୍ଯ୍ୟ ଅତି ନିମ୍ନମାନର ବୋଲି ସାଧାରଣରେ ଆଲୋଚନା ଚାଲିଛି । ବ୍ଲକର ମୁଖ୍ୟ କାର୍ଯ୍ୟାଳୟକୁ ପ୍ରତିଦିନ ୨୫ଟି ପଂଚାୟତରୁ ସାଧାରଣ ଲୋକ ସମେତ ନିର୍ବାଚିତ ପ୍ରତିନିଧିମାନେ ନିଜର କାର୍ଯ୍ୟ ପାଇଁ ଆସୁଥିବା ବେଳେ ଉପର ମହଲାର କାର୍ଯ୍ୟକୁ ଘୋର ନିନ୍ଦା କରୁଥିବାର ଶୁଣିବାକୁ ମିଳୁଛି । ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣଧୀନ ବିଲ୍ଡିଂର ଲାଗିଥିବା ଇଟାମାନ ଅତି ନିମ୍ନମାନର ହୋଇଥିବା ବେଳେ କଂକ୍ରିଟ ଢ଼ଳେଇ ଗୁଡ଼ିକ ଖସି ପଡ଼ିଥିବାର ଦେଖିବାକୁ ମିଳିଛି । ଏପରିକି ଇଟା ଯୋଡ଼ିବା କାର୍ଯ୍ୟ କଦର୍ଯ୍ୟ ଭାବେ କରାଯାଇଥିବାର ଦେଖିବାକୁ ମିଳିଛି । କେଉଁ ମୁହୂର୍ତରେ ଇଟା ଗୁଡ଼ିକ ବର୍ଷା ପାଣିରେ ଧୋଇଯିବ ତାହା କହିବା ମୁସ୍କିଲ ହୋଇ ପଡ଼ିବ । ଯଦି ବିଡିଓ ଉକ୍ତ ନିର୍ମାଣାଧିନ ବିଲ୍ଡିଂ ପ୍ରତି ନଜର ନ ଦିଅନ୍ତି, ତେବେ ନିମ୍ନମାନର କାର୍ଯ୍ୟ କରି ଠିକାଦାର ଜଣକ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରିପାରେବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଭିଏଲ-ଏସଆରଏସଏଏମର ....

ଚାନ୍ଦିପୁର ଆଇଟିଆର ପକ୍ଷରୁ ମୁତୟନ କରାଯାଇଥିବା ରାଡାର, ଇଲେକ୍ଟ୍ରୋ-ଅପ୍ଟିକାଲ ଟ୍ରାକିଂ ସିଷ୍ଟମ (ଇଓଟିଏସ) ଏବଂ ଟେଲିମେଟ୍ରୀ ପ୍ରଣାଳୀ ଭଳି ବିଭିନ୍ନ ଦୂର ମାପନ ଉପକରଣ ସହାୟତାରେ ଏସବୁ ତଥ୍ୟ ସଂଗ୍ରହ କରାଯାଇଥିଲା । ଏହି କ୍ଷେପଣାସ୍ତ୍ର ପ୍ରଣାଳୀର ଡିଜାଇନ ଏବଂ ଏହାକୁ ବିକଶିତ କରିବାରେ ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରୟୋଗଶାଳା (ଡିଆରଡିଏଲ), ହାଇଦ୍ରାବାଦର ରିସର୍ଚ୍ଚ ସେଣ୍ଟର ଇମାରତ ଏବଂ ପୁଣେର ଆର ଏଣ୍ଡ ଡି ଇଞ୍ଜିନିୟର୍ସ ଭଳି ବିଭିନ୍ନ ଡିଆରଡିଓ ପ୍ରୟୋଗଶାଳାର ଯୋଗଦାନ ରହିଥିଲା । ଏସବୁ ପ୍ରୟୋଗଶାଳାର ବରିଷ୍ଠ ବୈଜ୍ଞାନିକମାନେ କ୍ଷେପଣାସ୍ତ୍ର ପ୍ରଣାଳୀର ପରୀକ୍ଷଣକୁ ଅନୁଧ୍ୟାନ କରିଥିଲେ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଭିଏଲ-ଏସଆରଏସଏଏମ କ୍ଷେପଣାସ୍ତ୍ର ପ୍ରଣାଳୀର ସଫଳ ଆକାଶମାର୍ଗ ପରୀକ୍ଷଣ ନିମନ୍ତେ ଡିଆରଡିଓ, ଭାରତୀୟ ନୌସେନା ଏବଂ ଏହା ସହ ଜଡ଼ିତ ସମସ୍ତଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି ।

## 'ଆପ' ଟାର୍ଗେଟରେ....

ଆମଦାନୀ କରିଛି ବୋଲି ଆପ୍ ବିଧାୟକ ସୌରଭ ଭରଦ୍ୱାଜ କହିଛନ୍ତି । ଏହାସହ ଶୁଭେନ୍ଦୁ ଅଧିକାରୀ, ହିମନ୍ତ ବିଶ୍ୱ ଶର୍ମା ପରି ନେତାଙ୍କୁ ବିଜେପି ନିଜ ଦଳକୁ ନେବା ପରେ ସେମାନଙ୍କ ବିରୋଧରେ ତଦନ୍ତ ଶିଥିଳ ପଡି ଯାଇଛି ବୋଲି କହି ବିଜେପିକୁ ଟାର୍ଗେଟ କରିଛି ଆପ୍ । ସମାନ କୌଶଳ ସିସୋଦିଆଙ୍କ କ୍ଷେତ୍ରରେ ବିଜେପି ପ୍ରୟୋଗ କରିଥିଲା ବୋଲି କହିଛନ୍ତି ଏହି ନେତା । ଅଭିଯୋଗ ଉପରେ ଜବାବ ରଖିଛନ୍ତି ବୈଜୟନ୍ତ ପଣ୍ଡା । ଟ୍ୱିଟ୍ କରି ସେ କହିଛନ୍ତି, ଦୁର୍ନୀତିରେ ବୁଡି ରହିଛି ଆମ ଆଦମୀ ପାର୍ଟି । ବିବାଦରୁ ବର୍ତିବାକୁ ଯାଇ ଅନେକ କିଛି ଅଭିଯୋଗ ଆଣୁଛି ଆପ୍ । କିନ୍ତୁ ଯେଉଁ ଅବକାରୀ ଦୁର୍ନୀତି ପ୍ରସଙ୍ଗ ଉଠିଛି ତାର ଜବାବ ଆପ୍ ରଖୁନି ବୋଲି ସେ କହିଛନ୍ତି । ପୂର୍ବରୁ ବୈଜୟନ୍ତ ପଣ୍ଡା ବିଜେଡିରେ ଥିଲେ । ହେଲେ ମୋଦୀ ସରକାର ଆସିବା ପରେ ବିଜେପିକୁ ସୁହାଇବା ଭଳି ମନ୍ତବ୍ୟ ଦେଇଥିଲେ ବୋଲି ଅଭିଯୋଗ ଆସିଥିଲା ।

## କେଜ୍ରିୱାଲଙ୍କ ସରକାରକୁ ....

ଅବକାରୀ ନୀତିକୁ ନେଇ ସିବିଆଇର ଧମକ ଦେଉଛନ୍ତି । ସିବିଆଇ ୩୧ଟି ସ୍ଥାନରେ ରେଡ କରିଥିଲା । କିନ୍ତୁ ଏଯାଏ କିଛି ବି ମିଳିଲା ନାହିଁ । ତେଣୁ ବିଜେପି ଏବେ ଦିଲ୍ଲୀ ସରକାରକୁ ଭାଙ୍ଗିବା ପାଇଁ ସିସୋଦିଆଙ୍କୁ ମୁଖ୍ୟମନ୍ତ୍ରୀ ହେବାର ଲୋଭ ଦେଖାଉଛି । ସେମାନେ ଅରବିନ୍ଦ କେଜ୍ରିୱାଲଙ୍କ ସରକାରକୁ ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି ।" କେଉଁ ବିଜେପି ନେତା ଏମିତି ଅଫର ଦେଇଥିଲେ ବୋଲି ପ୍ରଶ୍ନର ଉତ୍ତରରେ ଭରଦ୍ୱାଜ କହିଛନ୍ତି, "ସବୁ କିଛି ଠିକ୍ ସମୟରେ ସାର୍ବଜନୀନ କରାଯିବ । ଦଳର ନେତାମାନେ କେମିତି ଓ କେଉଁଠି ବିଜେପିର ଅସଲ ମୁଖା ଖୋଲାଯିବ, ତା'ର ନିଷ୍ପତ୍ତି ନେବେ ।" ଅନ୍ୟପକ୍ଷରେ ବିଜେପି ଏହି ସବୁ ଅଭିଯୋଗକୁ ଖଣ୍ଡନ କରିଛି । ସିସୋଦିଆଙ୍କ ବିରୋଧରେ ଲାଗିଥିବା ଦୁର୍ନୀତିର ଦାଗକୁ ଛଡ଼ାଇବା ପାଇଁ ଆପ୍ ଏହି ସବୁ ମନଗଢ଼ା କଥା କହୁଥିବା ବିଜେପି ସାଂସଦ ପରଭେଶ ବର୍ମା କହିଛନ୍ତି । ସେ କହିଛନ୍ତି, "ଲୋକମାନେ ଆପ୍ ଠାରୁ ଅବକାରୀ ନୀତି ସମ୍ପର୍କରେ ଜାଣିବାକୁ ଚାହୁଁଛନ୍ତି । ଏହି ନୀତି ଯୋଗୁ ଅନେକ କ୍ଷତି ହୋଇଛି ।" ଆପ୍‌କୁ ବିଜେପି ଦେଇଥିବା ଅଫର ସମ୍ପର୍କରେ ବର୍ମା କହିଛନ୍ତି, "ସେମାନେ ନିଜର କର୍ମକର୍ତ୍ତାମାନଙ୍କୁ ହିଁ ଏପରି ଫୋନ କଲ କରିବାକୁ କହୁଛନ୍ତି । ଏହାପରେ ବିଜେପିକୁ ଦୋଷ ଦେଉଛନ୍ତି ।

## ୟୁରୋପକୁ ଦାଉ ସାଜିଛି ମରୁଡି....

ନିଆଁ ଲାଗି ମରୁଡି ପରିସ୍ଥିତି ସୃଷ୍ଟି କରୁଛି । ଅନ୍ୟପଟେ ପିଇବା ପାଣିର ଅଭାବ ମଧ୍ୟ ଅନେକ ଦେଶ ପାଇଁ ସଙ୍କଟ ସାଜିଛି । ତେବେ ମରୁଡିର ପ୍ରଭାବ ୟୁରୋପର ମାନବଜାତି ସହ ଜୀବଜଗତ ଉପରେ ମଧ୍ୟ ପଡିଛି । ପାଣି ବୁନ୍ଦାଏ ପିଇବା ପାଇଁ ଡହଳବିକଳ ହେବାକୁ ପଡିଛି ୟୁରୋପୀୟ ପଶୁପକ୍ଷୀଙ୍କୁ । ଅନ୍ୟପଟେ ଗଛପତ୍ର ମଧ୍ୟ ମରୁଡିରେ ନିଜ ଅସ୍ତିତ୍ୱ ହରାଉଛନ୍ତି । ଥଣ୍ଡା ମହାଦେଶ ଭାବେ ପରିଚିତ ତଥା ପାଣି ଭର୍ତି ମହାଦେଶରେ ପାଣିର ଅଭାବ ଏବେ ଅନେକ ପ୍ରଶ୍ନ ଛିଡା କରିଛି । ଏମିତିକି ୟୁରୋପର ଜ୍ୱଳନ୍ତ ଉତ୍ତାପର ପ୍ରଭାବ ଚାଷଜମି ଉପରେ ପଡିଛି । ଯେଉଁଥିପାଇଁ ଖାଦ୍ୟ ଯୋଗାଣ ଉପରେ ମଧ୍ୟ ଏହା ଗୁରୁତର ପ୍ରଭାବ ପକାଇପାରେ ବୋଲି ଅନେକ ପରିବେଶବିତ ମତ ଦେଇଛନ୍ତି ।

## କାଇପଦର ହାଇସ୍କୁଲ ଶିକ୍ଷକ ଅଭାବ ଦୂର ହେବ କେବ ?

ଖୋର୍ଦ୍ଧା, ୨୩/୦୮ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ବ୍ଲକ କାଇପଦର ହାଇ ସ୍କୁଲ ଶିକ୍ଷକ ଅଭାବ ଦୂର ହେବ କେବ? ଖୋର୍ଦ୍ଧା ଜିଲ୍ଲା ଶିକ୍ଷ୍ୟା ଅଧିକାରି, ଶ୍ରୀଯୁକ୍ତ ବିଶ୍ୱନାଥ ତରାଇ ମହାଶୟ ଶୀଘ୍ର ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି । ଆଉ ଉକ୍ତ ସ୍କୁଲ ପ୍ରଧାନ ଶିକ୍ଷକ ପୂରଣ ଗଣଶିକ୍ଷା ନିର୍ଦ୍ଦେଶକ ପଠାଇବେ, ତାଙ୍କ ହାତରେ ନାହିଁ । କାଇପଦର୍ ବାସୀ ଖୁସି ଜେ ମହାପାତ୍ର ସାର, ନିର୍ଦ୍ଦେଶକ ଗଣଶିକ୍ଷା ବିଭାଗ ଦାୟୀତ୍ୱରେ ଥିବାରୁ ଉକ୍ତ ସ୍କୁଲକୁ ଜଣେ ଭଲ ପ୍ରଧାନ ଶିକ୍ଷକ ଦେବେ ।

## ସେପ୍ଟେମ୍ବର ମାସରେ ଘାଇର ସ୍ଥାୟୀ ମରାମତି : ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର, ୨୩/୦୮ (ନି.ପ୍ର): ସେପ୍ଟେମ୍ବର ମାସରେ ଘାଇର ସ୍ଥାୟୀ ମରାମତି ହେବ ବୋଲି କହିଛନ୍ତି ସର୍ବୋଚ୍ଚ ଯନ୍ତ୍ରୀ ବିଜୟ ମିଶ୍ର । ସେ କହିଛନ୍ତି ଯେ ବନ୍ୟା ସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଫେରୁଛି । ମହାନଦୀ ସମେତ ଅନ୍ୟ ନଦୀର ସ୍ଥିତିରେ ସୁଧାର ଆସିଛି । ସବୁ ନଦୀ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି । କେବଳ ମହାନଦୀ ସିଷ୍ଟମରେ ୭ଟି ଘାଇ ଗେଇଥିବା ସେ ପ୍ରାଶ କରିଛନ୍ତି । ଏବେ ସବୁ ଘାଇର ଅସ୍ଥାୟୀ ଭାବେ ମରାମତି ହେଉଛି ବୋଲି ସେ କହିଛନ୍ତି ।

## ପାଠ ପଢ଼ା ତ ଦୂରର କଥା, ବାରଦୁଆର ଶୁଣ୍ଢିପିଣ୍ଡା ପାଲଟିଛି ବାପ-ମାଆ ଛେଉଣ୍ଡ 'ମୁନା'ର ଆଶ୍ରୟସ୍ଥଳ

ଉଦଳା, ୨୩/୦୮ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ଭିମତାଳି ପଞ୍ଚାୟତର ପୁରୁଣାପାଣି ଗ୍ରାମର ୪ ଜୁବୁଲା ମାର୍ଣ୍ଡିଙ୍କ ପୁତ୍ର ମୁନାକୁ ବର୍ତ୍ତମାନ ଦଶବର୍ଷ ବୟସ ଛୁଇଁଲା । ପିଲାଟି ଦିନରୁ ମୁନା ବାପାଙ୍କୁ ହରାଇଥିବା ବେଳେ ଦୁଇବର୍ଷ ତଳେ ମାଆ ସାକରଙ୍କର ମଧ୍ୟ ଦେହାନ୍ତ ହେଲା । ଫଳରେ ବାପା ମାଆ ଛେଉଣ୍ଡ ମୁନା ସମସ୍ତଙ୍କ ସ୍ନେହ ମମତାରୁ ସବୁଦିନ ପାଇଁ ବଞ୍ଚିତ ହେଲା । ଏବେ ଲୋକଙ୍କ ଘରେ କାମ କରି ମୁନା ଦିନ ବିତାଉଥିବା ବେଳେ ବାର ଦୁଆର ଶୁଣ୍ଢିପିଣ୍ଡା ପାଲଟିଛି ତାହାର ଆଶ୍ରୟସ୍ଥଳ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ପ୍ରଥମରୁ




୧୪ ବର୍ଷ ବୟସର ପିଲାଙ୍କ ପାଇଁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଥିଲେ ମଧ୍ୟ, ମୁନା ଏଥିରୁ ବଞ୍ଚିତ ରହିଛି । କାରଣ ଘର ଘର ବୁଲି ପିଲାଙ୍କୁ ଖୋଜି ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ମୋଟା ଅଙ୍କରେ ଦରମା ନେଇ ନିଯୁକ୍ତି ପାଇଥିବା କର୍ମଚାରୀ ଯେ ଆଦୌ ନିଜ କାମ ଠିକ ଭାବରେ କରୁ ନାହାଁନ୍ତି ତାହା ଏଥିରୁ ବେଶ ସ୍ପଷ୍ଟ ବାରି ହୋଇ ପଡୁଛି । ମୋଟା ମୋଟି ଭାବରେ ଅଧାରୁ ପାଠ ପଢ଼ା ଛାଡୁଥିବା ପିଲାଙ୍କ ସଂଖ୍ୟା ମୟୂରଭଞ୍ଜ ଜିଲ୍ଲାରେ ବହୁ ଅଧିକ ଥିବା ବେଳେ ସରକାରୀ କାଗଜପତ୍ର ଉପରେ ବିଦ୍ୟାଳୟ ବାହାରେ ଆଦୌ ପିଲା ନାହାଁନ୍ତି ବୋଲି ଦର୍ଶା ଯାଉଛି । ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ମୁନାର ପାଠ ପଢ଼ା ବ୍ୟବସ୍ଥା କରନ୍ତୁ ବୋଲି ସାଧାରଣରେ ଦାବୀ ହେଉଛି ।

## ଜଳବନ୍ଦୀ ପରିବାରଙ୍କୁ ଖାଦ୍ୟସାମଗ୍ରୀ ବଣ୍ଟନ

ବସ୍ତା, ୨୩/୦୮ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ସଦର ବ୍ଲକ ଅନ୍ତର୍ଗତ କୁରାଡିହା ଓ କସିପଦା ପଞ୍ଚାୟତ ର ୬ ଶହ ରୁ ଉର୍ଦ୍ଧ୍ୱ ଜଳବନ୍ଦୀ ପରିବାର କୁ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି କ୍ଷ ଚାରିଦିନ ରୁ ଅଧିକ ଜଳବନ୍ଦୀ ରେ ଥିବା ଦୁଇହଜାର ରୁ ଅଧିକ ଲୋକଙ୍କୁ ପଞ୍ଚାୟତ ଓ ବ୍ୟାଙ୍କ ତରଫରୁ ସହାୟତା ଦିଆଯାଇଛି କ୍ଷ କସିପଦା ପଂଚାୟତର ନରଣଡିହ ଗ୍ରାମଟି ବିଲ ଭିତରେ ଅବସ୍ଥିତ ଥିବାବେଳେ ଏଠାରେ ୬୦ରୁ ଅଧିକ ଲୋକ ବସବାସ କରନ୍ତି । ବନ୍ୟା ଆସିଲେ ଏହି ଗ୍ରାମଟି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଏ । ଜଳକା ନଦୀରେ ବନ୍ୟା ପାଇଁ ଆଜକୁ ୪/୫ ଦିନ ଧରି ଏହି ଗ୍ରାମର



ଲୋକମାନେ ପାଣି ଘେରରେ ଅଛନ୍ତି । କସିପଦା ସରପଞ୍ଚ ନିଜର ସମର୍ଥକଙ୍କ ସହିତ ଏଠାରେ ପହଞ୍ଚି ବନ୍ୟା ବିପନ୍ନ ଙ୍କୁ ଚୁଡ଼ା, ଗୁଡ, ବିସ୍କୁଟ , ମୁଢ଼ି ଭଳି ଶୁଖିଲା ଖାଦ୍ୟ ଦେଇଥିଲେ । ସେହିପରି ବନ୍ୟା ପାଇଁ ଦୀର୍ଘଦିନ ଧରି ଜଳବନ୍ଦୀ ହୋଇ ରହିଥିବା ଜଳକା ନଦୀ କୂଳରେ ଅବସ୍ଥିତ କୁରାଡିହା ପଂଚାୟତ ର ସାନଧନାଡୀ ଓ କୋଇଲିସାହି ଗ୍ରାମର ଦୁଇ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନୀୟ ଏଚଡ଼ିଏଫସି ବ୍ୟାଙ୍କ ତରଫରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା ।

## ବନ୍ୟା ଦୁର୍ଗତ ଅଂଚଳରେ ଛାତ୍ରଛାତ୍ରୀଙ୍କ ପରୀକ୍ଷାଫିସ୍ ଛାଡ ଓ ମାଗଣା ପୁସ୍ତକ ବଣ୍ଟନ ଦାବି

ଜଳେଶ୍ୱର, ୨୩/୮(ନିପ୍ର) : ଲଘୁଚାପ ଜନିତ ପ୍ରବଳ ବର୍ଷା ଓ ବିଭିନ୍ନ ନଦୀରେ ପଳୟଙ୍କରି ବନ୍ୟା ଦେଖା ଦେଇଥିବାରୁ ଜନସାଧାରଣଙ୍କ ବ୍ୟାପକ କ୍ଷତି ଘଟିଛି । ମହାମାରୀ କରୋନର ପ୍ରକୋପ ପରେ ଏପରି ପ୍ରାକୃତି ବିପର୍ଯ୍ୟୟ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି । ଏହି ଦୁର୍ଗତ ଅଂଚଳର ଛାତ୍ରଛାତ୍ରୀଙ୍କୁ ମାଗଣାରେ ସମସ୍ତ ପୁସ୍ତକ ଯୋଗାଇବା ସହିତ ୯ମ ଶ୍ରେଣୀର ପଂଜିକରଣ ଫି ଏବଂ ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ଧାର୍ଯ୍ୟ ପରୀକ୍ଷା ଫି ଛାଡ କରିବାକୁ ଓଷ୍ଟାର ପ୍ରାକ୍ତନ ଯୁଗ୍ମ ସାଧାରଣ ସଂପାଦକ ଅକ୍ଷୟ କୁମାର ମିଶ୍ର ଦାବି କରିଛନ୍ତି । ଶିକ୍ଷା ବିଭାଗ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ହସ୍ତକ୍ଷେପ ନ କଲେ ବହୁ ଛାତ୍ରଛାତ୍ରୀ ଶିକ୍ଷାଲାଭ ଓ ପରୀକ୍ଷା ଦେବାରୁ ବଂଚିତ ହେବେ ବୋଲି ଶ୍ରୀ ମିଶ୍ର ଆଶଙ୍କା ପ୍ରକାଶ କରିଛନ୍ତି ।

## ବନ୍ୟା ଅଂଚଳ ପରିଦର୍ଶନ କଲେ ପିସିସି ସଭାପତି ଶରତ ପଟ୍ଟନାୟକ

ବାଲିଆପାଳ, ୨୩/୦୮ (ନି.ପ୍ର): ପିସିସି ସଭାପତି ଶରତ ପଟ୍ଟନାୟକ ଆଜି ସୁବର୍ଣ୍ଣରେଖା ବନ୍ୟାରେ ସର୍ବାଧିକ ପ୍ରଭାବିତ ବାଲିଆପାଳ ବ୍ଲକ ଗସ୍ତ କରିଛନ୍ତି । ଶ୍ରୀ ପଟ୍ଟନାୟକ ବାଲିଆପାଳ ବ୍ଲକର ଅସ୍ତି , ଜାମକୁଣ୍ଡା , ବିଷ୍ଣୁପୁର, ଦେଭୋଗ, ଘଣ୍ଟୁଆ, ନିଖିରା ପଞ୍ଚାୟତ ଗ୍ରସ୍ତ କରି ବନ୍ୟାରେ ପ୍ରଭାବିତ ହୋଇଥିବା ଲୋକଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ପ୍ରତିବର୍ଷ ଲୋକମାନେ ସୁବର୍ଣ୍ଣରେଖା ବନ୍ୟା ଯନ୍ତ୍ରଣା ଭୋଗୁଛନ୍ତି । ସୁବର୍ଣ୍ଣରେଖା ସଂସ୍କାର ଯୋଜନା ସରକାରଙ୍କର ନାଲି ଫିତା ତଳେ ଚାପି ହୋଇ ରହିଯାଇଛି । ସରକାର ବନ୍ୟା ମୁକାବିଲା କ୍ଷେତ୍ରରେ ସଂପୂର୍ଣ୍ଣ ବିଫଳ



ହୋଇଛନ୍ତି । ବାଲିଆପାଳ ବ୍ଲକରେ ୫୦ ହଜାରରୁ ଉଦ୍ଧ୍ୱର୍ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ପ୍ରଶାସନ ପକ୍ଷରୁ ୧୦/୧୫ଟି ପାୱାରବୋଟ କିଲେ ୨ କିଲେ ଚୁଡା ଦେଇ ବନ୍ୟା ପ୍ରତିକାରର ଡିଣ୍ଡିବ ପିଟୁଛନ୍ତି । ରାଜ୍ୟସରକାରଙ୍କ ଖାମଖିଆଲ ନୀତି ଯୋଗୁଁ ବନ୍ୟାରେ ନଦୀ ବନ୍ଧ ଭାଙ୍ଗିଛି । ବନ୍ୟା ସମୟରେ ନଦୀ ବନ୍ଧ ମରାମତି ସାଙ୍ଗକୁ ରିଲିଫ ନାମରେ କେବଳ ଦଳୀୟ ନାମରେ ବାହବା ନେବା ସାର ହୋଇଛି । ଆଗାମୀ ଦିନରେ ସୁବର୍ଣ୍ଣରେଖା ବନ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରତି ବ୍ଲକ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଏହି ଗସ୍ତ ସମୟରେ କଂଗ୍ରେସ ନେତା ବିଜନ ନାୟକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା ନାୟକ, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ଜିଲାସଭାପତି ସଞ୍ଜିବ ଗିରି, ବରିଷ୍ଠ କଂଗ୍ରେସ ନେତା ମୁରଲୀମୋହନ ସାହୁ, ରବିନାରାୟଣ ମହାନ୍ତି, ଦେବ କୁମାର ଦେ ପ୍ରମୁଖ ଉପସ୍ଥିତ ଥିଲେ ।

# ବନ୍ୟାର ତୃତୀୟ ଦିନରେ ୨୬ଶହ ହେକ୍ଟର ଚାଷ ଜମିରେ ପାଣିର ସୁଅ

ଜଳେଶ୍ୱର, ୨୩/୮(ନିପ୍ର) : ସୁବର୍ଣ୍ଣରେଖା ବନ୍ୟାର ଆଜି ୩ୟ ଦିନରେ ଜଳେଶ୍‌ବର ବ୍ଲକର ୨୬ଶହ ହେକ୍ଟର ଜମି ଉପରେ ପାଣିର ସୁଅ ଛୁଟୁଥିବା ବେଳେ ୫ ପଂଚାୟତର ୧୬ ଗାଁର ଦୁର୍ଦ୍ଦଶା ଅବର୍ଣ୍ଣନୀୟ । ଗାଁ ଦାଣ୍ଡରେ ପାଣିର ସୁଅ ଥିବା ବେଳେ ୪୦ ହଜାର ଗୃହପାଳିତ ପଶୁ ଅଭୁକ୍ତ ଅବସ୍ଥାରେ ରହିଛନ୍ତି । ବନ୍ୟାଂଚଳର ଥିବା ୮୩୫ ନଳକୂପ ମଧ୍ୟରୁ ୩୩ଟି ପାଣିରେ ବୁଡିଥିବା ବେଳେ କେତେକସ୍ଥାନରେ ପିଇବାପାଣି ସମସ୍ୟା ଦେଖା ଦେଇଥିବାରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ପାଉଚପାଣି ବଣ୍ଟାଯାଉଛି । ଜଳେଶ୍ୱର ବ୍ଲକର ୨୮ ପଂଚାୟତର ୧୪୯ ଗାଁ ୨ଦିନ ଧରି ବୁଡି ରହିବାପରେ ସୁବର୍ଣ୍ଣରେଖା ନଦୀର ଜଳ ସ୍ତର ହ୍ରାସପାଇବାରୁ ଆଜି ୭ ପଂଚାୟତର ୪୦ ଗାଁରେ ପାଣି ରହିଛି । କିନ୍ତୁ ୫ ପଂଚାୟତର ୧୬ ଗାଁ ପରିସ୍ଥିତି ଜଟିଳ ରହିଛି । ବାଇଗଣବାଡିଆ, ପଶ୍ଚିମବାଡ, ଝାଡପିମ୍ପଳ, ଗଡସାହିବାଲିଆପାଳ ଓ ପାଇକସିଦା ଗାଁକୁ ଯିବାଲାଗି



ଡଙ୍ଗା ବ୍ୟବହାର ହୋଇଛି । କାମଧନ୍ଦା ଅଭାବରୁ ଲୋକେ ହନ୍ତସନ୍ତ ହେଉଥିବା ବେଳେ ରୋଷେଇ କରିବା ସମସ୍ୟା ହୋଇଛି । ବ୍ଲକ ଅଂଚଳରେ ଥିବା ୭୫ହଜାର ଗୃହପାଳିତ ପଶୁ ମଧ୍ୟରୁ ୪୦ହଜାର ଗୃହପାଳିତ ପଶୁ ଖାଡା ଉପବାସରେ ରହିଛନ୍ତି । ବନ୍ଧଯାଇଥିବା ସ୍ଥାନରୁ ଅନ୍ୟତ୍ର ଯାଇପାରୁନଥିବାରୁ ନଡାଗାଦି ପାଣିରେ ବୁଡି ଯାଇଥିବାରୁ ଖାଦ୍ୟ ସମସ୍ୟା ଜଟିଳ ହୋଇଛି । ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କ ପରାମର୍ଶ କ୍ରମେ ଆଜି ଜିଲାପାଳ ୨୫୦ କ୍ୟୁଣ୍ଟାଲ ଦାନା ଜଳେଶ୍ୱର ବ୍ଲକୁ ଯୋଗାଇଛନ୍ତି । ୬ଟି ପଂଚାୟତ ବାଇଗଣ ବାଡିଆ, ପଶ୍ଚିମବାର୍ଡ, ଝାଡପିମ୍ପଳ, ଗଡସାହିବାଲିଆପାଳ, ରାୟାଁରାମଚନ୍ଦ୍ରପୁର ଓ ପାଇକସିଦା ପଂଚାୟତରେ ଏଡିଭିଓ ଡ. ରଂଜନ ଦାସ ଓ ଭିଏଏସ୍ ସୁନିଲ କୁମାର ଭୁୟାଁ ଏହି ଦାନା ବଣ୍ଟନ କରିଛନ୍ତି । ପାଣି ବୁଡି ଯାଇଥିବା ଗାଁ ଗୁଡିକରେ ୮୩୫ ନଳକୂପ ଓ ୩୨ଟି ପିଇବା ପାଣି ପ୍ରକଳ୍ପ ଥିବା ବେଳେ ସେଥିରୁ ୩୩ଟି ନଳକୂପ କ୍ଷତିଗ୍ରସ୍ତ ହୋଇଛି । ବନ୍ୟା ଅଂଚଳରେ ଥିବା ବିଭିନ୍ନ ପୋଖରୀ ବୁଡିଯିବାର ଫଳରେ ମାଛ ଚାଷୀଙ୍କ କ୍ଷତି ଘଟିଛି । ବିଭିନ୍ନ ସରକାରୀ ଯୋଜନା ଓ ବ୍ୟାଙ୍କରୁ ଋଣ ନେଇ ମାଛଚାଷ ହୋଇଥିବା ବେଳେ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି । ଗ୍ରାମାଂଚଳ ରାସ୍ତା ଏବେବି ପାଣିରେ ବୁଡି ରହିଥିବା ବେଳେ ପୂର୍ତ୍ତ ବିଭାଗର ୨ ରାସ୍ତା ଓ ଗ୍ରାମ ଉନ୍ନୟନ ବିଭାଗର ୩୬ଟି ରାସ୍ତାର ବ୍ୟାପକ କ୍ଷତି ଘଟିଛି । ଏବେବି ଶ୍ରୀରାମପୁର, ଶିଖରପୁର, ଚମାର ଗାଁ, ନେତୁଆ, ସମ୍ପଡିଆ, ଖାଲିନା, ବାଇଗଣବାଡିଆ, ଖୁଲୁଡା, ଝାଡପିମ୍ପଳ, ନଛିମପୁର, ବର୍ତ୍ତନା, ପାଇକସିଦା, ରାୟାଁରାମଚନ୍ଦ୍ରପୁର ପଂଚାୟତର ୨୬୦୦ ହେକ୍ଟର ଜମି ପାଣି ଘେରରେ ରହିଥିବା ବେଳେ ୫ଶହ ପରିବାଚାଷୀଙ୍କ ସର୍ବସ୍ୱ ଉଜୁଡି ଯାଇଛି । ଗ୍ରାମାଂଚଳରେ କେତେକ ଘରଦ୍ୱାର ଭାଂଗିଥିବା ବେଳେ ରାଜସ୍ୱ ବିଭାଗ ଓ ବ୍ଲକ ଅଧିକାରୀ ମିଳିତ ଉଦ୍ୟମରେ ୬ଟି ଟିମ୍ ବିଭିନ୍ନ ସ୍ଥାନବୁଲି କ୍ଷୟକ୍ଷତି ଆକଳନ କରୁଥିବା ତହସିଲଦାର ସ୍ମୃତିରଂଜନ ମଲ୍ଲିକ ଓ ବିଡିଓ ପୁନମ୍ ରାଉତ ସୂଚନା ଦେଇଛନ୍ତି । ୫୦ଟି କଚାଗୃହ ଭାଗିଥିବା ପ୍ରାଥମିକ ରିପୋର୍ଟରୁ ଜଣାଯାଇଛି । ଆଜି ସଂଧ୍ୟାରେ ସୁବର୍ଣ୍ଣରେଖାର ଜଳ ପତ୍ତନ ୯.୫୦ ଥିବା ବେଳେ ସେଠାରେ ବିପଦ ସଂକେତ ୧୦.୩୬ ମିଟର ରହିଛି । ଆଜି ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ପାଇକସିଦା, କେଶପୁରା, ବାଲିକବାଡ. ଚିତ୍‌ମିଶ୍ରା, ଖଳାବାଡିଆ ଓ ଉତ୍ତରପଡା ବନ୍ୟାଞ୍ଚଳ ବୁଲି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ତାଙ୍କ ସହିତ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଉପାଧ୍ୟକ୍ଷା ସଂଜିତା ସେନାପତି, ସରପଂଚ ସରସ୍ୱତୀ ସେଠୀ, ସମିତି ସଦସ୍ୟା ନମିତା ଜେନା, ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ଜିଲାପରିଷଦ ସଦସ୍ୟା ମିନତୀ ଜେନା, ମଧୁସୂଦନ ସେନାପତି, ବନବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।


GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, BALASORE

**e-procurement Notice for Road works**

Bid Identyfication No Online tender /04/RWD-II BLS/ 2022-23

1. Name of the work :- Road work
2. Total no. of works :- 2 Nos.
3. Estimated cost :- As specified in column 3 of Annexure
4. Class of contrator :- "A", "B" and "C" Class of Contractors
5. Time of completion :- As specified in column 5 of Annexure
6. Other Details :- :- **As per DTCN**

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/o Executive Engineer, R.W Division-II, Balasore Single/Double Cover | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Balasore | E TCN-04 of 2022-23 | 24.08.2022 at 5.00 P.M. | 30.08.2022 up to 5.00 PM | 29.08.2022 up to 4.00 PM | 02.09.2022 at 11.00 AM | 03.09.2022 at 11.00 AM |

Further details can be seen from the web site www.tendersorissa-gov.in

OIPR : 25052/11/0008/2223

**Executive Engineer**
**R.W.Division-II, Balasore**

## ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀସଂଘର ବ୍ଲକସ୍ତରୀୟ ସମ୍ମିଳନୀ

ବାଲେଶ୍ୱର,୨୩/୦୮ (ନି.ପ୍ର): ଏଆଇଟିୟୁସି ସଂଯୁକ୍ତ ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘର ସଦର ବ୍ଲକସ୍ତରୀୟ ସମ୍ମିଳନୀ ଷ୍ଟେସନ ଛକ ସ୍ଥିତ ଗୋଲଡେନ ଜୁଲି ସପିଙ୍ଗ କମ୍ପ୍ଲେକସ୍ ସଭାକକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନୀଳିମା ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଜିଲା ସଭାପତି ପ୍ରତିଭା ପାଲ ରିପୋର୍ଟ ଉପସ୍ଥାପନ କରି ଅଙ୍ଗନବାଡ଼ି କର୍ମୀ, ମିନି ସେଣ୍ଟର କର୍ମୀ ଓ ସହାୟିକାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଜିଏସଟି ଲାଗୁ କରି ଆକାଶ ଛୁଆଁ ଦରବୃଦ୍ଧି କରିଚାଲିବା ବେଳେ ଏସଏନପି ସାମଗ୍ରୀର ବର୍ଦ୍ଧିତ ମୂଲ୍ୟ ଭିତ୍ତିକ ଅର୍ଥ ମଞ୍ଜୁର କରାନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେ ଆରୋପ ଉଠାଇଥିଲେ। ଅର୍ଥର ଅଭାବ ପୂରଣ ସହ ଏସଏନପି କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ଅଙ୍ଗନବାଡି କର୍ମୀ ନିଜ ଭତ୍ତାର ପ୍ରମୁଖ ଅଂଶ ଖର୍ଚ୍ଚ କରବା କେଉଁ ନ୍ୟାୟରେ ବୋଲି ଏହି ବୈଠକରେ ଉପସ୍ଥିତ କର୍ମୀମାନେ ପ୍ରଶ୍ନ କରିଛନ୍ତି। ଏହି ସମ୍ମିଳନୀରେ ଜିଲା ସମ୍ପାଦକ ଲକ୍ଷ୍ମୀପ୍ରିୟା ଦାସ ଯୋଗଦେଇ ଆସନ୍ତା ସେପ୍ଟେମ୍ବର ୪ ତାରିଖରେ ବାଲେଶ୍ୱରରେ ହେବାକୁ ଥିବା ରାଜ୍ୟ ସଂଘର ରେପ୍ୟ ଜୟନ୍ତୀ ସମ୍ମିଳନୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହାକୁ ସଫଳ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ସଦର ଗ୍ରାମାଞ୍ଚଳ ପ୍ରକଳ୍ପର ନୀଳିମା ଜେନା ସଭାପତି, ବାସନ୍ତୀ ଦାସ, ସୁନୀତିବାଳା ପାତ୍ର ଓ ନାରାୟଣୀ ବେହେରା ଉପ-ସଭାପତି, ପ୍ରତିଭା ପାଲ ସମ୍ପାଦକ, ନମିତା ଶତପଥୀ ସହ ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ନିୟତୀ ସାହୁ ନିର୍ବାଚିତ ହୋଇଛନ୍ତି। ଏହା ପରେ ଜିଲା ସଭାପତି ଓ ସମ୍ପାଦିକାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ସାକ୍ଷାତ କରି ଏସଏନପି ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ଆଲୋଚନା କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଏହା ୫ ଦିନ ମଧ୍ୟରେ ଏହି ବକେୟା ଅର୍ଥ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ବନ୍ୟା ନିୟନ୍ତ୍ରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିବେ ଶ୍ରୀମତୀ ଜେନା

### ବିଜୁ ଜନତା ଦଳର ସଭାପତି ରବୀନ୍ଦ୍ର କୁମାର ଜେନାଙ୍କ ବିଭିନ୍ନ ପଞ୍ଚାୟତକୁ ରିଲିଫ ଯୋଗାଣ

ବାଲେଶ୍ୱର, ୨୩/୦୮ (ନି.ପ୍ର): ଲଗାଣ ବର୍ଷା ସାଙ୍ଗକୁ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାରେ ବନ୍ୟା ପରିସ୍ଥିତି ଗୁରୁତର ହୋଇପଡ଼ିଛି। ଜିଲ୍ଲାର ପ୍ରମୁଖ ନଦୀମାନଙ୍କରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ଏବେ ପାଣି କିଛି ପରିମାଣରେ କମିଥିଲେ ବି ଲୋକଙ୍କ ଦୁର୍ଦ୍ଦଶା କମିନାହିଁ। ଉତ୍ତର ଓଡ଼ିଶାରେ ବନ୍ୟା ପରିସ୍ଥିତିକୁ ଦେଖି ମୁଖ୍ୟମନ୍ତ୍ରୀ ବାଲେଶ୍ୱରକୁ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଫଳରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଦୁଇଦିନ ହେଲା ବାଲେଶ୍ୱରରେ ରହି ବନ୍ୟା ପ୍ରଭାବିତ ବ୍ଲକ ଗୁଡ଼ିକୁ ଗକସ୍ତ କରି ଜନସାଧାରଣଙ୍କ ମୌଳିକ ସୁବିଧା ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରାଞ୍ଚଳ ଆରଡିସି ମଧ୍ୟ ଉପସ୍ଥିତ ରହି ବନ୍ୟା ଅଞ୍ଚଳ ଗସ୍ତ କରି ସରକାରୀ ସ୍ତରରେ ପୀଡ଼ିତଙ୍କୁ ସରକାରୀ ସହାୟତାର ତଦାରଖ କରୁଛନ୍ତି। ବିଜୁ ଜନତା ଦଳର ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମଧ୍ୟ ବାଲେଶ୍ୱରକୁ ଆସି ଦଳୀୟ ଭିତ୍ତିରେ



ରିଲିଫ ବଂଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ସାଂସଦ ତଥା ଜିଲ୍ଲା ବିଜୁ ଜନତା ଦଳର ସଭାପତି ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ବ୍ଲକର ବନ୍ୟା ପ୍ରଭାବିତ ପଞ୍ଚାୟତକୁ ରିଲିଫ ଯୋଗାଣ ଜାରି ରହିଛି। ଜିଲ୍ଲା ବିଜେଡ଼ି ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରତାପ ଦେବଙ୍କ ସହ ଶ୍ରୀ ଜେନା ମଧ୍ୟ ବିଭିନ୍ନ ବ୍ଲକ ଗସ୍ତ କରି ପ୍ରଶାସନିକ ଅଧିକାରୀମାନଙ୍କ ସହ ବନ୍ୟା ପୀଡ଼ିତମାନଙ୍କୁ କିପରି ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଇପାରିବ ସେ ବିଷୟରେ ଆଲୋଚନା କରିଛନ୍ତି। ଚଳିତ ବନ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ବାଲିଆପାଳ ବ୍ଲକର ବିଭିନ୍ନ ଗ୍ରାମ ଜଳାର୍ଣ୍ଣବ ହେବା ସହ ଲୋକଙ୍କୁ ବାସଚ୍ୟୁତ କରିଛି। ଏତଦ୍ ବ୍ୟତୀତ ଗୃହ ପାଳିତ ପଶୁ ମଧ୍ୟ ଏହି ଦୁର୍ଦ୍ଦଶାରୁ ବାଦ୍ ପଡ଼ିନାହାଁନ୍ତି। ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ସେ ଲୋକଙ୍କ ନିକଟରେ ପହଞ୍ଚିବା ସହିତ ସେମାନଙ୍କୁ ଉପଯୁକ୍ତ ସହାୟତା ସଠିକ୍ ଭାବେ ପ୍ରଦାନ କରାଯାଉଛି କି ନାହିଁ ନିଜେ ତଦାରଖ କରୁଛନ୍ତି। ବିଶେଷକରି ବାଲିଆପାଳ ବ୍ଲକର ଅସ୍ତି, ଜାମକୁଣ୍ଡା, ନିଖିରା, ବିଷ୍ଣୁପୁର, ବାଲିଆପାଳ ଓ ମଧୁପୁରା ପଞ୍ଚାୟତକୁ ଗସ୍ତ କରିବା ସହିତ ପ୍ରଶାସନିକ ଅଧିକାରୀଙ୍କ ସହ ବୈଠକ କରିବା ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସହ ଆଲୋଚନା କରି ଲୋକମାନଙ୍କୁ କେମିତି ରନ୍ଧା ଖାଦ୍ୟ ପ୍ରଦାନ କରାଯିବା ସହ ଅନ୍ୟାନ୍ୟ ମୌଳିକ ସୁବିଧା କେମିତ ଯୋଗାଇ ଦିଆଯାଇପାରିବ ସେ ବିଷୟରେ ଗୁରୁତ୍ୱ ଦେବା ସହ ବନ୍ୟା ପ୍ରପୀଡ଼ିତଙ୍କୁ ଶୁଖିଲା ଖାଦ୍ୟ ବଂଟନ କରୁଛନ୍ତି। ତେବେ ଆଗାମୀ ଦିନରେ ଉତ୍ତର ଓଡ଼ିଶାରେ କିପରି ସ୍ଥାୟୀ ବନ୍ୟା ନିୟନ୍ତ୍ରଣ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିବେ ଶ୍ରୀମତୀ ଜେନା।

## ଆମ୍ ଆଦିମୀ ପାର୍ଟିର ଜଳେଶ୍ୱରରେ ପ୍ରଥମ ବୈଠକ

ଜଳେଶ୍ୱର, ୨୩/୮(ନିପ୍ର) : ଆଜି ଜଳେଶ୍ୱର ଇନ୍ ହୋଟେଲ ପରିସରରେ ଆମ୍ ଆଦିମୀ ପାଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲା ସଭାପତି କୁମାର ସ୍ୱର୍ଣ୍ଣ ଭାରତ ମଲ୍ଲିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ନଛିପୁର ପଂଚାୟତ ସଭାପତି ଅରୁଣ ଜେନା ଓ ୭ନଂ ଜୋନ୍ ସାଧାରଣ ସଂପାଦକ ଅଚ୍ୟୁତ ମହାନ୍ତି ବିଧିବଦ୍ଧଭାବେ ଆମ୍ ଆଦିମୀ ପାର୍ଟିରେ ଯୋଗ ଦେଇଥିବା ବେଳେ ଜିଲା କମିଟି ସଭ୍ୟ ଖଗେନ୍ଦ୍ର ନାୟକ ଉପସ୍ଥିତ ଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, ପାଣି, ବିଜୁଳି ଓ ରୋଜଗାରକୁ ମୁଦ୍ଦା କରି ଆସନ୍ତା ନିର୍ବାଚନରେ ଦଳ ସମଗ୍ର ରାଜ୍ୟରେ ବିଧାୟକ ପ୍ରାର୍ଥି ଛିଡା କରାଯିବ ବୋଲି ସେ ସୂଚନା ଦେଇଥିଲେ ।

## ଲଗାଣ ବର୍ଷାରେ ଭାଙ୍ଗିଲା ୨ କଚା ଘର

ନୀଳଗିରି, ୨୩/୦୮ (ନି.ପ୍ର): ଲଗାତାର ଲଘୁଚାପ ବର୍ଷାରେ ନୀଳଗିରି ବ୍ଲକର ଅଯୋଧା ଗ୍ରା.ପ.ର ଅଯୋଧା ଗ୍ରାମର ପ୍ରମୋଦ କୁମାର ପରିଡ଼ା ଓ ମୁଖିସାହି ଗ୍ରାମର ବିଧବା ମହିଳା କଟି ଜେନାଙ୍କ କଚ୍ଚ ଘରର କାନ୍ଥ ଭାଙ୍ଗି ଯାଇଥିବାର ଦେଖିବାକୁ ମିଳିଛି । ବର୍ଷାପାଣିରେ ଘର ଭିତରକୁ ପଶି ଯାଇଥିବା ବେଳେ ଖାଇବା ଶୋଇବା ସେମାନଙ୍କ ପାଇଁ ସାତ ସପନ ପାଲଟିଥିଲା । ଅତ୍ୟନ୍ତ ଗରିବ ଖଟିଖିଆ ହୋଇଥିବାରୁ ୨ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

## ସାସଙ୍ଗ ହାଇସ୍କୁଲରେ ନିଶାନ୍ତ କାର୍ଯ୍ୟକ୍ରମ

ବାଲେଶ୍ୱର, ୨୩/୦୮ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ ଜ୍ଞାନଶ୍ରୀ ଆନୁକୂଲ୍ୟରେ ନିଶା ନିବାରଣ କାର୍ଯ୍ୟକ୍ରମନିଶାନ୍ତ'ନାରାୟଣ ପ୍ରସାଦ ହାଇସ୍କୁଲ, ଶାସଙ୍ଗ ସମ୍ମଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ: ହରପ୍ରସାଦ ପାଲ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପିଲାମାନଂକୁନିଶା ସେବନର ଦୁଷ୍ପରିଣାମ ବାବଦରେ ଅଗଗତ କରାଇବା ସହିତ ସଂଗଠନ ଦ୍ୱାରା ଦୀର୍ଘବର୍ଷ ହବ ଚାଲିଆସୁଥିବା ନିଶାନ୍ତ କାର୍ଯ୍ୟକ୍ରମର ପ୍ରଶଂସା କରିଥଲେ । ଜ୍ଞାନଶ୍ରୀର ସଂପାଦକ ପ୍ରଶାନ୍ତ କୁମାର ପଟେଲଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବିଦ୍ୟାଳୟର ଶିକ୍ଷକ ବିରକିଶୋର ନାୟକ,




କାର୍ଯ୍ୟକ୍ରମ ସଂଯୋଜକ ବିକାଶ ଦାସ ,ସଦସ୍ୟ ଶ୍ରୀତମ ସିଂହ ପ୍ରମୁଖ ଉପସ୍ଥିତ ରହି ଯୁବ ସମାଜ ଉପରେ ପଡୁଥିବା ନିଶାର ଭୟଙ୍କର ପ୍ରଭାବ ବାବଦରେ ସଚେତନତା ସୃଷ୍ଟି କରିଥିଲେ । ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧରେ ନିଶା ଦେଶର ପ୍ରଗତିରେ ଅନ୍ତରାୟ ଶୀର୍ଷକ ବକ୍ତୃତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର, ପୁରସ୍କାର ଏବଂ ବୃକ୍ଷ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥଲା ।କାର୍ଯ୍ୟକ୍ରମରେ ଭବିଷ୍ୟତରେ ନିଶା ସେବନ ନକରିବା ସହିତ ନିଶା ବିରୁଦ୍ଧରେ ସଚେତନତା ସୃଷ୍ଟି କରିବାରେ ସହାୟକ ହେବାକୁ ସପଥ ପାଠ କରାଯାଇଥିଲା । ସଂଯୋଜକ ବିକାଶ ଦାସଙ୍କ ଧନ୍ୟବାଦ ପ୍ରଦାନ ପରେ ବିଦ୍ୟାଳୟ ପରିସରରେ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା ।

## ବନ୍ୟା ଦୁର୍ଗତଙ୍କ ପାଇଁ ପ୍ରତିଭା ବିକାଶ ଟ୍ରଷ୍ଟର ସହାୟତା

ବାଲେଶ୍ୱର,୨୩/୦୮ (ନି.ପ୍ର): ଉତ୍ତର ବାଲେଶ୍ୱରର ୪ ବ୍ଲକରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲାର ଅନ୍ୟତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତିଭା ବିକାଶ ଟ୍ରଷ୍ଟ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛି। ଟ୍ରଷ୍ଟର ସଭାପତି ଆଇନଜୀବୀ ହରେକୃଷ୍ଣ ଦାଶଙ୍କ ନେତୃତତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତ ସହ ୨୦ ହଜାର ଟଙ୍କାର ଚେକ ଜିଲା ରେଡ଼କ୍ରସ ସୋସାଇଟିକୁ ପ୍ରଦାନ କରିଛନ୍ତି। ବନ୍ୟା ଦୁର୍ଗତଙ୍କ ସାହାଯ୍ୟ ପାଇଁ ଟ୍ରଷ୍ଟର ଉଚ୍ଚ ବିଚାର ତଥା ସହାନୁଭୂତି ଭିତ୍ତିକ ନିଷ୍ପତ୍ତିକୁ ନେଇ ଜିଲାପାଳ ସନ୍ତୋଷ ପ୍ରକାଶ ସହ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଛନ୍ତି।

## ବାଲେଶ୍ୱର ସାଂସଦଙ୍କ ବାଲିଆପାଳ ବନ୍ୟା ଅଞ୍ଚଳ ପରିଦର୍ଶନ

ବାଲିଆପାଳ, ୨୩/୦୮ (ନି.ପ୍ର): ଆଜି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବାଲିଆପାଳ ବ୍ଲକର କୁଦମାନସିଂହ, ତଳବାଲିଆପାଳ, ସୁଙ୍ଗମୁହଁ, ଆଠବାଟିଆ ଗ୍ରାମକୁ ଯାଇସ୍ଥିତି ଅନୁଧାନ କରି ବିପନ୍ନ ଲୋକଙ୍କୁ ତୁରନ୍ତ ରିଲିଫ ବଣ୍ଟନ ପାଇଁ ବ୍ଲକ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କ ସହିତ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ,ପୂର୍ବତନ ବିଧାୟକ ଗୋବିନ୍ଦ ପ୍ରସାଦ ଦାସ, ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ଶୁଭନା ମହାନ୍ତି, ଶୁଭଙ୍କର ମହାପାତ୍ର, ଜିଲ୍ଲା ସଭାପତି



ଉମାକାନ୍ତ ମହାପାତ୍ର,ସତ୍ୟଜିତ ମିଶ୍ର, କମଲୋଚନ ଦାସ, ରାଜେଶ ମହାପାତ୍ର, ପ୍ରଦୀପ ପଣ୍ଡା, ଅଜୟ କୁମାର ସାହୁ, ଅରବିନ୍ଦ ବେହେରା, ମହେଶ୍ୱର ଜେନା, ବିକାଶ ଗିରି, କ୍ଷୀତିଶ କୁମାର ଜେନା ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ ।

## ଡିଆରଡିଓକୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩/୦୮ (ନି.ପ୍ର): ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟି (ଆଇଟିଆର)ରୁ ଭୂପୃଷ୍ଠରୁ ଆକାଶମାର୍ଗକୁ ଭୂଲକ୍ଷ୍ୟ ମାରକ କ୍ଷମତା ବିଶିଷ୍ଟ ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର (ଭିଏଲ-ଏସଆରଏସଏଏମ)ର ସଫଳ ପରୀକ୍ଷଣ କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ)କୁ ଶୁଭେଚ୍ଛା ଜଣାଇଛନ୍ତି।

## ଲାଇସେନ୍ସ ପ୍ରାପ୍ତ ମଦ ଦୋକାନରୁ ଚୋରି : ଜଣେ ଗିରଫ, ଲକ୍ଷେଟଙ୍କା ଜବଦ

ବାରିପଦା, ୨୩/୦୮ (ନି.ପ୍ର): ରବିବାର ରାତ୍ର ପ୍ରାୟ ୨ ଘଟିକା ସମୟରେ ବାରିପଦା ନଂ ୩ ଲାଇସେନ୍ସ ପ୍ରାପ୍ତ ଦୋକାନର ଗ୍ରୀଲ ଗେଟ ଏବଂ କବାଟ ଭାଙ୍ଗି ଦୋକାନ ଭିତରେ ଥିବା ବହୁ ନାମିଦାମୀ କମ୍ପାନୀର ପାଖାପାଖି ୪ଲକ୍ଷ ୬୦ ହଜାର ଟଙ୍କା ମୂଲ୍ୟର ମଦ କେସ କାଉଁଟର ରେ ଥିବା ନଗଦ ୧ଲକ୍ଷ ୭ ହଜାର ୬ଶହ ୩୦ଟଙ୍କା ଚୋରି ହୋଇଥିବା ନେଇ ମଦ ଦୋକାନର ମେନେଜର



ସଂଜୀବ କୁମାର ମହାନ୍ତି ବାରିପଦା ଟାଉନ ଥାନାରେ ଏତେଲା ଦେଇଥିଲେ ତେବେ ପୋଲିସ ସିସିଟିଭି ଫୁଟେଜ ଇତ୍ୟାଦିରୁ ଅନୁସଂନ୍ଧାନ କରି ବାରିପଦା ଷ୍ଟେସନ ବଜାର ନିକଟରୁ ତିହିଡି ଅଂଚଳର ଚନ୍ଦ୍ରକାନ୍ତ ନାଏକ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ତା ନିକଟରୁ ନଗଦ ଏକଲକ୍ଷ ଟଙ୍କା ମଧ ସିଜ କରାଯାଇଥିବା ଜଣା ଯାଇଛି । ତେବେ ଚନ୍ଦ୍ର କାନ୍ତଙ୍କ ନାମରେ ଓଡିଶାର ବିଭିନ୍ନ ଥାନାରେ ପୂର୍ବରୁ ମାମଲା ରହିଥିବାର ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ରୋଗାଗ୍ରସ୍ତ ହିତାଧିକାରୀ ଭତ୍ତା ନ ପାଇବାରୁ ବିଡିଓଙ୍କ ଠାରେ ଆଣିଲେ ନିର୍ବାଚିତ ପ୍ରତିନିଧି

ନୀଳଗିରି, ୨୩/୦୮ (ନି.ପ୍ର): ରାଜ୍ୟ ସରକାର ଓଡ଼ିଶାବାସୀଙ୍କ ପାଇଁ ନାନାବିଧି ଯୋଜନା କରିଚାଲିଥିବା ବେଳେ ବୟସାଧିକ ବୁଢ଼ାବୁଢ଼ୀ ,ରୋଗାଗ୍ରସ୍ତ ହିତାଧିକାରୀମାନଙ୍କୁ ତାଙ୍କ ଘରେ ବାର୍ଦ୍ଧକ୍ୟ ଭତା ଦେବା ପାଇଁ ନିୟମଜାରୀ କରିଥିବା ବେଳେ ନୀଳଗିରି ବ୍ଲକର ଗରଡିହି ଗ୍ରା.ପ.ରେ ଅନେକ ରୋଗାଗ୍ରସ୍ତ ହିତାଧିକାରୀମାନେ ଭତା ପାଇବାରୁ ବଂଚିତ ହୋଇଥିବା ବେଳେ ମଙ୍ଗଳବାର ଦିନ ପଂଚାୟତର ସରପଂଚ ଶିବାଜୀ ସିଂ ସମେତ ନିର୍ବାଚିତ ୱାର୍ଡ ମେମ୍ବର ମାନେ ନୀଳଗିରି ବି.ଡି.ଓ. ଦାୟିତ୍ୱରେ ଥିବା ନୀଳଗିରି ତହସିଲଦାର ଅଶେଷ କୁମାର ନାୟକଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ଗରଡିହି ପଂଚାୟତରେ ଗତ ୧୫.୮.୨୨ରିଖରେ ମାଟିଆଳି ଗ୍ରା.ପ.ର ଜିଆରଏସ ଭତା ବଂଟନ କରିଥିବା ବେଳେ ଅନେକ ରୋଗାଗ୍ରସ୍ତ ହିତାଧିକାରୀ ଭାତା ପାଇ ନ ଥିବା ବେଳେ ତାପରଦିନ ଦେବି ବୋଲି କହି ଆଜକୁ ୭ଦିନ ହେଲା ଭତା ପାଇବାରୁ ବଂଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଖୁବ୍ ଶୀଘ୍ର ଭତା ପାଇବାର ବ୍ୟବସ୍ଥା କରାଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି।

## ପ୍ରଶାସନ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି

ବାଲେଶ୍ୱର,୨୩/୦୮ (ନି.ପ୍ର): ବାଲେଶ୍ୱର ସହରରେ ଆସନ୍ତା ଗଣେଶ ପୂଜା ଶାନ୍ତିଶୃଙ୍ଖଳାର ପାଳନ ନେଇ ପ୍ରଶାସନ ପକ୍ଷରୁ ଏକ ବୈଠକ ସ୍ଥାନୀୟ ସଦଭାବନା ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଦାତାତ୍ରୟ ଭାଉସାହେବ ଶିନ୍ଦେ ଏଥିରେ ଅଧ୍ୟକ୍ଷତା କରିବା ସହିତ ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ନିୟମ ପାଳନ ପୂର୍ବକ ପୂଜା ଆୟୋଜନ ପାଇଁ ଉପସ୍ଥିତ ବିଭିନ୍ନ ପୂଜାକମିଟି କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା, ପୁଲିସ ଓ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇ ଆସନ୍ତା ୨୫ରୁ ୨୭ ତାରିଖ ମଧ୍ୟରେ ହେଉଥିବା ଆଦ୍ୟପ୍ରଭୁ ଗଜାନନଙ୍କ ପୂଜା ଓ ପ୍ରଶାସନିକ ମାର୍ଗଦର୍ଶିକା ଉପରେ ଆଲୋଚନା କରିଥିଲେ। ବିଶେଷ କରି ସହରର ଚିଡ଼ିଆପୋଲଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସାଇଲେନ୍ସ ଜୋନରେ ସାଉଣ୍ଡ ଓ ମ୍ୟୁଜିକ ଆଦୌ ବ୍ୟବହାର ନ କରିବାକୁ କମିଟି କର୍ମକର୍ତ୍ତାଙ୍କୁ ଏହି ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଛାତ୍ରଛାତ୍ରୀଙ୍କ ହଷ୍ଟେଲ ଓ ଘରୋଇ ନର୍ସିଂହୋମ ନିକଟ ସ୍ଥାନରେ ବି ଏହି ନିୟମ ପାଳନ ପାଇଁ କୁହାଯାଇଛି। ପୂଜାର ତୃତୀୟ, ପଞ୍ଚମ ଓ ସପ୍ତମ ଦିବସ ଭସାଣି ପାଇଁ ଧାର୍ଯ୍ୟ କରାଯାଇଛି। ଭସାଣି ଶୋଭାଯାତ୍ରା ସର୍ବାଧିକ ରାତି ୧୦ ମଧ୍ୟରେ ଶେଷ ହେବ। ମଣ୍ଡପର ସର୍ବୋଚ୍ଚ ଉଚ୍ଚତା ୨୦ଫୁଟ ଓ ଠାକୁର ଉଚ୍ଚତା ୧୨ ମଧ୍ୟରେ ସୀମିତ ରଖିବା, ଭସାଣି ଶୋଭାଯାତ୍ରାରେ ଡିଜେ ସାଉଣ୍ଡ ବ୍ୟବହାର ନ କରିବାକୁ ଏହି ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ପ୍ରଶାସନର ମାର୍ଗଦର୍ଶିକା ପାଳନରେ ଖଲାପକାରୀ କମିଟିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ଚେତାବନୀ ଦିଆଯାଇଛି।

## ଦୁର୍ବଳ ହେଲା ଅବପାତ !

ଭୁବନେଶ୍ୱର,୨୩/୦୮ (ନି.ପ୍ର): ପୂର୍ବ ରାଜସ୍ଥାନ ପାର୍ଶ୍ୱବର୍ତୀ ଉତରପଶ୍ଚିମ ମଧ୍ୟପ୍ରଦେଶ ଅଂଚଳରେ କେନ୍ଦ୍ରୀଭୂତ ଅବପାତ, ଦୁର୍ବଳ ହୋଇ ଏକ ସ୍ୱଷ୍ଟ-ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି! ଏହି ଅବପାତ ଆଜି ପୂର୍ବ ରାଜସ୍ଥାନ ପାର୍ଶ୍ୱବର୍ତୀ ଉତରପଶ୍ଚିମ ମଧ୍ୟପ୍ରଦେଶ ଅଂଚଳରେ ସକ୍ରିୟ ଥିବା ବେଳେ, ଏହା ପଶ୍ଚିମ ଦିଗରେ ନିଜର ଗତି ପଥ ବଜାୟ ରଖିବା ସହ ଆଗାମୀ ୧୨ଘଂଟା ମଧରେ ଦୁର୍ବଳ ହୋଇ ଏକ ସ୍ୱଷ୍ଟ-ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଥିବା ନେଇ ପୂର୍ବାନୁମାନ କରିଥିଲା ଆଂଚଳିକ ପାଣିପାଗ ବିଭାଗ ।

## ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବନ୍ୟାପୀଡିତଙ୍କୁ ରିଲିଫ

ଜଳେଶ୍ୱର, ୨୩/୮(ନିପ୍ର) : ଜଳେଶ୍ୱର ବ୍ଲକର ସିପିଏମ୍ ପକ୍ଷରୁ ବନ୍ୟା ଦୁର୍ଗତ ଲୋକଙ୍କୁ ଆପଦକାଳୀନ ରିଲିଫ ପ୍ରଦାନ କରିଛନ୍ତି । ଆଂଚଳିକ କମିଟି ସଂପାଦକ ଦିଲ୍ଲିପ ଗିରି, କୃଷକ ସଭା ସଂପାଦକ ରବିନ୍ଦ୍ର ବାରିକ, ଜୀବନ ପରିଡା, ଅତୁଲ ଓଝା, ସେକ୍ ୱାହିଦ୍ ପ୍ରମୁଖ ବନ୍ୟାଂଚଳକୁ ଯାଇ ଶୁଖିଲା ରିଲିଫ ଖାଦ୍ୟ ବଣ୍ଟନ କରିଥିଲେ । ବିଜେପିର ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ପଶ୍ଚିମବାର୍ଡ, ବାଗଣବାଡିଆ, ଝାଡପିମ୍ପଳ ଓ ଖାଲିନା ପଂଚାୟତରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ନମକନା ଗାଁର ୩୦ ପରିବାର ସୁବର୍ଣ୍ଣରେଖାର ଅପର ପାର୍ଶ୍ୱରେ ଥିବାରୁ ସେମାନଙ୍କୁ ଅତ୍ୟାବଶ୍ୟକ ଜିନିଷ ଦିଆଯାଇଛି । ସେଥିରେ ଅରୁଣ ବେଜ, ଜିଲା



ଉପସଭାପତି ସାବିତ୍ରୀ ଜେନା, ପ୍ରଦୀପ ମହାନ୍ତି, ତନ୍ମୟ ଚନ୍ଦ, ଜଗନ୍ନାଥ ଗୋଛାୟତ, ରବିନ୍ଦ୍ର ପାତ୍ର, ଆଦିତ୍ୟ ନାରାୟଣ ପାତ୍ର, ସାରେଶ୍ୱରୀ ମାରାଣ୍ଡି ପ୍ରମୁଖ ସହଯୋଗରେ ରିଲିଫ ବଣ୍ଟନ କରାଯାଇଥିଲା । ଆଜି କଂଗ୍ରେସ ପକ୍ଷରୁ ପିସିସି ସଭାପତି ଶରତ ପଟ୍ଟନାୟକ ସୁବର୍ଣ୍ଣରେଖା ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି । କାଦରାୟାଁ, ନାମ୍ପୋ, ଖାଲିନା, ସମ୍ପତ୍ତିଆ ପଂଚାୟତରେ ସେ ପରିଦର୍ଶନ କଲାବେଳେ ତାଙ୍କ ସହିତ ଜିଲ୍ଲା ସଭାପତି ସଂଜିବ ଗିରି, ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ବ୍ଲକ ସଭାପତି ରାଜୀବ ପରିଡା, ଟାଉନ୍ ସଭାପତି ଗିରିଜା ଶଂକର ଦାସ, ରିଆଜ ଖାଁ, ସତ୍ୟସୁନ୍ଦର ଦାସ, ସୁଦାମ ପାତ୍ର, ମୁନା ଜେନା, ବିନୟ ଜେନା ପ୍ରମୁଖ ସାମିଲ ଥିଲେ ।

## କମୁଛି ପାଣି ବଢୁଛି ଦୁର୍ଦ୍ଦଶା : ଏବେ ବି ୩୦ରୁ ଉର୍ଦ୍ଧ୍ୱ ଗ୍ରାମ ପାଣି ଘେରରେ

ବାଲିଆପାଳ, ୨୩/୦୮ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ହ୍ରାସ ପାଉଥିଲେ ମଧ ଆଜି ବି ବାଲିଆପାଳ ବ୍ଲକରେ ବନ୍ୟା ପରିସ୍ଥିତି ଲାଗିରହିଛି । ଆଜି ବି ବ୍ଲକର ବନ୍ୟା ପ୍ରଭାବିତ । ସମସ୍ତ ୧୯ଟି ପ ।ୟତର ୩୦ରୁ ଉର୍ଦ୍ଧ୍ୱ ଗାଁରେ ଲୋକମାନେ ପାଣି ଘେରରେ ରହିଛନ୍ତି । ବାଲିଆପାଳ-କମର୍ଦ୍ଦା ରାସ୍ତା ବନ୍ୟା ଜଳ ଛାଡିଯାଇଥିବାରୁ ଯାତାୟତ ସ୍ୱାବାବିକ ହୋଇଛି । ସେହିପରି ଆଜି ମଧ ଚଡପାଳ ପଡା, ତଳ ଧାନଦା, ଚଡବଢାପାଳ, ପାଳଚମ୍ପେଇ, ଛୋଟଖାନପୁର, ସୂର୍ଯ୍ୟାପୁର, ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଗମୁହଁ, ତଳ ବାଲିଆପାଳ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉଧୁରିକୁଦ, ଚଡବସ୍ତକାଳରୁହି, ତାଳପଦା, କୁହ୍ଲାଚଡ, ଲକ୍‌ପାଳ, ସୂର୍ଯ୍ୟାପୁର, କ । ବଣି, ଡାଳୁଆ-



୨, ବଢାପାଳ, ସର୍ଦ୍ଦାର ସାହି, ଚୌଧୁରୀକୁଦ, ଚରବସ୍ତ ପ୍ରଭୃତି ଗ୍ରାମ ସମ୍ପୂର୍ଣ୍ଣ ପାଣି ଘେରରେ ରହିଛି । ବାଲିଆପାଳ-ବିଷ୍ଣୁପୁର, ପାଳପଡା-ଚଡ ପାଳପଡା, ପାରୁଳିଆ-ପାଳ ଚମ୍ପେଇ, ପଂଚୁରୁଖି-ଚଉଧୁରିକୁଦ, ଜାମକୁଣ୍ଡା-ତାଳପଦା, ଜାମକୁଣ୍ଡା-କୁହ୍ଲାଚଡ, ଜାମକୁଣ୍ଡା-ନୟାବାଲି, କୁଦମାନସିଂ-କୁଦମାନସିଂ ଚଡ ପ୍ରଭୃତି ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେବା ରୁ ଏହିସବୁ ଗ୍ରାମକୁ ଯୋଗ ଯୋଗ ବିଚ୍ଛିନ୍ନ ହୋଇଛି ତେବେ ବନ୍ୟା ପ୍ରଭାବିତ ଅଂଚଳରେ ସମସ୍ତ ନଳକୂପ ପାଣିରେ ବୁଡି ରହିଥିବାରୁ ପିଇବା ପାଣି ପାଇଁ ଲୋକଙ୍କ ମଧ୍ୟରେ ହାହାକାର ଦେଖିବାକୁ ମିଳିଛି । ପେଟର ଭୋକଠାରୁ ଶୋଷ ବହୁଗୁଣିତ କରିଛି । ସେହିପରି ଆଜି ବନ୍ୟା ଜଳ କମିନଥିଲେ ମଧ ପ୍ରଶାସନ ପକ୍ଷରୁ ଯୋଗଇ ଦିଆଯାଇଥିବା ପାଓାର ବୋଟ ବହୁ ସ୍ଥାନରେ ବନ୍ଦ କରିଦିଆଯାଇଥିବାରୁ ବାଲିଆପାଳ ତହସିଲ ଚଙ୍କାଣ,ଇକଡିପାଳ କୁହ୍ଲାଛଡ ପ୍ରଭୃତି ଗ୍ରାମବାସି ବିପଦପୁର୍ଣ୍ଣ ଭାବରେ ପାଣିରେ ପଶି ଯାତାୟତ କରୁଥିବା ଦେଖିବାକୁ ମିଳିଥିଲା । ତାଳପଦାକୁ ଯିବା ପାଇଁ ଲୋକମାନେ ପାଓରବୋଟ ନପାଇ ଲୋକମାନେ ପାଟିତୁଣ୍ଡ କରିଥିଲେ ଆଜି ମଧ ବ୍ଲକ ପ୍ରଶାନ ପକ୍ଷରୁ ବିଭିନ୍ନ ଆଶ୍ରୟସ୍ଥଳୀରେ ୨୦ ହଜାରରୁ ଉଦ୍ଧର୍ବ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବିଡିଓ ଦୀପକ କୁମାର ଦାସକହିଛନ୍ତି । ତେବେ ବନ୍ୟାପ୍ରଭାବିତ ଅ ଳରେ ବିଦ୍ୟୁତ ସରାବରହ ବନ୍ଦ ରହୁବାରୁ ଲୋକମାନେ ଅନ୍ଧାରରେ ଦନ କାଟୁଥିବା ଅଭିଯାଗ କରିଛନ୍ତି । ପଶୁସମ୍ପଦ ବିଭାଗ ପକ୍ଷରୁ କିଛି ସ୍ଥାନରେ ଘାସ ଏବଂ ଗୋଖାଦ୍ୟ ବିତରଣ କରାଯାଇଥଲେ ମଧ ତାହା ସମସ୍ତ ସ୍ଥାନରେ ପହଂଚିପାରିନାହିଁ । ବିଷ୍ଣୁପୁର ସରପଂଚ ମହେଶ୍ୱର ଜେନା ବିଷ୍ଣୁପୁର ପ ।ୟତ ବନ୍ୟାରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିଲା ବେଳେ ତାଙ୍କ ପଂଚାୟତକୁ ଗୋଖାଦ୍ୟ ପହଂଚିନଥିବାରୁ ବିଭାଗୀୟ ଡାକ୍ତରଙ୍କୁ ଘେରିଥିଲେ । ବାଲେଶ୍ୱର ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦ ।ତ୍ରୟ ଭାଉ ସାହେବ ସିନ୍ଧେ, ତହସିଲଦାର ଦୀପକ କୁମାର ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର ସାହୁ ଏବଂ ବିଭାଗୀୟ ସମସ୍ତ ଅଧିକାରୀ ବିଭିନ୍ନ ସ୍ଥାନ ବୁଲି ଦେଖିଛନ୍ତି । ତେବେ ବନ୍ୟା ପ୍ରଭବିତ ଅଂଚଳରେ ତୁରନ୍ତ ରିଲିଫ ଯୋଗାଇବା ସହ ସମସ୍ତ ସୁବିଦା ସୁଯୋଗ ଯୋଗଇ ଦେବାକୁ ଦାବି ହୋଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo